


ଯା ଦେବୀ ସର୍ବଭୂତେଷୁ...


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୨୬ ନଭେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 26 November 2025
Vol.No. 36 ■ No.311 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


## ଭାରତରେ ନେପାଳ ବର୍ଡର ଜରିଆରେ ଅନୁପ୍ରବେଶ କରୁଥିବା ଚୀନା ନାଗରିକ ଗିରଫ

ନୂଆଦିଲ୍ଲୀ,୨୫/୧୧ : ଇଣ୍ଡୋ-ନେପାଳ ଅନ୍ତର୍ଜାତୀୟ ସୀମା ଚେକପୋଷ୍ଟରେ ପୁନର୍ବାର ସୁରକ୍ଷାରେ ତ୍ରୁଟି ଦେଖାଦେଇଛି। ସୀମା ସୁରକ୍ଷା ବଳ ଓ ପୋଲିସ ଟିମର ମିଳିତ ତଲାସୀ ଅଭିଯାନରେ ସୋମବାର ରାତି ସମୟରେ ଜଣେ ଚୀନ ନାଗରିକଙ୍କୁ ବେଆଇନ କାର୍ଯ୍ୟକଳାପ ଓ ସୀମାର ଅତ୍ୟନ୍ତ ସମ୍ବେଦନଶୀଳ ଅଞ୍ଚଳରେ ଭିଡିଓଗ୍ରାଫି କରୁଥିବା ଅଭିଯୋଗରେ ଗିରଫ କରାଯାଇଛି। ସଶସ୍ତ୍ର ସୀମା ବଳ (ଏସଏସବି)ର ୪୨ତମ ବାହିନୀର ଉପ ନିରୀକ୍ଷକ ରନଶେ ଯାଦବ ଓ ରୁପୈଡ଼ିହା ଥାନା ପ୍ରଭାରୀ ରମେଶ ରାଓ୍ୱତ ପୋଲିସ ଦଳ ସହ ମିଶି ସୀମାରେ ପହରା ଦେଉଥିଲେ। ଏହି ସମୟରେ ସେମାନେ ଭାରତୀୟ ସୀମାଭିତରେ ବୁଲୁଥିବା ଜଣେ ଚୀନ ନାଗରିକଙ୍କୁ ଦେଖିଥିଲେ। ସନ୍ଦିଗ୍ଧ ଚୀନ ନାଗରିକଙ୍କୁ ରୋକି ସୁରକ୍ଷା ବଳ ତାଙ୍କୁ ଭାରତୀୟ ଅଞ୍ଚଳରେ ଘୁରୁଥିବା କାରଣ ପଚାରିଲେ, କିନ୍ତୁ ସେ ଏଥିପାଇଁ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରିଲେ ନାହିଁ।

# ଇଥିଓପିଆରେ ଅଗ୍ନି ଉଦ୍‌ଗୀରଣ: ଉତ୍ତର ଭାରତ ଯାଏଁ ମାଡ଼ି ଆସିଲାଣି ଧୂଆଁ ଓ ବିଷାକ୍ତ ପାଉଁଶ

ନୂଆଦିଲ୍ଲୀ,୨୫/୧୧ : ୧୨ ହଜାର ବର୍ଷ ପରେ ଇଥିଓପିଆର ଆଫାର୍ ଅଞ୍ଚଳରେ ଥିବା ହାଇଲି ଗୁବ୍ବି ଆଗ୍ନେୟଗିରିରୁ ଉଦ୍‌ଗିରଣ ହୋଇଛି । ଫଳରେ ଆକାଶରେ ୧୪ କିଲୋମିଟର ଉଚ୍ଚ ପର୍ଯ୍ୟନ୍ତ ବ୍ୟାପି ଯାଇଛି ଘନଧୂଆଁ ଓ ବିଷାକ୍ତ ପାଉଁଶ । ଆଖପାଖ ଅଞ୍ଚଳ ପାଉଁଶରେ ଘୋଡ଼ାଇ ହୋଇପଡ଼ିଛି। ଶହେରୁ ଶହେ କୋଡିଏ ବେଗ ମଧ୍ୟରେ ପବନ ବହୁଥିବାରୁ ଭାରତ ସମେତ ବହୁ ଦେଶ ପ୍ରଭାବିତ ହୋଇଛନ୍ତି । ଏପରିକି ଘନଧୂଆଁ ଓ ବିଷାକ୍ତ ପାଉଁଶ ବିଭିନ୍ନ ଦେଶ ଅତିକ୍ରମ କରି ରାଜସ୍ଥାନ, ହରିୟାଣା, ପଞ୍ଜାବ ଦେଇ ଦିଲ୍ଲୀରେ ପ୍ରବେଶ କରିଛି । ପୂର୍ବରୁ ବାୟୁ ପ୍ରଦୂଷଣ ଯୋଗୁ ଦିଲ୍ଲୀରେ ଶ୍ୱାସକ୍ରିୟାରେ ସମସ୍ୟା ହେଉଥିବା ବେଳେ ରବିବାରଠାରୁ ଆହୁରି ବିଗିଡ଼ି ଯାଇଛି ସ୍ଥିତି । ଏହି ଧୂଆଁ ଓ ପାଉଁଶ ଚୀନ ଆଡ଼କୁ ବ୍ୟାପୁଛି । ଏହି କାରଣରୁ ଭାରତ ଓ ବିଭିନ୍ନ ପଶ୍ଚିମ ଏସୀୟ ଦେଶରେ ବିମାନ ଚଳାଚଳରେ ସତର୍କତା ନେଇ ପରାମର୍ଶାବଳୀ ଜାରି କରିଛି ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ । ଏହାପରେ ୧୨ଟି ବିମାନ ଚଳାଚଳ ବାତିଲ କରିଛି ଏୟାର ଇଣ୍ଡିଆ । ନ୍ୟୁୟର୍କରୁ ଦିଲ୍ଲୀ, ଦୁବାଇରୁ ହାଇଦ୍ରାବାଦ୍, ଦୋହାରୁ ମୁମ୍ବାଇ, ଦୁବାଇରୁ ଚେନ୍ନାଇ, ଦମମରୁ ମୁମ୍ବାଇ, ଦୋହାରୁ ଦିଲ୍ଲୀ, ଚେନ୍ନାଇରୁ ମୁମ୍ବାଇ, ହାଇଦ୍ରାବାଦରୁ ଦିଲ୍ଲୀ ବିମାନ ବାତିଲ ହୋଇଛି । ଇଥିଓପିଆର ଆଗ୍ନେୟଗିରି ଉଦଗିରଣରେ ପାଉଁଶ ଓ ଧୂଆଁ ଯୋଗୁ ଅନ୍ୟ ଦେଶ ମଧ୍ୟ ପ୍ରଭାବିତ ହୋଇଛନ୍ତି । ଆହୁରି ବିଭିନ୍ନ କମ୍ପାନିର ବିମାନ ମଧ୍ୟ ବାତିଲ ହୋଇଛି । ଦିଲ୍ଲୀରେ ବାୟୁ ପ୍ରଦୂଷଣ ଚରମ ସ୍ଥିତିରେ ପହଞ୍ଚିଛି। ସୃଷ୍ଟି ହୋଇଛି ଜଳବାୟୁ ସମ୍ପର୍କିତ ଏକ ଅଘୋଷିତ ଜରୁରିକାଳୀନ ସ୍ଥିତି । ଲାଗୁ ହୋଇଛି ଓ୍ୱାର୍କ ଫ୍ରମ୍



ହୋମ୍ ନିୟମ । ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ନେଇ ଦିଲ୍ଲୀ ସରକାର ଏହି ନିଷ୍ପତ୍ତି ନେଇଛନ୍ତି । ସରକାରୀ ଓ ବେସରକାରୀ ଅଫିସରେ କେବଳ ୫୦ ପ୍ରତିଶତ କର୍ମଚାରୀରେ କାମ ହେବ । ଅବଶିଷ୍ଟ କର୍ମଚାରୀ ଘରେ ରହି କାମ କରିବେ। ଆଜିଠାରୁ ଏହି ନିୟମ କାର୍ଯ୍ୟକାରୀ ହୋଇଛି । ଗ୍ରେନେଡ୍ ରେସପନସ ଆକ୍ସନ ପ୍ଲାନ୍ – ଗ୍ରାପ୍ ଷ୍ଟେଜ୍ ଥ୍ରି ଅନୁଯାୟୀ ଏହି ନିଷ୍ପତ୍ତି ନିଆଯାଇଛି । ଗତ କିଛିଦିନ ଧରି ଦିଲ୍ଲୀର ବାୟୁ ଗୁଣବତ୍ତା ଅତି ଖରାପ ସ୍ଥିତିରେ ରହିଛି । ଯାନବାହନ ଚଳାଚଳ ଯୋଗୁ ବାୟୁ ପ୍ରଦୂଷଣ ଆହୁରି ଖରାପ ହେଉଥିବାରୁ ଏହା କମ୍ କରିବା ପାଇଁ ଦିଲ୍ଲୀ ସରକାର ନିଷ୍ପତ୍ତି ନେଇଛନ୍ତି । ଏଥିପାଇଁ ୫୦ ପ୍ରତିଶତ କର୍ମଚାରୀରେ ଅଫିସ କାମ ଚାଲିବ । ଅବଶିଷ୍ଟ ୫୦ ପ୍ରତିଶତ କର୍ମଚାରୀ ଘରେ ରହି କାମ କରିବେ। ଫଳରେ ଅଫିସ୍ କାମ ବାଧାପ୍ରାପ୍ତ ହେବନାହିଁ ।

## ଆଜି ବି ଖୋଲିଲାନି ମଣ୍ଡି



ଭୁବନେଶ୍ୱର, ୨୫/୧୧ (ନି.ପ୍ର): ଆଜି ମଣ୍ଡି ଖୋଲିବ ବୋଲି କହିଥିଲେ ମନ୍ତ୍ରୀ । କିନ୍ତୁ ବିଡମ୍ବନାର ବିଷୟ ଆଜି କେଉଁଠି ମଣ୍ଡି ଖୋଲିଲା ତାହା ଜଣାପଡ଼ିନି । ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଚାଷୀ । ଅନ୍ୟପଟେ ମଣ୍ଡି ଖୋଲା ବିଳମ୍ବକୁ ନେଇ ସରକାରଙ୍କୁ ଘେରିଛନ୍ତି ବିରୋଧୀ। ଜବାବରେ ବିଜେପି କହିଛି ଚାଷୀଙ୍କ ସହ ଅଛନ୍ତି ମୋହନ ସରକାର । ବିଳମ୍ବରେ ହେଉ ପଛେ୨୫ତାରିଖରେ ମଣ୍ଡି ଖୋଲିବ ବୋଲି ସମବାୟ ମନ୍ତ୍ରୀ କହିବା ପରେ ଚାଷୀ ଆଶ୍ୱସ୍ତ ହୋଇଥିଲେ । ଅମଳ ଧାନ ଆଣି ବିକିବାକୁ ମାର୍କେଟ ୟାର୍ଡରେ ଗଦା କରିଥିଲେ । କିନ୍ତୁ ବିଡମ୍ବନାର ବିଷୟ ଦିନ ତମାମ ଅପେକ୍ଷା କଲା ବି ସନ୍ଧ୍ୟା ସୁଦ୍ଧା ରାଜ୍ୟର କୌଣସି ସ୍ଥାନରେ ମଣ୍ଡି ଖୋଲିନି । ଓଡ଼ିଶାର ଭାତ ହାଣ୍ଡି କୁହାଯାଉଥିବା ବରଗଡ଼ରେ ୨୮ରେ ଖୋଲିବାକୁ ଜିଲ୍ଲା ପ୍ରଶାସନ ପ୍ରସ୍ତୁତି କରୁଛି । ସେହିପରି ସମ୍ବଲପୁରରେ ନଭେମ୍ବର ୨୮, ଝାରସୁଗୁଡ଼ା ଓ ସୋନପୁରରେ ଡିସେମ୍ବର ୯, ବଲାଙ୍ଗୀରରେ ଡିସେମ୍ବର ୫, କୋରାପୁଟରେ ଡିସେମ୍ବର ୧୧ରେ ଖୋଲିବ ମଣ୍ଡି । ବଡ଼ କଥା ହେଉଛି ଅଧିକାଂଶ ଜିଲ୍ଲାରେ କେବେ ମଣ୍ଡି ଖୋଲିବ ତାହା ସ୍ଥିର ହୋଇନାହିଁ । ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଚାଷୀ । ମଣ୍ଡି ଖୋଲା ବିଳମ୍ବକୁ ନେଇ ତେଜିଛି ରାଜନୀତି । ସରକାରଙ୍କୁ ଘେରିଛନ୍ତି ବିରୋଧୀ । ବିଜେଡି ବିଧାୟକ କହିଛନ୍ତି, ମଣ୍ଡି ଖୋଲି ନଥିବାରୁ ଚାଷୀ ଅଭାବୀ ବିକ୍ରିର ଶିକାର ହେଲେଣି । ହଜାର ହଜାର ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହେବାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି । ଏପର୍ଯ୍ୟନ୍ତ ଚାଷୀଙ୍କୁ ଟୋକନ୍ ମିଳିନଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି । ସରକାରଙ୍କୁ ଅପରାଗ କହି କଟାକ୍ଷ କରିଛନ୍ତି କଂଗ୍ରେସ ବିଧାୟକ ପବିତ୍ର ସାଉନ୍ତା ହେଲେ, ବିରୋଧୀଙ୍କ ଅଭିଯୋଗକୁ ମାନିବାକୁ ନାରାଜ ଶାସକ ଦଳ ।

## ମାଓବାଦୀଙ୍କୁ ଘାରିଲାଣି ଏନ୍‌କାଉଣ୍ଟର ଭୟ: ଆତ୍ମସମର୍ପଣ ପାଇଁ ଫେବୃଆରି ୧୫ ଯାଏଁ ମାଗିଲେ ସମୟ

ଭୁବନେଶ୍ୱର, ୨୫/୧୧ (ନି.ପ୍ର): ମାଓବାଦୀଙ୍କ ବିରୋଧରେ ଅପରେସନ ଜୋରଦାର କରିଛି ସୁରକ୍ଷା ବଳ । ଧୀରେଧୀରେ ଗୋଟିଏ ପରେ ଗୋଟିଏ ମାଓବାଦୀଙ୍କ ଗଡ଼ ଭାଙ୍ଗିବାରେ ଲାଗିଛି । ଏବେ ମାଓବାଦୀଙ୍କୁ ଘାରିଛି ଏନ୍‌କାଉଣ୍ଟର ଭୟ । ଅଧିକ ସଂଖ୍ୟାରେ ମାଓବାଦୀ ଏବେ ଆତ୍ମସମର୍ପଣ କରିବାରେ ଲାଗିଛନ୍ତି । ଏହାର ଏକ ଅଡିଓ ଏବେ ସାମ୍ନାକୁ ଆସିଛି। ଏବେ ବିଭିନ୍ନ ଜୋନ୍‌ର ମାଓନେତାମାନେ ପରସ୍ପର ସହ ଆଲୋଚନା କରିବାକୁ ଚାହୁଁଛନ୍ତି । ତେଣୁ ଫେବ୍ରୁଆରି ୧୫ ପର୍ଯ୍ୟନ୍ତ ସୁରକ୍ଷାବଳ ପକ୍ଷରୁ ସଶସ୍ତ୍ର କାର୍ଯ୍ୟାନୁଷ୍ଠାନ ବନ୍ଦ କରିବାକୁ ମାଓବାଦୀଙ୍କ ପକ୍ଷରୁ ଚିଠିରେ ନିବେଦନ କରାଯାଇଛି । ଖୋଦ ମାଓ ପ୍ରବକ୍ତା ୩ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ସଶସ୍ତ୍ର ସଂଘର୍ଷ ବନ୍ଦ କରିବା ଉପରେ ବିଚାର କରିବା ଲାଗି ୨୦୨୬ ଫେବ୍ରୁଆରି ୧୫ ପର୍ଯ୍ୟନ୍ତ ସମୟ ମଗାଯାଇଥିବା କହିଛନ୍ତି । ଗତ କିଛି ମାସ ହେଲା ମାଓ ବିରୋଧରେ ଅପରେସନ୍ ଜୋରଦାର ହୋଇଛି । ସୁରକ୍ଷାବାହିନୀ ଗୁଳିରେ ନିହତ ହୋଇଛି ମାଓ ନେତା ମାଡ଼ଭି ହିଡ଼ମା । ଏହାପରେ ଗତ ସୋମବାର ପ୍ରାୟ ୧୫ ଜଣ ମାଓବାଦୀ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମୁଣ୍ଡରେ ୪୮ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା । ଏହାପୂର୍ବରୁ ତେଲେଙ୍ଗାନାରେ ମଧ୍ୟ ୩୭ ଜଣ ମାଓବାଦୀ ପୁଲିସ ନିକଟରେ ସରେଣ୍ଡର କରିଥିଲେ ।

▶▶ପୃଷ୍ଠା ୭

## ୧୦ ବର୍ଷ ଭିତରେ ବଦଳିଯିବ ଚିତ୍ର : ଦେଶର ଶ୍ରେଷ୍ଠ ୫ ରାଜ୍ୟ ଭିତରେ ରହିବ ଓଡ଼ିଶା

ଭୁବନେଶ୍ୱର, ୨୫/୧୧ (ନି.ପ୍ର): ୧୦ ବର୍ଷ ଭିତରେ ବଦଳିଯିବ ଓଡ଼ିଶାର ଚିତ୍ର ,ସମୃଦ୍ଧ ହେବ ଓଡ଼ିଶା । ଦେଶର ଶ୍ରେଷ୍ଠ ୫ ରାଜ୍ୟମାନଙ୍କ ଭିତରେ ରହିବ ଓଡ଼ିଶା । ଉତ୍କଳ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ପକ୍ଷରୁ ଆୟୋଜିତ ସମୃଦ୍ଧ ଓଡିଶା କନକ୍ଲେଭକୁ ଉଦଘାଟନ କରି ମୋହନ ମାଝୀ ଆଗାମୀ ଓଡିଶାର ସ୍ୱପ୍ନ ଉପରେ ଏମିତି ଆଲୋକପାତ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ,



ଓଡ଼ିଶାରେ ଶିଳ୍ପ ବିପ୍ଳବ ଆରମ୍ଭ ହୋଇଛି । ରାଜ୍ୟ ଏବେ ୧୨୦ ବିଲିୟନ୍ ଅର୍ଥନୀତିରେ ଅଛି । ସରକାର ଏବେ ସୁଦ୍ଧା ୫ ଲକ୍ଷ ୬୦ ହଜାର କୋଟିର ୨୬୦ଟି ପ୍ରକଳ୍ପ ଅନୁମୋଦନ କରିଛନ୍ତି । ଏହାଦ୍ୱାରା ୩ଲକ୍ଷ ୬୦ହଜାର ନିଯୁକ୍ତି ସୃଷ୍ଟି ହେବ । ୨୦୩୬ ସୁଦ୍ଧା ଅର୍ଥନୀତିରେ ଶ୍ରେଷ୍ଠ ୫ ରାଜ୍ୟରେ ଓଡ଼ିଶା ରହିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । ସମୃଦ୍ଧ ଓଡ଼ିଶା ମଞ୍ଚରୁ ତତ୍‌କାଳୀନ ବିଜେଡି ସରକାରକୁ ଟାର୍ଗେଟ କରିଥିଲେ ମୁଖ୍ୟମନ୍ତ୍ରୀ । କହିଥିଲେ, ୨୪ ବର୍ଷ ସ୍ଥିର ସରକାର ଥିଲା , ଶିଳ୍ପରେ ବିପ୍ଳବ କରିପାରିଥାନ୍ତେ । କିନ୍ତୁ କିଛି କରିପାରିଲେନି । ମେକ୍ ଇନ ଓଡ଼ିଶା ସଂସ୍କରଣରେ କେତେ ଗ୍ରାଉଣ୍ଡିଂ ହେଲା ? ଏହା ଓଡ଼ିଶାକୁ ଧୋକ୍କା ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । ୧୭ ମାସ ଭିତରେ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ୧୭ ଲକ୍ଷ କୋଟି ଟଙ୍କା ନିବେଶ ପାଇଁ ବୁଝାମଣା ପତ୍ର ରାଜ୍ୟ ସରକାରଙ୍କ ବଡ ଉପଲବ୍ଧି ବୋଲି କହିଛନ୍ତି ମୋହନ ମାଝି । ଜନତା ମୈଦାନରେ ସମୃଦ୍ଧ ଓଡିଶା କନକ୍ଲେଭ ଦୁଇଦିନ ଚାଲିବ । ଏଥିରେ ବିଭିନ୍ନ ସରକାରୀ ଓ ଘରୋଇ ଶିଳ୍ପସଂସ୍ଥା ଯୋଗଦେଇଛନ୍ତି ।

## ୨୭ରୁ ବିଧାନସଭା ଅଧିବେଶନ : ସେପଟେ ସରକାରଙ୍କୁ ଘେରିବାକୁ ବିରୋଧୀଙ୍କ ପାଖରେ ମାଳମାଳ ପ୍ରସଙ୍ଗ

ଭୁବନେଶ୍ୱର, ୨୫/୧୧ (ନି.ପ୍ର): ନୂଆପଡ଼ା ଉପନିର୍ବାଚନରେ ବଡ଼ ବ୍ୟବଧାନରେ ଜିତିଲା ବିଜେପି । ଦୃଢ଼ ମନୋବଳ ନେଇ ଆସନ୍ତା ୨୭ ତାରିଖରୁ ଆରମ୍ଭ ହେବାକୁ ଥିବା ବିଧାନସଭାକୁ ଓହ୍ଲାଇବ ଶାସକ ଦଳ । ସେପଟେ ପରାଜୟକୁ ସ୍ୱୀକାର କରୁନାହାନ୍ତି ବିରୋଧୀ । ଭୋଟ ଅନିୟମିତତା ପ୍ରସଙ୍ଗ ଧରି ସରକାରଙ୍କୁ ଘେରୁଛି ବିଜେଡି । ଆଉ କଂଗ୍ରେସ ବି କହୁଛି ଯେ ଉପନିର୍ବାଚନ ଜିତିବା ପଛର



ଅନେକ କାରଣ ମଧ୍ୟରୁ ବୁଥ୍ ରିଗିଂ, ଇଭିଏମ୍ ଟ୍ୟାମ୍ପରିଂ ଅନ୍ୟତମ । ଏସବୁକୁ ନେଇ ବିଧାନସଭା ଅଧିବେଶନ ସରଗରମ ହେବ ବୋଲି ପୂର୍ବାନୁମାନ କଲେଣି ରାଜନୈତିକ ବିଶେଷଜ୍ଞ । ଏହି ଅଧିବେଶନରେ ପ୍ରଥମ ଅତିରିକ୍ତ ବଜେଟ୍ ଆସିବ। ଗୃହ କାର୍ଯ୍ୟ ଯେପରି ସୁରୁଖୁରରେ ଚାଲିବ ସେଥିପାଇଁ ବାଚସ୍ପତି ନଭେମ୍ବର ୨୬ରେ ସର୍ବଦଳୀୟ ବୈଠକ ଡାକିଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମ୍ବୋଧନରୁ ଆରମ୍ଭ ହେବାକୁ ଥିବା ଏହି ଅଧିବେଶନ କିନ୍ତୁ ଚର୍ଚ୍ଚାରେ ରହିବ । ବିରୋଧୀଙ୍କ ହାତରେ ପୁଳାପୁଳା ପ୍ରସଙ୍ଗ ଥିବାବେଳେ ସରକାର ବି ଚୁପ୍ ବସିବେ ନାହିଁ।

▶▶ପୃଷ୍ଠା ୭

## ବିଜେଡିର ପଦ ଛାଡ଼ିଲେ ବରିଷ୍ଠ ନେତା ଏବଂ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ

ଭୁବନେଶ୍ୱର, ୨୫/୧୧ (ନି.ପ୍ର): ପୁଣି ବିଜେଡିରେ ହଲଚଲ୍। ଦଳୀୟ ପଦ ଛାଡ଼ିଲେ ବିଜେଡିର ବରିଷ୍ଠ ନେତା ଏବଂ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ। ସେ ବିଜେଡିର ସିନିଅର ସିଟିଜେନ୍ ସେଲ୍ ଉପସଭାପତି ପଦରୁ ଇସ୍ତଫା ଦେଇଛନ୍ତି। ସେ ନିଜର ଇସ୍ତଫାପତ୍ର ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ପାଖକୁ



ପଠାଇଛନ୍ତି। ଏହାପରେ ଚର୍ଚ୍ଚା ଆରମ୍ଭ ହେଲାଣି ଯେ ଦେବାଶିଷ ସାମନ୍ତରାୟ ଖୁବ୍ ଶୀଘ୍ର ବିଜେଡି ଛାଡ଼ିବେ ଏବଂ ବିଜେପିରେ ଯୋଗ ଦେବେ। ଖାଲି ସେତିକି ନୁହେଁ, ଆଗରୁ ବିଜେଡିର ଦୁଇ ରାଜ୍ୟସଭା ସାଂସଦ ପଦରୁ ଇସ୍ତଫା ଦେଇ ବିଜେପି ଟିକେଟରେ ପୁଣି ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। ଠିକ୍ ସେହି ପନ୍ଥା ଅବଲମ୍ବନ କରିପାରନ୍ତି ଦେବାଶିଷ ସାମନ୍ତରାୟ। ସୂଚନାଯୋଗ୍ୟ, କିଛି ଦିନ ତଳେ ଯେତେବେଳେ ଶ୍ରୀମୟୀ ମିଶ୍ରଙ୍କୁ ଦଳରୁ ବିଦା କରିଥିଲା ବିଜେଡି ସେତେବେଳେ ଏହାକୁ କଡ଼ା ଭାଷାରେ ନିନ୍ଦା କରିଥିଲେ ଦେବାଶିଷ ସାମନ୍ତରାୟ। ସେ କେବଳ ଶ୍ରୀମୟୀ ମିଶ୍ରଙ୍କୁ ସମର୍ଥନ କରିଥିଲେ, ତାହା ନୁହେଁ, ବରଂ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ ନିଲମ୍ବିତ କରାଯିବା ଠିକ୍ ହୋଇନାହିଁ ବୋଲି କହିଥିଲେ। ନବୀନ ପଟ୍ଟନାୟକ ବି ହାରିଛନ୍ତି ବୋଲି କହିଥିଲେ। ଏପରିକି ଯେଉଁ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ

▶▶ପୃଷ୍ଠା ୭

## ବାଲିମାଫିଆଙ୍କ ସଙ୍ଘବଦ୍ଧ ଆକ୍ରମଣରେ ବେତନଟୀ ତହସିଲଦାର ଓ ଚାଳକ ଆହତ

ବେତନଟୀ, ୨୫/୧୧(ନି.ପ୍ର) : ୧୮ନଂ ଜାତୀୟରାଜପଥ ତୁଳସୀଚଉରା ଢ଼ାବା ନିକଟରେ ବାଲିମାଫିଆଙ୍କ ସଂଘବଦ୍ଧ ଆକ୍ରମଣରେ ବେତନଟୀ ତହସିଲଦାର ଓ ଚାଳକ ଆହତ ହୋଇଥିବା ବେଳେ ଅନ୍ୟ ତିନିଜଣ କର୍ମଚାରୀ ମଧ୍ୟ ବାଲିମାଫିଆଙ୍କ ଦୁର୍ବ୍ୟବହାରର ଶିକାର ହୋଇଛନ୍ତି କ୍ଷ ସୂଚନା ମୁତାବକ ବେତନଟୀରେ



ନୂଆକରି ଦାୟୀତ୍ୱ ଗ୍ରହଣ କରିଥିବା ତହସିଲଦାର ଚନ୍ଦ୍ରଜିତ ବେହେରା

କୌଣସି କାମରେ ଯାଉଥିବା ସମୟରେ ମଙ୍ଗଳବାର ଅପରାହ୍ନ ଚାରିଟା ପାଖାପାଖି ସମୟରେ ବେତନଟୀ ଜେଏମଏଫସି କୋର୍ଟ ନିକଟରେ ମୁକ୍ତାପୁର ଗ୍ରାମର ଯଦୁନାଥ ଜେନାଙ୍କ ପୁଅ ସୁନୀଲ ଲେଙ୍କା ନାମରେ ପଞ୍ଜିକୃତ ଓଡି - ୧୧ଏଇ-୩୨୩୪ ନମ୍ବର ବିଶିଷ୍ଟ ଚୋରା ବାଲି ବୋଝେଇ ଟ୍ରାକ୍ଟରକୁ ଜବତକରି

▶▶ପୃଷ୍ଠା ୭

## ରାମ ମନ୍ଦିରର ଶିଖରରେ ଉଡ଼ିଲା ଧ୍ୱଜା ଏହା ଭାରତୀୟ ସଭ୍ୟତାର ପୁନର୍ଜାଗରଣର ପତାକା: ମୋଦୀ

ନୂଆଦିଲ୍ଲୀ,୨୫/୧୧ : ଶ୍ରୀରାମ ଜନ୍ମଭୂମି ମନ୍ଦିରରେ ଐତିହାସିକ ଧ୍ୱଜା ଉଡ଼ିଛି। ଆଜି ଅଯୋଧ୍ୟାରେ ଏକ ଐତିହାସିକ ମୁହୂର୍ତ୍ତ ଜୀବନ୍ତ ହୋଇ ଉଠିଛି। ଶ୍ରୀରାମ ଜନ୍ମଭୂମି ମନ୍ଦିର ଉପରେ ଧର୍ମଧ୍ୱଜ ଉଡିଥିବାବେଳେ ଏହି ପବିତ୍ର ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଭୁ ରାମଙ୍କୁ ହାତ ଯୋଡି ପ୍ରଣାମ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ 'ଆଜି, ଅଯୋଧ୍ୟା ସହର ଭାରତର ସାଂସ୍କୃତିକ ଚେତନାରେ ଏକ ଭିନ୍ନ ଯୋଗଦାନ ରଖୁଛି । ଶ୍ରୀରାମ ଜନ୍ମଭୂମି ମନ୍ଦିରରେ ପତାକା ଉତ୍ତୋଳନ ଉତ୍ସବର ଏହି ମୁହୂର୍ତ୍ତ ଅନନ୍ୟ ଏବଂ ଅସାଧାରଣ। ଏହି ଧର୍ମଧ୍ୱଜ କେବଳ ଏକ ପତାକା ନୁହେଁ... ଏହା ଭାରତୀୟ ସଭ୍ୟତାର ପୁନର୍ଜାଗରଣର ପତାକା।



ପ୍ରଧାନମନ୍ତ୍ରୀ ମୋଦୀ ଆହୁରି କହିଛନ୍ତି, 'ଶତାବ୍ଦୀର ଯନ୍ତ୍ରଣା ଆଜି ଶେଷ ହେଉଛି। ଶତାବ୍ଦୀର ସଂକଳ୍ପ ଆଜି ପୂରଣ ହେଉଛି। ଆଜି ଏପରି ଏକ ଯଜ୍ଞର ସମାପ୍ତି ହେଉଛି ଯାହାର ଅଗ୍ନି ୫୦୦ ବର୍ଷ ଧରି ଜଳିଥିଲା। ଏକ ଯଜ୍ଞ ଯାହା କେବେ ବି ନିଜ ଭକ୍ତିରେ ଡରିନଥିଲା, କେବେ ନିଜ ବିଶ୍ୱାସ ହରାଇ ନଥିଲା।

▶▶ପୃଷ୍ଠା ୭

# ଆରଏସପିର ଇସ୍ପାତ ଜେନେରାଲ ହସ୍ପିଟାଲର ଡାକ୍ତର ମନୋଜ ପାଣିଗ୍ରାହୀ ଓଡ଼ିଶା ସରକାରଙ୍କ ଦ୍ୱାରା ସମ୍ମାନିତ




ରାଉରକେଲା,୨୫/୧୧ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଇସ୍ପାତ ଜେନେରାଲ୍ ହସ୍ପିଟାଲର ଅତିରିକ୍ତ ସିଏମଓ ଡାକ୍ତର ମନୋଜ ପାଣିଗ୍ରାହୀ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ଦ୍ୱାରା ରାଜ୍ୟ ସ୍ତରରେ ପୁରସ୍କୃତ ହୋଇ ପାଇଁ କମ୍ପାନୀ ପାଇଁ ଗୌରବ ଆଣିଛନ୍ତି। ୨୦୨୪-୨୫ ବର୍ଷ ମଧ୍ୟରେ ସର୍ବାଧିକ ସଂଖ୍ୟକ ପୁରୁଷ ବନ୍ଧ୍ୟାକରଣ ଅସ୍ତ୍ରୋପଚାରରେ ତାଙ୍କର ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ଦେବା ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି।

ଏହି ସମ୍ବର୍ଦ୍ଧନା ସମାରୋହ ନଭେମ୍ବର ୨୧ ତାରିଖରେ ଭୁବନେଶ୍ୱରର ଗୀତ ଗୋବିନ୍ଦ ସଦନରେ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଡାକ୍ତର ପାଣିଗ୍ରାହୀଙ୍କୁ ୫୦୦୦ ଟଙ୍କାର ନଗଦ ପୁରସ୍କାର ସହିତ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ। ଏହି ପୁରସ୍କାର ପରିବାର ନିୟୋଜନ ପଦକ୍ଷେପରେ ପୁରୁଷ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଏବଂ ଅଞ୍ଚଳରେ ପରିବାର କଲ୍ୟାଣ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

ଡକ୍ଟର ମନୋଜ ପାଣିଗ୍ରାହୀଙ୍କ ସଫଳତା ସେଲ୍, ରାଉରକେଲା ଇସ୍ପାତ କାରଖାନା ଅଧୀନରେ ଥିବା ଇସ୍ପାତ ଜେନେରାଲ୍ ହସ୍ପିଟାଲର ସମର୍ପିତ ଚିକିତ୍ସାସେବା, ବିଶେଷଜ୍ଞତା ଏବଂ ସେବା-ଭିତ୍ତିକ ଆଭିମୁଖ୍ୟକୁ ପ୍ରତିଫଳିତ କରେ। ଏହା ଜନସ୍ୱାସ୍ଥ୍ୟ ଲକ୍ଷ୍ୟକୁ ଆଗକୁ ବଢ଼ାଇବା ଏବଂ ଜନସଂଖ୍ୟା ସ୍ଥିରୀକରଣ ଏବଂ ପରିବାର କଲ୍ୟାଣ ଉପରେ କେନ୍ଦ୍ରିତ ସରକାରୀ କାର୍ଯ୍ୟକ୍ରମଗୁଡ଼ିକୁ ସମର୍ଥନ କରିବା ଦିଗରେ ଆଇଜିଏଚରେ ଚାଲିଥିବା ପ୍ରୟାସକୁ ମଧ୍ୟ ସୁଦୃଢ଼ କରୁଛି ।

# ଆଜି ଜିଲ୍ଲା ଖରିଫ ଧାନ ସଂଗ୍ରହ ବୈଠକ

ବଲାଙ୍ଗିର,୨୫/୧୧ (ନି.ପ୍ର): ବଲାଙ୍ଗିର ଜିଲ୍ଲାରେ ଖରିଫ ଧାନ ସଂଗ୍ରହ ବିଷୟରେ ଆଲୋଚନା କରିବା ପାଇଁ ସୋମବାର ଦିନ ଏକ ଜିଲ୍ଲାସ୍ତରୀୟ ଡି.ଏଲ୍.ପି.ସି. ବୈଠକ ହେବାର କାର୍ଯ୍ୟକ୍ରମ ରହିଛି। ଏହି ବୈଠକରେ ଧାନ ସଂଗ୍ରହ ବିଷୟରେ ଆଲୋଚନା କରାଯିବ ଏବଂ ଖରିଫ ଧାନ ସଂଗ୍ରହ ଏକ ନିର୍ଦ୍ଧାରିତ ତାରିଖରେ ଆରମ୍ଭ ହେବ। ତଥାପି, ରିପୋର୍ଟ ଅନୁଯାୟୀ, ଅନେକ ମିଲରଙ୍କ ଗୋଦାମରେ ୨୦୨୪-୨୫ ଖରିଫ ଏବଂ ରବି ଋତୁର ଧାନ ମହଜୁଦ ରହିଛି। ଏହାଦ୍ୱାରା ମିଲରମାନେ ନୂତନ ଧାନ କିପରି ଅମଳ କରିବେ ତାକୁ ନେଇ ପ୍ରଶ୍ନ ଉଠିଛି। ରବି ଋତୁରେ ପ୍ରାୟ ୧୪ ଲକ୍ଷ କ୍ୱିଂଟାଲ ଧାନ, ମୁଖ୍ୟତଃ ବଲାଙ୍ଗୀର, କୋରାପୁଟ, ସୋନପୁର ଏବଂ ନୂଆପଡା ଜିଲ୍ଲାରୁ, ଏବେ ବି ମିଲରମାନଙ୍କ ଗୋଦାମରେ ପଡ଼ି ରହିଛି। ତେଣୁ, ଚଳିତ ବର୍ଷ ଖରିଫ ଧାନ ସଂଗ୍ରହରେ ସମସ୍ୟା ହେବାର ଆଶଙ୍କା ରହିଛି। ରିପୋର୍ଟ ଅନୁଯାୟୀ, ୨୦୨୪-୨୫ ଖରିଫ ଋତୁରେ ବଲାଙ୍ଗୀର ଜିଲ୍ଲାରେ କିଣାଯାଇଥିବା ୪୦,୦୯୯ ଲକ୍ଷ କ୍ୱିଂଟାଲ ଧାନ ମଧ୍ୟରୁ ୩ ଲକ୍ଷ କ୍ୱିଂଟାଲ ଧାନରୁ ୧୮୦,୦୦୦ କ୍ୱିଣ୍ଟାଲ ଚାଉଳ ଏପର୍ଯ୍ୟନ୍ତ ଫେରସ୍ତ କରାଯାଇ ନାହିଁ। ସେହିପରି ରବି ଋତୁରେ, ବଲାଙ୍ଗୀର ଜିଲ୍ଲାରୁ ୫ ଲକ୍ଷ କ୍ୱିଣ୍ଟାଲ, କୋରାପୁଟରୁ ୯୪୦,୦୦୦ କ୍ୱିଂଟାଲ, ନୂଆପଡାରୁ ୬୯,୨୭୫ କ୍ୱିଂଟାଲ ଏବଂ ସୋନପୁରରୁ ୯୪,୦୦୦ କ୍ୱିଣ୍ଟାଲ ଧାନ ଏବେ ବି ମିଲରମାନଙ୍କ ପାଖରେ ପଡ଼ି ରହିଛି। ମୋଟ୍ ୩,୦୦,୦୦୦ କ୍ୱିଂଟାଲ ଖରିଫ ଏବଂ ପ୍ରାୟ ୧.୪ ନିୟୁତ କ୍ୱିଣ୍ଟାଲ ରବି ଧାନ ମିଲର୍ସଙ୍କ ପାଖରେ ରହିଛି। ସମସ୍ତ ମିଲରଙ୍କ ଗୋଦାମ ପୂର୍ଣ୍ଣ। ଏହା ସହିତ ଅଭିଯୋଗ ଆସୁଛି ଯେ, କିଛି ମିଲର କଷ୍ଟମ୍ ମିଲିଂରୁ ସଜାଡ଼ି ଚାଉଳ ବାହାର କରୁଛନ୍ତି, ଖୋଲା ବଜାରରେ ବିକ୍ରି କରୁଛନ୍ତି ଏବଂ ତା'ପରେ ନୂତନ ଧାନ ବ୍ୟବହାର କରୁଛନ୍ତି। କିଛି ମିଲର କେବଳ କାଗଜପତ୍ରରେ ଧାନ ଦେଖାଉଛନ୍ତି, ଯେତେବେଳେ ବାସ୍ତବରେ ମିଲଗୁଡ଼ିକରେ ଏତେ ପରିମାଣର ଧାନ ନାହିଁ । ଏପରି ମଧ୍ୟ ଅଭିଯୋଗ ଅଛି ଯେ, କିଛି ମିଲର ସେମାନଙ୍କ ଗୋଦାମ କ୍ଷମତା ଅପେକ୍ଷା ଚାରି ଗୁଣ ଅଧିକ ଧାନ କଷ୍ଟମ୍ ମିଲିଂରେ ଦାଖଲ କରୁଛନ୍ତି।

# ଖଡ଼ିଆଳ ମହୋତ୍ସବ ପାଳନ କମିଟି ବୈଠକ ଓ କର୍ମକର୍ତ୍ତା ଚୟନ

ନୂଆପଡ଼ା,୨୫/୧୧ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ ସାଂସ୍କୃତିକ ଅନୁଷ୍ଠାନ ଠାରେ ଖଡ଼ିଆଳ ମହୋତ୍ସବ ପାଳନ କମିଟିର ଏକ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧୀରାଜ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବରେ ନଗରପାଳ ଉଜ୍ଜଳ ଗୁପ୍ତା, ଉପ ସଭାପତି ସୁଶାନ୍ତ ତାଣ୍ଡି, ସମ୍ପାଦକ ସୁନିଲ ସାହୁ, ସହ ସମ୍ପାଦକ ଗିରିଧାରୀ ବିଭାର, ପୂର୍ବତନ ସଭାପତି ନିମାଇଁ ଚରଣ ତାଣ୍ଡି, ଅକ୍ଷୟ ନନ୍ଦ, ମହେଶ ଦଣ୍ଡସେନା ପ୍ରମୁଖ ମଂଚାସିନ ଥିଲେ। ଏଥିରେ ମହୋତ୍ସବ ପାଳନ କମିଟି ଗଠନ କରାଯାଇଥିଲା। ମହୋତ୍ସବ ପାଳନ କମିଟି ସଭାପତି ଭାବରେ ଅଧୀରାଜ ପାଣିଗ୍ରାହୀ, ଉପ ସଭାପତି ଭାବରେ ୩ ଜଣ ସୁଶାନ୍ତ ବିଶି(ଅର୍ଥ ଓ ଷ୍ଟଲ), ସୁଶାନ୍ତ ତାଣ୍ଡି (ସାଂସ୍କୃତିକ) ଓ ଉଜ୍ଜଳ ଗୁପ୍ତାଙ୍କୁ (ମଂଚ) ଦାୟିତ୍ୱ ନେଇ ଚୟନ କରାଯାଇଥିଲା। ସମ୍ପାଦକ ଭାବରେ ପୃଥିରାଜ ମହାନ୍ତି, ସହ ସମ୍ପାଦକ ଭାବରେ ଗିରିଧାରୀ ବିଭାର, ପ୍ରବୀଣ ପଟ୍ଟନାୟକ ଓ ହିରାଧର ମେହେର ଓ କୋଷାଧ୍ୟକ୍ଷ ଭାବରେ ପବିତ୍ର ମୋହନ ପ୍ରଧାନଙ୍କୁ ଚୟନ କରାଯାଇଥିଲା।

# ଦେଶି ମଦ ଚାଲାଣ ବେଳେ ଚଢ଼ଉ: ଜଣେ ଗିରଫ

ଜୟପୁର,୨୫/୧୧ (ନି.ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ନିରିକ୍ଷକ କାର୍ଯ୍ୟ। ଳୟ ତରଫରୁ ଚଢଉ କରାଯାଇ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ଜଣକ ହେଲା କଳାଗଡାର ମୁନା ଖୋସଲା (୧୮) । ସୂଚନା ଅନୁଯାୟୀ, ଏକ ବାଇକ ଯୋଗେ ଦେଶି ମଦ ଚାଲାଣ କରାଯାଉଥିବା ଖବର ପାଇ ଜୟପୁର ଅବକାରି ନିରିକ୍ଷକ କାର୍ଯ୍ୟ। ଳୟ ତରଫରୁ ଆଜି ପରଜା ସାହିରେ ଚଢଉ ହୋଇଥିଲା । ଚଢଉ କରି ୪୨ ଲିଟର ଦେଶି ମଦ ଓ ବାଇକ କୁ ଜବତ କରାଯାଇଛି। ଗିରଫ ଅଭିଯୁକ୍ତକୁ କୋର୍ଟଚାଲାଣ କରିଥିବା ବିଷୟ ଜୟପୁର ଅବକାରି ନିରିକ୍ଷକ ଶଶିକାନ୍ତ ଦତ ସୂଚନା ଦେଇଛନ୍ତି ।

# ଜିଲ୍ଲାପାଳଙ୍କ ମିଳିତ ଜନ ଶୁଣାଣି ଶିବିର କାର୍ଯ୍ୟକ୍ରମ




ଭଦ୍ରକ,୨୫/୧୧ (ନି.ପ୍ର): ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ତିହିଡି ଠାରେ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲାପାଳ ଦିଲିପ ରାଉତରାଏ, ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସରୋଜ ଦଉ, ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ, ଶୁଭେନ୍ଦ୍ର ସାମଲ, ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ ସୁଧିରଞ୍ଜନ ନାୟକ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର ଜ୍ଞାନ ରଞ୍ଜନ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତିହିଡି, ତହସିଲଦାର ତିହିଡି ଓ ଅନ୍ୟ ବିଭାଗର ଅଧିକାରୀ ମାନେ ଯୋଗଦେଇଥିଲେ। ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଦାଖଲ ହୋଇଥିବା ଅଭିଯୋଗ ପତ୍ରକୁ ସମାଧାନ ପାଇଁ ପଦକ୍ଷେପ ନେଇଥିଲେ। ଆଜିର ଜନଶୁଣାଣୀ ଶିବିରରେ ମୋଟ ୧୨୪ ଆବେଦନ ପତ୍ର ଦାଖଲ ହୋଇଥିଲା । ସେଥିରୁ ୧୦୬ ଟି ବ୍ୟକ୍ତିଗତ ଥିଲାବେଳେ , ୧୮ ଟି ସାମୁହିକ ଥିଲା। ୨୬ ଟି ର ସମାଧାନ ତତକ୍ଷଣାତ୍ ହୋଇଥିଲା । ଆଜିର ଜନଶୁଣାଣୀ ରେ ମୁଖ୍ୟତଃ ଚାଷୀ ପଞ୍ଜୀକରଣ, ମଧୁବାବୁ ପେନସନ, ପି ଏମ ଆବାସ ଯୋଜନା ରେ ଗୃହ ବଣ୍ଟନ, ଜମିଜମା ସଂପର୍କିତ, ସରକାରୀ ଜମିରେ ବସବାସ କରୁଥିବା ଲୋକଙ୍କୁ ଉଚ୍ଛେଦ ବଦଳରେ ଜମି/ଗୃହ ଆବଣ୍ଟନ ଅଭିଯୋଗ ଦରଖାସ୍ତ ହସ୍ତଗତ ହୋଇଥିଲା ।

# ବାରିଣିପୁଟରେ ପଂଚାୟତ ସ୍ତରୀୟ ଅଭିଯୋଗ ଓ ଜନ ଶୁଣାଣି ଶିବିର

ଜୟପୁର,୨୫/୧୧ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ବାରିଣିପୁଟ ଠାରେ ପଂଚାୟତ ସ୍ତରିୟ ଅଭିଯୋଗ ଓ ଜନ ଶୁଣାଣି ଶିବିର ଆଜି ଅନୁଷ୍ଠିତ ହୋଇଥିଲା । ଏହି ଅଭିଯୋଗ ଶୁଣାଣିରେ ବିଡିଓ ଶକ୍ତି ମହାପାତ୍ର, ସହକାରି ଯନ୍ତ୍ରୀ ରଞ୍ଜିତା ରାଣି ପଣ୍ଡା, ପ୍ରୋଗ୍ରାମ ଆସିଷ୍ଟାଣ୍ଡ ସସ୍ମିତା ପରିଡାଙ୍କ ସହ ଅନ୍ୟ ଲାଇନ ର ବ୍ଲକ ସ୍ତରିୟ ଅଧିକାରି ମାନେ ଉପସ୍ଥିତ ଥିଲେ । ଏଥିରେ ପଂଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ । ଅଙ୍ଗନବାଡି କେନ୍ଦ୍ରରେ ନଳକୂପ ଖନନ, ପାନୀୟ ଜଳ ଯୋଗାଣ ଉପରେ ଦାବି କରାଯାଇଥିଲା । ଏହା ସହ ଲୋକମାନେ ବିଭିନ୍ନ ସରକାରୀ ଯୋଜନାର ଲାଭ କିପରି ପାଇବେ ସେନେଇ ଉପସ୍ଥିତ ଅଧିକାରି ମାନେ ସଚେତନ କରିଥିଲେ ।

# ସେଲ୍, ରାଉରକେଲା ଇସ୍ପାତ କାରଖାନାର 'ଉତ୍କର୍ଷ' ସୁରକ୍ଷା ମଣ୍ଡଳୀ ଦଳ ଦ୍ୱାରା ଦୁବାଇରେ ଅନୁଷ୍ଠିତ ଆଇସିକ୍ୟୁସି -୨୦୨୫ରେ ମର୍ଯ୍ୟାଦାଜନକ ପାର୍ ଏକ୍ସେଲେନ୍ସ ସ୍ୱର୍ଣ୍ଣ ପୁରସ୍କାର ଲାଭ




ରାଉରକେଲ,୨୫/୧୧ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ବ୍ଲାଷ୍ଟ ଫର୍ଣ୍ଣେସ୍-୫ (ବିଏଫ-୫)ର 'ଉତ୍କର୍ଷ' ସୁରକ୍ଷା ମଣ୍ଡଳୀ କ୍ୱାଲିଟି ସର୍କଲ୍ ଦଳ ନଭେମ୍ବର ୧୯ ରୁ ୨୩ ତାରିଖ ପର୍ଯ୍ୟନ୍ତ ଦୁବାଇରେ ଅନୁଷ୍ଠିତ ଇଣ୍ଟରନେସନାଲ କନଭେନସନ୍ ଅନ୍ କ୍ୱାଲିଟି କନସେପ୍ଟସ୍ (ଓ ସି କ୍ୟୁ ସି) ୨୦୨୫ରେ ପାର୍ ଏକ୍ସେଲେନ୍ସ ସ୍ୱର୍ଣ୍ଣ ପୁରସ୍କାର ଅର୍ଜନ କରି କମ୍ପାନୀ ପାଇଁ ଗୌରବ ଆଣିଦେଇଛନ୍ତି ।

ପୁରସ୍କାର ବିଜେତା ଦଳରେ ଇଞ୍ଜିନିୟରିଂ ଆସୋସିଏଟ୍ ଏବଂ ଟିମ୍ ଲିଡର ଶ୍ରୀ ସନ୍ତୋଷ କୁମାର ରାୟ, ଜୁନିଅର୍ ଇଞ୍ଜିନିୟରିଂ ଆସୋସିଏଟ୍ ଏବଂ ଡେପୁଟି ଲିଡର ଶ୍ରୀ ସୁଶାନ୍ତ ସ୍ୱାଇଁ, ଇଞ୍ଜିନିୟରିଂ ଆସୋସିଏଟ୍ ଶ୍ରୀ ଦୀପକ ଦାସ ଏବଂ ଇଞ୍ଜିନିୟରିଂ ଆସୋସିଏଟ୍ ଶ୍ରୀ ସରୋଜ ନାୟକ ସାମିଲ ଥିଲେ। ବିଏଫ-୫ ବିଭାଗର ଡେପୁଟି ମ୍ୟାନେଜର ଶ୍ରୀ ବିକ୍ରମ ଝା ଏହି ଦଳର ଫେସିଲିଟେଟର ଥିଲେ।

ବିଏଫ-୫ ର ୟୁ-ସିଲ୍ କ୍ଷେତ୍ରରେ ଏକ ଅଭିନବ ତଥା ପ୍ରଭାବଶାଳୀ ସୁରକ୍ଷା ଉନ୍ନତିର ଏକ ଶୃଙ୍ଖଳା କାର୍ଯ୍ୟକାରୀ କରିବା ପାଇଁ ସୁରକ୍ଷା ଦଳକୁ ଏହି ମାନ୍ୟତା ମିଳିଛି। ଏହି ପଦକ୍ଷେପଗୁଡ଼ିକ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ଷମତା ବିପଦକୁ ଯଥେଷ୍ଟ ହ୍ରାସ କରିବା ସହିତ ସୁରକ୍ଷା ମାନଦଣ୍ଡକୁ ମଧ୍ୟ ସୁଦୃଢ଼ କରିପାରିଛି । ଏହି ପ୍ରକଳ୍ପର ସଫଳତା ନିରନ୍ତର ଉନ୍ନତି ଆଣିବାରେ ଆରଏସପିର ଦୃଢ ପ୍ରତିବଦ୍ଧତାକୁ ଦର୍ଶାଇବା ସହ କର୍ମଚାରୀମାନଙ୍କଠାରୁ ନୂତନ ଚିନ୍ତାଧାରା ପ୍ରଦାନ ପାଇଁ ଉତ୍ସାହିତ କରୁଛି ଏବଂ କର୍ମକ୍ଷେତ୍ର ସୁରକ୍ଷାକୁ ସର୍ବାଗ୍ରେ ରଖିବା ପାଇଁ ପ୍ରୟାସକୁ ପ୍ରତିଫଳିତ କରୁଛି ।

ସୂଚନା ଯୋଗ୍ୟ ପୂର୍ବରୁ, ଏହି ଉତ୍କର୍ଷ ସୁରକ୍ଷା ଗୁଣବତ୍ତା ମଣ୍ଡଳୀ ସି ସି କ୍ୟୁ ସି ଭିଲାଇ ଚାପ୍ଟରରେ ସ୍ୱର୍ଣ୍ଣ ପୁରସ୍କାର ଅର୍ଜନ କରିଥିଲା, ଯାହା ସେମାନଙ୍କୁ ସିଧାସଳଖ ଆନ୍ତର୍ଜାତୀୟ ସମ୍ମିଳନୀ ପାଇଁ ଯୋଗ୍ୟତା ପ୍ରଦାନ କରିଥିଲା।

ଏହି ପଦକ୍ଷେପ ବିଏଫ ବିଭାଗର ସିଜିଏମ ଶ୍ରୀ ସୁମିତ କୁମାର ଏବଂ ସୁରକ୍ଷା ବିଭାଗର ଜିଏମ ତଥା ସୁରକ୍ଷା ମଣ୍ଡଳୀ ସଂଯୋଜକ ଶ୍ରୀ ଅବକାସ ବେହେରାଙ୍କ ତଥା ମାର୍ଗଦର୍ଶନରେ ସମ୍ପନ୍ନ ହୋଇଥିଲା ଯାହାଙ୍କ ନେତୃତ୍ୱ ଏବଂ ପ୍ରୋତ୍ସାହନ ସୁରକ୍ଷା ନବସୃଜନ ପ୍ରତି ଦଳର ଆଭିମୁଖ୍ୟ ଗ୍ରହଣରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲା।

# ଅଟକିଛି ୮୮ଟି ଗ୍ରାମ ରୋଜଗାର ସେବକ ନିଯୁକ୍ତି: ଦିଗହରା ହୋଇଛି ମନରେଗା

ମାଲକାନଗିରି,୨୫/୧୧ (ନି.ପ୍ର): ମାଲକାନଗିରି ଜିଲ୍ଲାର ସାତ ଟି ବ୍ଲକରେ ଥିବା ୧୧୧ଟି ଗ୍ରାମପଂଚାୟତରେ ମନରେଗା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଖାଲିଥିବା ୮୮ଟି ଗ୍ରାମ ରୋଜଗାର ସେବକ ପଦବୀ ନିମନ୍ତେ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଗତ ବର୍ଷ ଇସ୍ତାହାର ପ୍ରକାଶ ପାଇଥିଲା। ଏହାପରେ ଶତାଧିକ ଆଶାୟୀ ଏନେଇ ଆବେଦନ କରିବା ସହ ପ୍ରାଥମିକ ପର୍ଯ୍ୟାୟରେ ଏକ ମେଧା ତାଲିକା ମଧ୍ୟ ପ୍ରକାଶ କରାଯାଇଥିଲା। ଏହାପରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବା ପୂର୍ବରୁ ରାଜ୍ୟବ୍ୟାପୀ ଏହି ପଦବୀର ନିଯୁକ୍ତି ନେଇ କୋର୍ଟରେ ଏକ ମାମଲା ରୁଜୁ କରାଯିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରାମ୍ୟ ରୋଜଗାର ସେବକ ନିଯୁକ୍ତି ପ୍ରକ୍ରିୟାକୁ ସ୍ଥଗିତ କରାଗଲା । ଏହାପରେ ପ୍ରାୟ ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯିବା ସହ କୋର୍ଟ ଉକ୍ତ ମାମଲାର ଶେଷ ଶୁଣାଣୀ କରି ରାଜ୍ୟ ସରକାରଙ୍କ ଓଆରଭି ସଂଶୋଧନ ଆଇନ ୨୦୨୩ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣିତ ଅନ୍ୟାନ୍ୟ ସରକାରୀ ନିୟମକୁ ଆଇନ ବିଭାଗକୁ ଏକ ଆଇନଗତ ସମୀକ୍ଷା ପାଇଁ ବିଗତ ତିନି ଚାରି ମାସ ପୂର୍ବରୁ ପଠାଯାଇଛି । ସରକାର ଏ ଦିଗରେ କୌଣସି ନିର୍ଦ୍ଦିଷ୍ଟ ସ୍ପଷ୍ଟୀକରଣ ନଦେବାରୁ ଗ୍ରାମ ରୋଜଗାର ସେବକ ନିଯୁକ୍ତି ପ୍ରକ୍ରିୟା ସ୍ଥଗିତ ରହିଅଛି।

# ସମ୍ବଲପୁରରେ 'ଜିଲ୍ଲାସ୍ତରୀୟ ସର୍ବଭାରତୀୟ ସମବାୟ ସପ୍ତାହ – ୨୦୨୫' ପାଳିତ

## ସ୍ୱାଧୀନତା ପୂର୍ବରୁ ଲଢେଇ କରିଥିଲେ ସ୍ୱରାଜ ପାଇଁ, ଏବେ ଯୋଜନା କରିବା ସମୃଦ୍ଧି ପାଇଁ : ଧର୍ମେନ୍ଦ୍ର ପ୍ରଧାନ



ସମ୍ବଲପୁର,୨୫/୧୧ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମୂଳ ମନ୍ତ୍ର ହେଉଛି 'ସମବାୟରୁ ସମୃଦ୍ଧି' । ସ୍ୱାଧୀନତା ପୂର୍ବରୁ ଆମେ ସ୍ୱରାଜ ପାଇଁ ଲଢେଇ କରିଥିଲେ । ଆଜି ସମୃଦ୍ଧି ପାଇଁ ଯୋଜନା କରିବା ପାଇଁ ପଡ଼ିବ ବୋଲି ସୋମବାର ସମ୍ବଲପୁରରେ 'ଜିଲ୍ଲାସ୍ତରୀୟ ସର୍ବଭାରତୀୟ ସମବାୟ ସପ୍ତାହ – ୨୦୨୫' କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସର୍ବଭାରତୀୟ ୭୨ତମ ସମବାୟ ସପ୍ତାହ ପାଳନ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପାଇଁ ଶ୍ରୀ ପ୍ରଧାନ ସମ୍ବଲପୁର ଜିଲ୍ଲା ପ୍ରଶାସନ ସହ ସମବାୟ ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି ଯେ ସମବାୟ ଆମ ସମାଜର ଅବିଚ୍ଛେଦ୍ୟ ଅଙ୍ଗ । ଏହା କେବଳ ଏକ ବ୍ୟବସାୟିକ ମଡେଲ୍ ନୁହେଁ, ଏହା ହେଉଛି ଏକ ବିଚାର । ମଧୁବାବୁଙ୍କ ଉତ୍କଳ ଟ୍ୟାନେରୀ ହେଉ କିମ୍ବା ସର୍ଦ୍ଦାର ପଟେଲଜୀଙ୍କ ଦ୍ୱାରା ପ୍ରେରିତ ଅମୂଲ୍ ଭଳି ସଂସ୍ଥା, ଏମାନେ ସମବାୟର ଶକ୍ତିଶାଳୀ ଉଦାହରଣ । ଗ୍ରାମୀଣ ଅର୍ଥନୀତି ଓ କୃଷକମାନଙ୍କୁ ସଶକ୍ତ କରିବାରେ ଏହି ବିଚାର ଅତୁଳନୀୟ ଭୂମିକା ଗ୍ରହଣ କରିଛି । ସମବାୟ କ୍ଷେତ୍ରକୁ ଦେଶର ବିକାଶର ମୂଳ ସ୍ରୋତରେ ସାମିଲ କରିବା ପାଇଁ ଆମର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କ ଦୂରଦୃଷ୍ଟି ଆଜି ସାରା ଦେଶରେ ଏକ ନୂତନ ଉତ୍ସାହ ସୃଷ୍ଟି କରିଛି । ମୋଦୀ ସରକାର ସ୍ୱତନ୍ତ୍ର ଭାବରେ ସହକାରିତା ମନ୍ତ୍ରଣାଳୟ ଗଠନ କରି ଏହାର ଗୁରୁତ୍ୱକୁ ଦର୍ଶାଇଛନ୍ତି । ରାଜ୍ୟରେ ନୂଆ ସମୟବାୟ ନୀତି ଯୋଜନା ଚାଲିଛି । କେନ୍ଦ୍ରୀୟ ସମବାୟ ନୀତି ଆସିସାରିଛି । ସମବାୟ ମାଧ୍ୟମରେ ବହୁବିଧ ବ୍ୟବସାୟ କରାଇବା ଉପରେ ସରକାର ଯୋର୍ ଦେଉଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି, ସମ୍ମାନଜନକ ଜୀବନ ବଞ୍ଚିବା ସମସ୍ତଙ୍କର ଅଧିକାର । ଆମେ ଯେତେବେଳେ ଗାଁର କ୍ଷୁଦ୍ର ଚାଷୀ, ମହିଳା ଏବଂ ଗରିବଙ୍କୁ ସମବାୟ ମାଧ୍ୟମରେ ସଂଯୋଗ କରିବା, ସେତେବେଳେ ଯାଇ ପ୍ରକୃତ ଅର୍ଥରେ 'ଆତ୍ମନିର୍ଭର ଭାରତ'ର ସ୍ୱପ୍ନ ସାକାର ହେବ । ସମବାୟ ଆମକୁ ଶିକ୍ଷା ଦିଏ ଯେ କେବଳ ବ୍ୟକ୍ତିଗତ ଉଦ୍ୟମରେ ନୁହେଁ, ବରଂ ସାମୂହିକ ପ୍ରୟାସରେ ହିଁ ପ୍ରକୃତ ସଫଳତା ମିଳେ । ଏହିପରି ଭାବରେ ସାମୂହିକ ପ୍ରୟାସ ମାଧ୍ୟମରେ ଆମେ ସମ୍ବଲପୁରରେ ସମ୍ପନ୍ନତା ଆଣିବା । ଶେଷରେ, ଆଗାମୀ ଦିନରେ ପ୍ରତି ପଞ୍ଚାୟତ ସ୍ତରରେ ଗୋଟିଏ ଲେଖାଏଁ ସମବାୟ ପ୍ରଶିକ୍ଷଣ ଶିବିର କରିବା ପାଇଁ ଶ୍ରୀ ପ୍ରଧାନ ପରାମର୍ଶ ଦେବା ସହ ନୂଆପିଢ଼ିର ଯୁବକମାନଙ୍କୁ ସେଥିରେ ସାମିଲ କରିବା ପାଇଁ କହିଛନ୍ତି । ସମ୍ବଲପୁର ଜିଲ୍ଲାରେ ଆଗାମୀ ଦିନରେ ୧୫୦ଟି ବହୁମୁଖୀ ସମବାୟ ସମିତି ସହ ୫୦ଟି କୃଷି ଉତ୍ପାଦ ସଂଗଠନ(ଏଫପିଓ) ଗଠନ କରିବାକୁ ଆହ୍ୱାନ କରିଛନ୍ତି । ଆଗାମୀ ୨ ବର୍ଷ ଭିତରେ ଜିଲ୍ଲାର ସବୁ ପରିବାର ଏଫପିଓ କିମ୍ବା ସମବାୟ ସମିତିରେ ଯୋଡ଼ି ହେବା ପାଇଁ ସେ ପରାମର୍ଶ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପଞ୍ଚାୟତିରାଜ ରାଜ୍ୟ ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ ଏବଂ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଯୁଗ୍ମ କୃଷି ନିର୍ଦ୍ଦେଶକଙ୍କ ୨ ଦିନିଆ କୋରାପୁଟ ଓ ନବରଙ୍ଗପୁର ଗସ୍ତ

ଜୟପୁର,୨୫/୧୧ (ନି.ପ୍ର): ଓଡିଶା ରାଜ୍ୟ ସରକାରଙ୍କ କୃଷି ବିଭାଗର ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଅଧୀନରେ ଏମ୍.ଏସ୍. ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ, ଜୟପୁର ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସମନ୍ୱିତ କୃଷି ପ୍ରଣାଳୀ ପ୍ରକଳ୍ପ କାର୍ଯ୍ୟକ୍ରମକୁ ପରିଦର୍ଶନ କରିବା ନିମନ୍ତେ କୃଷି ବିଭାଗର ଯୁଗ୍ମ କୃଷି ନିର୍ଦ୍ଦେଶକ (ଡାଲି ଓ ତୈଳବୀଜ) ତଥା ସମନ୍ୱିତ କୃଷି ପ୍ରଣାଳୀ ପ୍ରକଳ୍ପର ନୋଡାଲ ଅଫିସର ବିଷ୍ଣୁ ପ୍ରସାଦ ପଟ୍ଟନାୟକ କୋରାପୁଟ ଜିଲ୍ଲାର ବୈପାରୀଗୁଡା ଏବଂ ନବରଙ୍ଗପୁର ଜିଲ୍ଲାର କୋସାଗୁମୁଡା ଅଭିମୁଖେ ଗସ୍ତ କରିଛନ୍ତି।

ସେ ଏମ୍.ଏସ୍. ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ ସମନ୍ୱିତ କୃଷି ପ୍ରଣାଳୀ ପ୍ରକଳ୍ପ ଦ୍ୱାରା ତ୍ୱରାନ୍ୱିତ ହେଉଥିବା ସମସ୍ତ କାର୍ଯ୍ୟକଳାପକୁ ପରିଦର୍ଶନ କରିଥିଲେ। ସର୍ବ ପ୍ରଥମେ ସେ ବୈପାରୀଗୁଡା ବ୍ଲକର ବାଲିଗାଁ ପଂଚାୟତ ଅନ୍ତର୍ଗତ ଖୁଟୁଗୁଡା ପରିଦର୍ଶନ କରିଥିଲେ। ଏହି ଗ୍ରାମରେ ସେ ଖଗପତି ପୂଜାରୀଙ୍କ ପୋଖରୀ ବୁଲି ସମନ୍ୱିତ କୃଷି ପ୍ରଣାଳୀରେ ମାଛ ଚାଷ ମଡେଲକୁ ପ୍ରଶଂସା କରି ଚାଷୀମାନଙ୍କ ସହ ଆଲୋଚନା ସମୟରେ ବୈଜ୍ଞାନିକ ପ୍ରଣାଳୀରେ ମାଛଚାଷ ଓ ସଠିକ ସମ୍ପଦ ବ୍ୟବହାର ଦ୍ୱାରା ଚାଷୀମାନଙ୍କ ଆୟ ବୃଦ୍ଧି ହେଉଥିବା ଦେଖି ସନ୍ତୋଷ ପ୍ରକାଶ କରିଥିଲେ। ପୋଖରୀରେ ମାଛ ଚାଷ ସହିତ ପୋଖରୀ ହୁଡ଼ା ଏବଂ ଚାରିପାଖରେ ବିଭିନ୍ନ ପନିପରିବା, ଫଳ ଗଛ ଚାଷ ହୋଇଥିବା ଦୃଶ୍ୟ ମଧ୍ୟ ଅବଲୋକନ କରିଲେ। ସେହିଭଳି ଭାବରେ ସେ କୋଷାଗୁମୁଡା ବ୍ଲକ ରାଜୋଡା ପଂଚାୟତ ଅନ୍ତର୍ଗତ ଚୁରୁଚୁଣ୍ଡ ଗ୍ରାମର କପିଳେଶ୍ୱର ସମରଥ ଏବଂ ରଜୋଡା ଗ୍ରାମର ବୀରେନ୍ଦ୍ର ପୂଜାରୀଙ୍କ ସମନ୍ୱିତ ପ୍ରଣାଳୀରେ ହୋଇଥିବା ପୋଖରୀ ଦେଖି ଅତ୍ୟନ୍ତ ଖୁସି ଅନୁଭବ କରିଥିଲେ।

ଏହା ସହିତ ସେ କୁକୁଡ଼ା ସହାୟତା ପାଇଥିବା ଜମିହୀନ ପରିବାରମାନଙ୍କ ସହ କମ୍ୟୁନିଟି ନର୍ସରୀ ଓ ଛତୁ ଚାଷରେ ଲିପ୍ତ ଥିବା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ସହ ତାଙ୍କର ଆର୍ଥିକ ବୃଦ୍ଧି ଉପରେ ଆଲୋଚନା କରିଥିଲେ। ସେହିଭଳି ସେ କୁସୁମପାଲି ଗ୍ରାମକୁ ପରିଦର୍ଶନ କରି ଅଲେଖ ମହିମା ସ୍ୱୟଂ ସହାୟକ ଗୋଷ୍ଠୀ କରିଥିବା ଗୋଷ୍ଠୀ ଚାରା ଉତ୍ପାଦନ ସ୍ଥଳ ଏବଂ ଜୈବିକ ସାର ପ୍ରସ୍ତୁତ କେନ୍ଦ୍ର ତଥା ମାଣ୍ଡିଆ ଚୁନା କଳର ପରିଚାଳନା ଉପରେ ବୁଝି ଖୁସି ପ୍ରକଟ କରିଥିଲେ। ଏହାପରେ ଗୀତାଞ୍ଜଳି ସ୍ୱୟଂ ସହାୟକ ଗୋଷ୍ଠୀ ସେମାନେ କରିଥିବା ଗୋଷ୍ଠୀ ଚାରା କେନ୍ଦ୍ରକୁ ପରିଦର୍ଶନ କରିବାକୁ ଅନୁରୋଧ କରିଥିଲେ। ଉକ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ଚାରା ବିକ୍ରୟ କରି ଭଲ ଆୟ ହେଉଛି ବୋଲି ଯୁଗ୍ମ କୃଷି ଅଧିକାରୀଙ୍କୁ ମତବ୍ୟକ୍ତ କରିଥିଲେ। ସେ ମଧ୍ୟ ଅନ୍ୟ ସମସ୍ତ ଚାଷୀମାନଙ୍କ ସହ କିପରି ଏହି ପ୍ରକଳ୍ପ ଗ୍ରାମୀଣ ଜୀବିକାକୁ ସୁଦୃଢ କରିଛି ଏବଂ ଚାଷୀ ପରିବାରମାନଙ୍କ ଆର୍ଥିକ ସ୍ଥିତିକୁ ଶକ୍ତିଶାଳୀ କରିଛି ତାହା ଉପରେ ଆଲୋଚନା କରିଥିଲେ।

ଯୁଗ୍ମ କୃଷି ନିର୍ଦ୍ଦେଶକଙ୍କ ଏହି ଗସ୍ତ କାର୍ଯ୍ୟକ୍ରମରେ ଏମ୍.ଏସ୍. ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନର ବରିଷ୍ଠ ସଂଯୋଜକ ଅକ୍ଷୟ କୁମାର ପଣ୍ଡା ଓ ଅନ୍ୟାନ୍ୟ କର୍ମକର୍ତ୍ତା ଯଥା ଏସ. ରାଜୁ, ଆର. ଜିଭା, ତ୍ରିପତି ଖୁରା, ଶ୍ୱେତା ଖୁରା, ହରିବନ୍ଧୁ ହରିଜନ, ମାକ୍ସ ଗିଲ, ପ୍ରିୟଙ୍କା ପାତ୍ର, କୃତିବାସ ରାଉତ, ଶୀତାପ୍ରସାଦ ସେନାପତି ସହଯୋଗ କରିଥିଲେ।

# ଆମ ସମ୍ବିଧାନର ଉତ୍କୃଷ୍ଟତା



## ଅଧ୍ୟାପକ ଗୋପବନ୍ଧୁ

ଆମ ସମ୍ବିଧାନ ଆମ ଗୌରବ। ଆମ ସମ୍ବିଧାନ ବିଶ୍ୱର ଶ୍ରେଷ୍ଠ ସମ୍ବିଧାନମାନଙ୍କ ମଧ୍ୟରୁ ଅନ୍ୟତମ। ଦେଶର ଶାସନ ବ୍ୟବସ୍ଥାକୁ ମାର୍ଗଦର୍ଶନ ପାଇଁ ଏହା ଏକ ନିୟମ ସମ୍ବଳିତ ଗ୍ରନ୍ଥ। ଏହାକୁ ନେଇ ଆମେ ଭାରତୀୟ ଗର୍ବ ଅନୁଭବ କରୁ। ଯାହାକୁ ତିଆରି କରିବା ପାଇଁ ପାଖାପାଖି ତିନି ବର୍ଷ ସମୟ ଲାଗିଛି। ଭାରତବର୍ଷକୁ ସ୍ୱାଧୀନ କରାଯିବାର ନିଷ୍ପତ୍ତି ପରେ କ୍ୟାବିନେଟ ମିଶନ ପ୍ଲାନ ଅନୁଯାୟୀ ସମ୍ବିଧାନ ପ୍ରଣୟନ ସଭା ଗଠିତ ହୋଇଥିଲା। ଏହା ଡିସେମ୍ବର ୬, ୧୯୪୬ ରେ ଗଠିତ ହୋଇଥିଲା। ଏହି ସଭାକୁ ଦେଶର ବଛାବଛା ତିନିଶହ ଜ୍ଞାନୀ ରାଷ୍ଟ୍ରନୀତିଜ୍ଞ ନିର୍ବାଚିତ ହୋଇ ଆସିଥିଲେ। ଏମାନେ ବହୁ ଆଲୋଚନା, ପର୍ଯ୍ୟାଲୋଚନା ଓ ବିତର୍କ କଳାପରେ ଆମ ସମ୍ବିଧାନକୁ ଚୁଡାନ୍ତ ରୂପ ଦେଇଛନ୍ତି। ଦେଶର ବହୁ ପ୍ରଜ୍ଞାଶୀଳ ବ୍ୟକ୍ତି ଓ ରାଜନୈତିକ ବିଶେଷଜ୍ଞମାନେ ମଧ୍ୟ ପରାମର୍ଶ ଦେଇ ପରୋକ୍ଷ ଭାବେ ସମ୍ବିଧାନ ରଚନାରେ ସହାୟକ ହୋଇଛନ୍ତି। ସମ୍ବିଧାନ ପ୍ରଣୟନ ସଭାର ତିନିଶହ ସଦସ୍ୟଙ୍କ ମଧ୍ୟରୁ ୭ ଜଣକୁ ନେଇ ଡ୍ରାଫ୍ଟିଙ୍ଗ କମିଟି ଗଠନ କରାଯାଇ ଥିଲା। ଏହି କମିଟିର ଚେୟାରମ୍ୟାନ୍ ଥିଲେ ଡକ୍ଟର ବି. ଆର. ଆମ୍ବେଦକର। ସେ ସମୟରେ ସେ ଥିଲେ ବିଶ୍ୱର ଅଗ୍ରଣୀ ଶିକ୍ଷିତମାନଙ୍କ ମଧ୍ୟରୁ ଜଣେ। ସେ ଉଚ୍ଚଶିକ୍ଷା ବିଦେଶରୁ ପ୍ରାପ୍ତ ହୋଇଥିଲେ ଓ ବହୁ ଶିକ୍ଷା ଉପାଧିର ଅଧିକାରୀ ମଧ୍ୟ ଥିଲେ। ଏମାନଙ୍କ ଅକ୍ଳାନ୍ତ ପରିଶ୍ରମ ଫଳରେ ୨୬ ନଭେମ୍ବର, ୧୯୪୯ ମସିହାରେ ସମ୍ବିଧାନର ରଚନା ସମାପ୍ତ ହୋଇ ସର୍ବସମ୍ମତି କ୍ରମେ ପ୍ରଣୟନ ସଭା ଦ୍ୱାରା ଅନୁମୋଦିତ ହେଲା।

କେତେକଙ୍କ ଅଭିଯୋଗ ଯେ ଆମ ସମ୍ବିଧାନ ଏଆଡୁ ସେଆଡୁ ଲେଖା ଯାଇଥିବା ଶାସନ ନିର୍ଦ୍ଦେଶନା ଗ୍ରନ୍ଥ। ଏହା ଠିକଭାବେ ଲେଖାଯାଇ ନାହିଁ। ଯେଉଁମାନେ ଏପରି କହୁଛନ୍ତି ସେମାନେ ହୁଏତ ଏହାର ପ୍ରଣୟନ ପ୍ରକ୍ରୀୟା ବିଷୟରେ ଅବଗତ ନୁହଁନ୍ତି ଅଥବା ନିଜ ସଂକୀର୍ଣ୍ଣ ଜ୍ଞାନର ବଶବର୍ତ୍ତୀ ହୋଇ ଏପରି ମନ୍ତବ୍ୟ ଦେଉଛନ୍ତି। ଏପରି କହିବା ଦ୍ୱାରା ଏମାନେ ନିଜର ରାଷ୍ଟ୍ରୀୟତା ଭାବନା ଉପରେ ନିଜେ ପ୍ରଶ୍ନ ଉଠାଉଛନ୍ତି। ଏମାନେ ବୋଧହୁଏ ଜାଣିନାହାଁନ୍ତି ଯେ ସମ୍ବିଧାନର ପ୍ରତ୍ୟେକ ଧାରା ଓ ଉପଧାରା ଉପରେ ଦୀର୍ଘ ଆଲୋଚନା ହୋଇଛି। ସଂଯୋଗ ଓ ସଂଶୋଧନ ପ୍ରସ୍ତାବ ମଧ୍ୟ ଆସିଛି। ଆବଶ୍ୟକ ସ୍ଥଳେ ସଂଯୋଗ ଓ ସଂଶୋଧନ ମଧ୍ୟ ହୋଇଛି। ଏକ ଲମ୍ବା ବୌଦ୍ଧିକ ପ୍ରକ୍ରୀୟା ମଧ୍ୟରେ ଆମ ସମ୍ବିଧାନର ବର୍ତ୍ତମାନ ସ୍ୱରୂପ ପ୍ରସ୍ତୁତ ହୋଇଛି। ତେଣୁ ସମ୍ବିଧାନର ଉତ୍କୃଷ୍ଟତା ସମ୍ବନ୍ଧରେ ପ୍ରଶ୍ନ ଉଠାଇବା ଅର୍ଥ ନିଜ ପୂର୍ବପୁରୁଷମାନଙ୍କ ଦକ୍ଷତାକୁ ଅସମ୍ମାନିତ କରିବା। ସେମାନଙ୍କ ଅବଦାନକୁ ପରିହାସ କରିବା। ଯେଉଁମାନେ ସମ୍ବିଧାନ ରଚନା ଦାୟିତ୍ୱରେ ଥିଲେ ସେମାନେ ଏକ ସମ୍ଭାବ୍ୟ ଶ୍ରେଷ୍ଠ ସମ୍ବିଧାନ ଆମକୁ ଦେଇଛନ୍ତି ଏଥିରେ କୌଣସି ସନ୍ଦେହ ନାହିଁ।

ନିନ୍ଦୁକମାନେ କହନ୍ତି, ଆମ ସମ୍ବିଧାନ ଏକ ନକଲ ସମ୍ବିଧାନ। ବିଭିନ୍ନ ଦେଶର ସମ୍ବିଧାନରୁ କିଛିକିଛି ନେଇ ଏହାକୁ ସଂକଳିତ କରାଯାଇଛି। ଏହା ଏକ ଭିତ୍ତିହୀନ ଅଭିଯୋଗ। ଯେଉଁମାନେ ବିଶ୍ୱମାନବ ସମାଜର ଅଗ୍ରଗତିକୁ ଠିକଭାବେ ଅନୁଧ୍ୟାନ କରିନାହାଁନ୍ତି ସେମାନେ ଏପରି କହିବା ସ୍ୱଭାବିକ। ଭାରତୀୟ ସମାଜ ବିଶ୍ୱମାନବ ସମାଜଠାରୁ ଭିନ୍ନ ନୁହେଁ। ମାନନୀୟ ମୂଲ୍ୟବୋଧ, ନୈତିକତା, ମାନବିକତା, ନ୍ୟାୟ ପ୍ରଭୃତି ଗୁଣର ବିଭିନ୍ନତା ନାହିଁ। ସମସ୍ତ ଦେଶରେ ଏଗୁଡ଼ିକ ସମାନଭାବେ ପରିଭାଷିତ। ତେଣୁ ପ୍ରତ୍ୟେକ ଗଣତାନ୍ତ୍ରିକ ରାଷ୍ଟ୍ରର ସମ୍ବିଧାନରେ ଏହି ମହାନ ବିଷୟଗୁଡ଼ିକ ପ୍ରତିଫଳିତ ହେବା ସ୍ୱାଭାବିକ। ଇଉରୋପରେ ସାମାଜିକ ବିକାଶ ପାଇଁ ଦୀର୍ଘ ସଂଗ୍ରାମର ଇତିହାସ ରହିଛି। ଏହାର ପ୍ରତିଫଳନ ଭାରତୀୟ ସମ୍ବିଧାନରେ ଦେଖିବାକୁ ମିଳେ। ରେନାଁସା ଜରିଆରେ ପାଶ୍ଚାତ୍ୟ ସମାଜ କିପରି ପରିବର୍ତ୍ତିତ ହୋଇ ମଧ୍ୟଯୁଗୀୟ ଅନ୍ଧବିଶ୍ୱାସ ଓ କୁସଂସ୍କାରକୁ ପଛରେ ଛାଡି ଆଧୁନିକତା ଆଡକୁ ଅଗ୍ରସର ହୋଇଛି ଏବଂ ଏକ ଉନ୍ନତ ସମାଜ ବ୍ୟବସ୍ଥାକୁ ଆପଣେଇ ନେଇଛି ସେ ବିଷୟରେ ସମ୍ବିଧାନ ପ୍ରଣେତାମାନେ ଅନୁଧ୍ୟାନ କରିଛନ୍ତି। ରେନାଁସାର ପ୍ରତିଫଳନ ଆମ ସମ୍ବିଧାନରେ ରହିଛି।

ଇଉରୋପର ଦୀର୍ଘ ଆନ୍ଦୋଳନ ପରେ ଫରାସୀ ବିପ୍ଳବ କାଳରେ ଉନ୍ନତ ସମାଜ ପ୍ରତିଷ୍ଠାର ଯେଉଁ ତିନୋଟି ରତ୍ନ ଶାବ୍ଦିକ ରୂପରେ ଉଦଭାସିତ ହୋଇଥିଲା ତାହାର ପ୍ରତିଫଳନ ବିଶ୍ୱର ପ୍ରତ୍ୟେକ ଗଣତାନ୍ତ୍ରିକ ରାଷ୍ଟ୍ରର ସମ୍ବିଧାନରେ ଦେଖିବାକୁ ମିଳେ। ସେଗୁଡିକ ହେଉଛି ସ୍ୱତନ୍ତ୍ରତା, ସମାନତା ଓ ଭାତୃତ୍ୱଭାବ। ତେଣୁ ଭାରତୀୟ ସମ୍ବିଧାନ ମଧ୍ୟ ଏହି ତିନୋଟି ବିଷୟକୁ ନିଜ ସମ୍ବିଧାନର ମୂଳମନ୍ତ୍ରଭାବେ ଗ୍ରହଣ କରିଛି। କେବଳ ଭାରତ ନୁହେଁ ପରେ ଯେତେବି ଗଣତାନ୍ତ୍ରିକ ସମ୍ବିଧାନ ଆସିଛି ସେମାନେ ଏହି ତତ୍ତ୍ୱକୁ ମୂଳଦୂଆଭାବେ ଗ୍ରହଣ କରିଛନ୍ତି ଏବଂ ଯେବେବି କୌଣସି ଗଣତାନ୍ତ୍ରିକ ସମ୍ବିଧାନ ଆସିବ ସେମାନେ ଏଗୁଡ଼ିକୁ ମାନିବାକୁ ବାଧ୍ୟ। ଏଗୁଡ଼ିକ ଏକ ସଭ୍ୟ ଓ ପ୍ରଗତିଶୀଳ ସମାଜର ମୂଳଦୁଆ। ତେଣୁ ଅନ୍ୟ କାହାରି ସମ୍ବିଧାନରୁ ଏଗୁଡ଼ିକର ନକଲ ବୋଲି କହିବା ଯୁକ୍ତିହୀନତା। ଏହା ବ୍ୟତୀତ ଗଣତାନ୍ତ୍ରିକ ମୂଲ୍ୟବୋଧର ପ୍ରସାର ଓ ଗଣତାନ୍ତ୍ରିକ ବ୍ୟବସ୍ଥାର ଦୃଢୀକରଣ ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରର ମୂଳ ଆଧାର। ଏଗୁଡ଼ିକ ମଧ୍ୟ ଆମ ସମ୍ବିଧାନରେ ପ୍ରତିଫଳିତ। ତେଣୁ ଆମ ସମ୍ବିଧାନ କାହାରି ନକଲ ନୁହେଁ।


ସମ୍ବିଧାନ ରଚନା କାଳରେ ଦଳେ ରକ୍ଷଣଶୀଳଙ୍କ ଯୁକ୍ତି ଥିଲା ଯେ ନୂଆ ସମ୍ବିଧାନର କୌଣସି ଆବଶ୍ୟକତା ନାହିଁ। ବହୁ କାଳରୁ ଦେଶରେ ମନୁସ୍ମୃତି ସମ୍ବିଧାନ ରୂପରେ କର୍ଯ୍ୟକାରୀ ହୋଇଆସିଛି। ଏହାକୁ ହିଁ ସ୍ୱାଧୀନ ଭାରତର ସମ୍ବିଧାନ ରୂପେ ଗ୍ରହଣ କରାଯିବା ଉଚିତ୍। ସେ ସମୟରେ ଏମାନଙ୍କୁ ବ୍ୟାପକ ସମର୍ଥନ ମିଳିନଥିଲା। ଏବେ ପୁଣି ଏମାନେ ସକ୍ରୀୟ ହୋଇ ଯାଇଛନ୍ତି। ତାଙ୍କୁ ରାଜନୈତିକ ସଂରକ୍ଷଣ ମଧ୍ୟ ମିଳୁଛି। ବିଭିନ୍ନ ସାମାଜିକ ଗଣମାଧ୍ୟମ ଜରିଆରେ ଶୁଣିବାକୁ ମିଳୁଛି ଯେ ମନୁସ୍ମୃତି ଆଧାରରେ ଏକ ନୂଆ ସମ୍ବିଧାନ ତିଆରି ସରିଛି। ଏହାର ନକଲ ମଧ୍ୟ ସାମାଜିକ ଗଣମାଧ୍ୟମରେ ପ୍ରଦର୍ଶିତ ହେଉଛି। ବେଳେବେଳେ କେତେକ ଦଳୀୟ ପଦାଧିକାରୀମାନେ ମଧ୍ୟ ସମ୍ବିଧାନ ବଦଳାଇବା ପ୍ରସଙ୍ଗରେ ମନ୍ତବ୍ୟ ଦେବାର ଶୁଣାଯାଏ। ଅବଶ୍ୟ ଏ ବିଷୟରେ କୌଣସି ସିଦ୍ଧାନ୍ତଗତ ସୂଚନା ପ୍ରକାଶ ପାଇନାହିଁ। ଅନେକଙ୍କ ଧାରଣା ଯେ ହଠାତ ଏହା ଉପରେ ସଂସଦରେ ବିଲ୍ ଆଗତ ହୋଇପାରେ। ଅନ୍ୟ ବିଲ୍ ପରି ସ୍ୱଳ୍ପ ଆଲୋଚନାରେ ପାରିତ ହୋଇ ଯାଇପାରେ। ରାଷ୍ଟ୍ରବ୍ୟାପୀ ବିତର୍କ ଆରମ୍ଭ ହେବା ପୂର୍ବରୁ ସମସ୍ତ କାର୍ଯ୍ୟ ସମାପ୍ତ ହୋଇଯିବାର ସମ୍ଭାବନା ରହିଛି। ତେବେ ଆଉ କେତେକଙ୍କ ମତ ଯେ ଏପରି ସମ୍ଭାବନା କମ୍। କାରଣ ଏଥିପାଇଁ ଲମ୍ବା ପ୍ରକ୍ରୀୟା ରହିଛି।

ଭାରତୀୟ ସମ୍ବିଧାନ ଦେଶକୁ ଆଗେଇ ନେବାର ଏକ ପ୍ରଗତିଶୀଳ ନିୟାମକ ଗ୍ରନ୍ଥ। ପ୍ରଗତି ପଥରେ କୌଣସି ପ୍ରତିବନ୍ଧକ ଦେଖାଦେଲେ ତାକୁ ହଟାଇବାର ବ୍ୟବସ୍ଥା ମଧ୍ୟ ଏଥିରେ ରହିଛି। ସମ୍ବିଧାନର ଯେକୌଣସି ଧାରା ଓ ଉପଧାରାକୁ ସଂଶୋଧନ କରିବାର ବ୍ୟବସ୍ଥା ମଧ୍ୟ ରହିଛି। ଯେଉଁମାନେ ନୂଆ ସମ୍ବିଧାନ ଆଣିବା ସପକ୍ଷରେ ମତ ରଖୁଛନ୍ତି, ସେମାନେ ଏହାଠାରୁ ଅଧିକ ପ୍ରଗତିଶୀଳ ସମ୍ବିଧାନ ଆଣିବା କଥା କହନ୍ତି ନାହିଁ, ସେମାନେ ମଧ୍ୟଯୁଗୀୟ ସମାଜିକ ନୀତିନିୟମ ଉପରେ ପର୍ଯ୍ୟବେଶିତ ଏକ ରକ୍ଷଣଶୀଳ ଓ ଅପ୍ରଗତିଶୀଳ ସାମ୍ବିଧାନିକୁ ଆଣିବାକୁ ଚାହାଁନ୍ତି। ପ୍ରଚଳିତ ସମ୍ବିଧାନର ସମାନତା, ବ୍ୟକ୍ତିସ୍ୱାତନ୍ତ୍ରତା, ଭାତୃତ୍ୱଭାବ, ନ୍ୟାୟ ପ୍ରଭୃତି ବିଷୟ ଏମାନଙ୍କ ପାଇଁ ପୀଡ଼ାଦାୟକ। ସମାଜିକ ସମାନତାକୁ ଏମାନେ ଗ୍ରହଣ କରିପାରୁ ନାହାଁନ୍ତି। ଯେଉଁମାନେ ହଜାର ବର୍ଷଧରି ସମାଜରେ ଘୃଣିତ ଓ ଅସ୍ପୃଶ୍ୟ ହୋଇ ରହିଥିଲେ ସେମାନେ ସମସ୍ତଙ୍କ ସହିତ ସମାନ ହୋଇଯିବେ ଏହା ଗ୍ରହଣୀୟ ହେଉନାହିଁ। ଏମାନଙ୍କ ମତରେ ଭାଇଚାରା ଏକ ଫମ୍ପା ଆୱାଜ। ଶୁଦ୍ର, ନାରୀ, ସଂଖ୍ୟାଲଘୁ ତଥା ଗରୀବମାନେ ତ ତାଡନାର ଯୋଗ୍ୟ। ଏମାନଙ୍କୁ ଦମନ କରିବା ସାମାଜିକ ନିୟମ। ତେଣୁ ମମତା ଭାବର କଥା କୁଆଡୁ ଆସୁଛି। ଧର୍ମ ଓ ଜାତି ଆଧାରରେ ଯାହା ସିଦ୍ଧାନ୍ତ ନିଆଯାଏ ତାହାହିଁ ଚୂଡାନ୍ତ। ତେଣୁ ବ୍ୟକ୍ତି କଣ ପିନ୍ଧିବ, କଣ ଖାଇବ, କେଉଁ ପରମ୍ପରାକୁ ମାନିବ, କେଉଁ ବିଶ୍ୱାସର ବଶବର୍ତ୍ତୀ ହେବ ତାହା ଧର୍ମର ଓ ଜାତିର ବଡ଼ପଣ୍ଡାମାନେ ନିର୍ଣ୍ଣୟ କରିବେ। ବର୍ତ୍ତମାନର ସମ୍ବିଧାନ ଏପରି କରିବାକୁ ସୁଯୋଗ ଦେଉନଥିବା ଯୋଗୁଁ ଏହା ଅନୁପୋଯୋଗୀ ବୋଲି ଏମାନଙ୍କ ମତ।

ସଂସ୍କୃତି ଓ ପରମ୍ପରାର ଭୁଲବ୍ୟାଖ୍ୟା କରି ଏହାକୁ ସାଂସ୍କୃତିକ ଆନ୍ଦୋଳନର ନାମଦେଇ, ଆମ ସଂସ୍କୃତି ଓ ପରମ୍ପରା ଆଧାରରେ ସମ୍ବିଧାନ ରଚନା ହୋଇନାହିଁ ବୋଲି କହିବା ପଛରେ କୌଣସି ଯଥାର୍ଥତା ନାହିଁ। ଆନେକ ଜାତି, ଅନେକ ଧର୍ମବିଶ୍ୱାସ, ଅନେକ ସମ୍ପ୍ରଦାୟ, ଅନେକ ଅଞ୍ଚଳ ଓ ଅନେକ ବିବିଧତାକୁ ନେଇ ଏ ଯେଉଁ ସମ୍ବିଧାନ ରଚନା ହୋଇଛି ତାହାହିଁ ଶ୍ରେଷ୍ଠ ସମ୍ଭାବନା। ଏହାକୁ ନେଇଁ ସମସ୍ତ ଭାରତବାସୀ ଗର୍ବ ଅନୁଭବ କରିବା ଉଚିତ୍। ସମ୍ବିଧାନର ଯଥାର୍ଥ କାର୍ଯ୍ୟକାରିତା ଉପରେ ସମସ୍ତେ ଧ୍ୟାନ ଦେବା ଉଚିତ୍। ଏହାହିଁ ଦେଶକୁ ପ୍ରଗତି ପଥରେ ଆଗେଇ ନେବ। ଏ ସମ୍ବିଧାନ ଆମର ଓ ଏ ସମ୍ବିଧାନ ସମସ୍ତଙ୍କ ପାଇଁ ଗୌରବର ବିଷୟ, ଏହି ଅବଧାରଣା ଆମ ସମସ୍ତଙ୍କ ମଧ୍ୟରେ ଜାତ ହେବା ଉଚିତ୍।

ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦

# ଭାରତର ଦୁଗ୍ଧ ସମବାୟ ସମିତି ଏବଂ ଡକ୍ଟର ଭାର୍ଗିସ୍ କୁରିଆନ୍



## ବିଷ୍ଣୁ ପ୍ରସାଦ ଦାସ

ସମାଜକୁ ପୁଞ୍ଜିପତି ମାନେ ଶୋଷଣ କରୁଥିବା ସମୟରେ ଗରିବ ଦିନକୁ ଦିନ ଆହୁରି ଗରିବ ହୋଇ ଯାଉଛି । ସ୍ୱଳ୍ପ ଆୟ କରୁଥିବା ବ୍ୟକ୍ତି ଟିଏ ଦୈନ୍ୟ ଦିନ ତା'ର ନିତ୍ୟ ବ୍ୟବହାର ନିମନ୍ତେ ପ୍ରୟୋଜନୀୟ ଜିନିଷ ପତ୍ର ଠାରୁ ଆରମ୍ଭ କରି ଅନ୍ୟାନ୍ୟ କାର୍ଯ୍ୟ ନିମନ୍ତେ ବଜାର ଉପରେ ନିର୍ଭର କରିଥାଏ । ବଜାରରେ ଉପଲବ୍ଧ ହେଉଥିବା ପଦାର୍ଥ ଗୁଡିକ ଉତ୍ପାଦନ ସ୍ଥଳରୁ ଖାଉଟି ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ଅନେକ ହାତ ଦେଇ ଆସିଥାଏ । ସେହି ହାତ ଗୁଡ଼ିକ ମଧ୍ୟସ୍ଥି ମାନଙ୍କର , ସେମାନେ ନିଜ ନିଜ କମିଶନ୍ ନେଇଥାନ୍ତି ଏବଂ ଶେଷରେ ଖାଉଟି ଜିନିଷ କିଣିବା ସମୟରେ ତାକୁ ଭରଣା କରେ । ଏହି ପ୍ରକ୍ରିୟାକୁ ଅନୁଧ୍ୟାନ କରି ମଧ୍ୟସ୍ଥି ବିହୀନ କିଣା ବିକା, ସେବା କିପରି ହୋଇ ପାରିବ ସେଥିପାଇଁ ସମବାୟ ସମିତିର ସୃଷ୍ଟି ହୋଇଛି । ଗଣତନ୍ତ୍ରରେ ଯେପରି ଲୋକଙ୍କ ସରକାର, ଲୋକଙ୍କ ଦ୍ୱାରା ସରକାର ଏବଂ ଲୋକମାନଙ୍କ ପାଇଁ ସରକାର ... ଠିକ୍ ସେହିପରି ସମବାୟ ସମିତି ଗୁଡିକ ସହଯୋଗୀ ସମିତିର ସଦସ୍ୟ ମାନଙ୍କର ସମିତି, ସଦସ୍ୟଙ୍କ ଦ୍ୱାରା ସମିତି ଏବଂ ସଦସ୍ୟଙ୍କ ପାଇଁ ସମିତି । ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଏଥିରେ କେହି ମାଲିକ ନୁହନ୍ତି କିମ୍ବା କେହି ଚାକର ନୁହନ୍ତି । ସମସ୍ତ ସଦସ୍ୟ ମାନଙ୍କର ପ୍ରତ୍ୟେକ କ୍ଷେତ୍ରରେ ସମାନ ଅଧିକାର ଥାଏ । ସମବାୟ ସମିତିରୁ ଯେଉଁ ଲାଭାଂଶ ବାହାରେ ତାହା ସମସ୍ତ ସଦସ୍ୟ ମାନଙ୍କ ମଧ୍ୟରେ ସମାନ ଭାବେ ଭାଗ କରାଯାଇ ଥାଏ ।

ସମବାୟ ସମିତିଟିଏ ଗଠନ କରିବା ନିମନ୍ତେ ସର୍ବନିମ୍ନ ୧୦ ଜଣ ସଦସ୍ୟଙ୍କ ଆବଶ୍ୟକତା ଥାଏ , ସର୍ବାଧିକ ସଦସ୍ୟଙ୍କ ପାଇଁ କୌଣସି ସୀମା ନାହିଁ । ଭାରତୀୟ ସମବାୟ ସମିତି ନିୟମ ୧୯୧୨ ଧାରା ୪ ଅନ୍ତର୍ଗତ କୁହାଯାଇଛି ଯେ , ଏହା ଏପରି ସମିତି ଯାହାଦ୍ୱାରା ସଦସ୍ୟ ମାନଙ୍କର ଆର୍ଥିକ ସ୍ଥିତିରେ ସୁଧାର ଆଣିବା ଏହାର ପ୍ରଧାନ ଲକ୍ଷ ହେବା ଉଚିତ୍ । ତେବେ ଅନେକ ସ୍ଥାନରେ ଦୁର୍ନୀତି ନିମନ୍ତେ ଏହାର ଦୁରୁପଯୋଗ ପରିଲକ୍ଷିତ ହେବାର ନଜିର ରହିଛି । ପଞ୍ଜିକୃତ ସମିତି ଗୁଡିକର କୁପରିଚାଳନା ତଥା ରାଜନୈତିକ ହସ୍ତକ୍ଷେପ ଦ୍ୱାରା ଏହା ସରକାରଙ୍କ ନିୟନ୍ତ୍ରଣ ବାହାରକୁ ମଧ୍ୟ ଚାଲି ଯାଉଛି । କୋଟି କୋଟି ଟଙ୍କାର ଦୁର୍ନୀତିକୁ ବିଭାଗୀୟ ଅଡିଟ୍ ସଂସ୍ଥା ଘଣ୍ଟ ଘୋଡାଇ ନିଜର ସ୍ୱାର୍ଥ ହାସଲ କରୁଛନ୍ତି । ଆମ ଦେଶରେ କାର୍ଯ୍ୟକ୍ଷମ ହେଉଥିବା ସମବାୟ ସମିତି ଗୁଡିକ ହେଲା (୧)...ଗ୍ରାହକ ବା ଉପଭୋକ୍ତା ସମବାୟ ସମିତି (୨)...ଉତ୍ପାଦକ ସମବାୟ ସମିତି (୩)...ବିପଣନ ସମବାୟ ସମିତି (୪)...କ୍ରେଡିଟ ସମବାୟ ସମିତି (୫)...କୃଷି ସମବାୟ ସମିତି । ପ୍ରତ୍ୟେକଟି ସମବାୟ ସମିତିର ଉଦ୍ଦେଶ୍ୟ ସମିତିର ସଭ୍ୟ ମାନଙ୍କର ହିତ ସାଧନା କରିବା ନିମନ୍ତେ ଉଦ୍ଦିଷ୍ଟ । ଆମ ଦେଶର ଏକ ଅଗ୍ରଣୀ ସମବାୟ ସମିତିର ସଫଳ କାହାଣୀ ବିଷୟରେ ଅବଗତ ହେବା, ଯଦିଓ ଭାରତବର୍ଷରେ ପିଲା ଠାରୁ ବୁଢା ପର୍ଯ୍ୟନ୍ତ ସମସ୍ତେ ଏହି ସମବାୟ ସମିତିର ଉତ୍ପାଦକ ସହିତ ପରିଚିତ ଅଛନ୍ତି । ଆମ ପ୍ରବନ୍ଧରେ ଆମେ ଭାରତର ଗର୍ବ 'ଅମୁଲ' ଉପରେ କିଛି ଆଲୋକପାତ କରିବା ।

ଇଚ୍ଛାଶକ୍ତି ଥିଲେ ମନୁଷ୍ୟ ନିଶ୍ଚିତ ଭାବେ ସଫଳତା ହାସଲ କରିବ ଏହା ପ୍ରମାଣିତ କରିପାରିଛନ୍ତି ଡକ୍ଟର ଭାର୍ଗିସ କୁରିଆନ୍ । ଡ଼କ୍ଟର କୁରିଆନ୍ ଜଣେ ମେକାନିକାଲ ଇଞ୍ଜିନିୟର ହେବା ସହିତ ବିଜ୍ଞାନରେ ସ୍ନାତକତ୍ତର ତଥା ଆମେରିକାର ମିଚିଗାନ୍ ବିଶ୍ୱବିଦ୍ୟାଳୟରୁ ଶିକ୍ଷା ସମାପ୍ତ କରିଥିବା ବ୍ୟକ୍ତି । ତାଙ୍କର ଜନ୍ମ ୨୬ ନଭେମ୍ବର ୧୯୨୧ ମସିହାରେ କୋଝିକୋଡ୍ ଠାରେ ହୋଇଥିଲା ଏବଂ ୦୯ ସେପଟ୍ମେର ୨୦୧୨ ମସିହାରେ ତାଙ୍କର କର୍ମମୟ ଜୀବନର ଅନ୍ତ ଘଟିଥିଲା । ଆମେରିକାରୁ ଫେରିବା ପରେ ୧୯୪୯ ମସିହାରେ ସରକାରଙ୍କ ଦ୍ୱାରା ତାଙ୍କୁ ଗୁଜୁରାଟର ଆନନ୍ଦ ଠାରେ ଏକ ଦୁଗ୍ଧ ଉତ୍ପାଦନକାରୀ ସଂସ୍ଥାରେ ୫ ବର୍ଷ ପାଇଁ କାର୍ଯ୍ୟଭାର ଅର୍ପଣ କରାଯାଇଥିଲା । ପରବର୍ତ୍ତୀ ସମୟରେ ତାଙ୍କ ଇଚ୍ଛା ଶକ୍ତି , କର୍ତ୍ତବ୍ୟ ନିଷ୍ଠା ତଥା ଆନ୍ତରିକତା ଦ୍ୱାରା ପରିଚାଳିତ ଦୁଗ୍ଧ ସମବାୟ ସମିତି ' ଅମୁଲ୍ ' ଆଜି ଭାରତ କାହିଁକି ବିଶ୍ୱ ଦରବାରରେ ଏକ ନାମୀ ଦାମୀ ବ୍ରାଣ୍ଡରେ ପରିଣତ ହୋଇଛି । ତାଙ୍କୁ ଦୁଗ୍ଧ ଶିଳ୍ପର ପିତାମହ ଭୀଷ୍ମ ମଧ୍ୟ କୁହାଯାଇ ପାରେ, ମିଲ୍କ୍ ମ୍ୟାନ ନାମରେ ମଧ୍ୟ ସେ ପରିଚିତ । ତେବେ ୧୯୪୦ ମସିହା ପୂର୍ବର କଥା ଭାରତ ସେତେବେଳେ ବ୍ରିଟିଶ ଶାସନାଧୀନ ଥିଲା । ସେହି ସମୟରେ ଭାରତରେ ଅମୁଲ୍ ବଟର୍ ବା ଲହୁଣୀ ମିଳୁ ନଥିଲା 'ପଲସନ୍' ନାମକ ଏକପ୍ରକାର ଦେଶୀ ଲହୁଣୀର ବ୍ୟବହାର ବହୁଳ ବ୍ୟବହାର ଦେଖା ଯାଉ ଥିଲା । ପେସ୍ଟୋନ ଜି ଇଦୁନ୍ ଜି ଦଲାଲ ନାମକ ଜଣେ ପାର୍ଶି ବ୍ୟବସାୟୀ ଦୁଗ୍ଧକୁ କମ୍ ମୂଲ୍ୟରେ କିଣି ଅନେକ ବେଶୀ ମୂଲ୍ୟରେ ଗ୍ରାହକଙ୍କୁ ବିକ୍ରି କରୁଥିଲେ । ୧୯୪୫ ମସିହାରେ ବମ୍ବେ ସରକାରଙ୍କ ଦ୍ୱାରା ବମ୍ବେ ମିଲ୍କ୍ ସ୍କିମ୍ ଗଠିତ ହୋଇ ଥିଲା । ଦୀର୍ଘ ୪୨୭ କିଲୋମିଟର ଦୂର ଆନନ୍ଦ ଠାରୁ ବମ୍ବେ ପର୍ଯ୍ୟନ୍ତ ପାଷ୍ଟରାଇଜେଡ଼ ଦୁଗ୍ଧ ଗାଡ଼ିରେ ଆସୁଥିଲା । ଏହି କାର୍ଯ୍ୟ ପାଇଁ ପଲସନ୍ କମ୍ପାନୀକୁ ବ୍ରିଟିଶ ସରକାରଙ୍କ ଦ୍ୱାରା ଠିକା ଦିଆ ଯାଇଥିଲା । ଦୁଗ୍ଧ ଚାଷୀ ମାନଙ୍କୁ ପଲସନ୍ କମ୍ପାନୀ ଶୋଷଣ କରି ନିଜର ମୁନାଫା କମାଇବାରେ ସିଦ୍ଧ ହସ୍ତ ଥିଲା । ଅନେକ ଦୁଗ୍ଧ ଚାଷୀ ଶୋଷଣର ଶିକାର ହୋଇ ଶେଷରେ ଆତ୍ମହତ୍ୟାକୁ ଆପଣେଇ ନେଇ ଥିଲେ । ସେହି ସମୟରେ ଦୁଗ୍ଧ ଚାଷୀ ମାନେ ତ୍ରିଭୁବନ ଦାସ ପଟେଲ ମହାଶୟଙ୍କ ( ଜଣେ ଜଣାଶୁଣା ଚାଷୀଙ୍କ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରୁଥିବା ନେତା) ନେତୃତ୍ୱରେ କଂଗ୍ରେସ ନେତା ସର୍ଦାର ବଲ୍ଲଭ ଭାଇ ପଟେଲଙ୍କ ସହିତ ଯୋଗ ଯୋଗ କରି ଥିଲେ । ତାଙ୍କ ସହାୟତାରେ ନିଜସ୍ୱ ଦୁଗ୍ଧ ଜାତ ସାମଗ୍ରୀ ଗୁଡିକୁ ଏକ ସମବାୟ ସମିତି ଗଠନ କରି ବିକ୍ରି କରିବା ନିମନ୍ତେ ସିଦ୍ଧାନ୍ତ ନେଇଥିଲେ । ସର୍ଦାର ପଟେଲ କଂଗ୍ରେସ ନେତା ମୋରାର୍ଜୀ ଦେଶାଇଙ୍କୁ ଏହାର ଦାୟିତ୍ୱ ଦେଇଥିଲେ । ଦେଶାଇ ମହୋଦୟ ଖେଡ଼ା ଜିଲ୍ଲାର ପ୍ରତିଟି ଗ୍ରାମ ପରିଦର୍ଶନ କରି ଦୁଗ୍ଧ ଚାଷୀଙ୍କୁ ଏକଜୁଟ କରି ସମବାୟ ସମିତି ଗଠନ ଉପରେ ବିସ୍ତୃତ ଭାବେ ବୁଝାଇ ଥିଲେ । ଶେଷରେ ଏହାର କାର୍ଯ୍ୟକାରିତା ୧୯୪୬ ମସିହା ଡିସେମ୍ବର ମାସ ୧୯ ତାରିଖ ଦିନ ତ୍ରିଭୁବନ ଦାସ ପଟେଲ ମହୋଦୟଙ୍କ ଦ୍ୱାରା ଖେଡ଼ା ଜିଲ୍ଲା ଦୁଗ୍ଧ ଉତ୍ପାଦନକାରୀ ସମବାୟ ସମିତି ଲିମିଟେଡ଼ ( କେ ଡି ସି ଏମ ପି ୟୁ ଏଲ) ପ୍ରତିଷ୍ଠା ହେଲା । ପରବର୍ତ୍ତୀ ସମୟରେ ଏହା ଅମୁଲ୍ ନାମରେ ପରିଚିତ ହେଲା।

୧୯୪୯ ମସିହା ପର୍ଯ୍ୟନ୍ତ ଏହି ସମବାୟ ସମିତିରେ ଦୁଇଟି ଗ୍ରାମର ଦୁଗ୍ଧ ଚାଷୀ ଯୋଡି ହୋଇ ରହି ଥିଲେ । ସେହି ସମୟରେ ଡକ୍ଟର ଭାର୍ଗିସ୍ କୁରିଆନ୍ ଏହା ସହିତ ଯୋଡି ହୋଇ ଏହାର ଉନ୍ନତି ପାଇଁ ଅନ୍ତରରୁ ଚେଷ୍ଟା କରି ଥିଲେ । ଶ୍ୱେତ କ୍ରାନ୍ତିର ଜନକ ଡ଼କ୍ଟର କୁରିଆନ୍ ସମବାୟ ସମିତିରେ କାର୍ଯ୍ୟଭାର ଗ୍ରହଣ କରି ଦେଖିଲେ ଯେ, ସେଠାରେ ପ୍ରତିଦିନ ୨୪୭ ଲିଟର ଦୁଗ୍ଧ ଉତ୍ପାଦନ ହେଉଥିଲା ଏବଂ ସେହି ଦୁଗ୍ଧ ବମ୍ବେ ମିଲ୍କ ସ୍କିମ୍ କୁ ପଠା ଯାଉଥିଲା । ଡ଼କ୍ଟର କୁରିଆନ୍ ଙ୍କ ଚେଷ୍ଟାରେ ଧୀରେ ଧୀରେ ଦୁଗ୍ଧ ଚାଷୀଙ୍କ ସଂଖ୍ୟା ବଢି ବଢି ଚାଲିଲା, ଫଳରେ ଦୁଗ୍ଧକୁ ବିଭିନ୍ନ ପ୍ରକ୍ରିୟା କରଣ ନିମନ୍ତେ ଆଧୁନିକ ଯନ୍ତ୍ରର ଆବଶ୍ୟକ ପଡିଲା । ସେହି ସମୟରେ ମଇଁଷି ଦୁଗ୍ଧକୁ ଗୁଣ୍ଡ ପାଉଡର୍ ଦୁଗ୍ଧରେ ପରିଣତ କରିବାର କୌଣସି ମେସିନ ନଥିଲା । ଜଣେ ଦକ୍ଷ ଇଞ୍ଜିନିଅର ଭାବେ ଡକ୍ଟର କୁରିଆନ୍ ଆମେରିକାରେ ରହିଥିବା ତାଙ୍କ ଇଞ୍ଜିନିଅର ବନ୍ଧୁ ହରିଚାନ୍ଦ ମେଘା ଦୟାଲଙ୍କୁ ଭାରତ ଡାକିଥିଲେ । ତାଙ୍କର ସହାୟତା ଏବଂ ଡକ୍ଟର କୁରିଆନ୍ ଙ୍କ ଇଚ୍ଛାଶକ୍ତି ଦ୍ୱାରା ୧୯୫୫ ମସିହାରେ ଭାରତରେ ପ୍ରଥମ ଥର ପାଇଁ ସ୍ୱଦେଶୀ ମିଲ୍କ୍ ପାଉଡର୍ ଉତ୍ପାଦନର ଆରମ୍ଭ ସହିତ ଭାରତରେ ଶ୍ୱେତ କ୍ରାନ୍ତିର ଯୁଗର ଭିତ୍ତି ସ୍ଥାପନ ହୋଇ ଥିଲା । ଡକ୍ଟର କୁରିଆନ୍ କେ ଡି ସି ଏମ ପି ୟୁ ଏଲ ର ନାମ ପରିବର୍ତ୍ତନ କରିବାକୁ ଚାହିଁ ଥିଲେ । ସମସ୍ତ କର୍ମଚାରୀଙ୍କ ସହିତ ବିଚାର ବିମର୍ଷ ପରେ ସର୍ବ ସମ୍ମତ୍ତି କ୍ରମେ ଏହାର ନୂତନ ନାମ ଅମୁଲ୍ୟ ( ଯାହାର ମୂଲ୍ୟ ନାହିଁ ଯାହା ଅମୁଲ୍ୟ ) ରଖିଥିଲେ । ପରବର୍ତ୍ତୀ ସମୟରେ ଏହା 'ଅମୁଲ୍' ନାମରେ ପରିଚିତି ଲାଭ କରି ଆଜି ପର୍ଯ୍ୟନ୍ତ ଦେଶ ବିଦେଶରେ ସେବା ଯୋଗାଇ ଆସୁଛି।

ଅମୁଲର ସଫଳତାକୁ ଦେଖି ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମାନ୍ ଲାଲ୍ ବହାଦୁର୍ ଶାସ୍ତ୍ରୀଜୀ ଖୁବ୍ ପ୍ରଭାବିତ ହୋଇଥିଲେ । ଶାସ୍ତ୍ରୀଜୀ ୧୯୬୫ ମସିହାରେ ନ୍ୟାସନାଲ ଡ଼ାଇରୀ ଡେଭଲପମେଣ୍ଟ ବୋର୍ଡ (ଏନ ଡି ଡି ବି ) ଗଠନ କରିଥିଲେ ଏବଂ ଡକ୍ଟର କୋରିଆନ୍ ଙ୍କୁ ଏହାର ଅଧକ୍ଷ ଭାବେ ନିଯୁକ୍ତି ଦେଇଥିଲେ । ଦେଖୁ ଦେଖୁ ଭାରତ ନିଜର ଦୁଗ୍ଧ ଚାହିଦାକୁ ପୂର୍ଣ୍ଣ କରିବା ସହିତ ବଳକା ଦୁଗ୍ଧ ତଥା ଦୁଗ୍ଧ ଜାତ ଦ୍ରବ୍ୟ ବିଦେଶକୁ ମଧ୍ୟ ରପ୍ତାନି କରିବାକୁ ଆରମ୍ଭ କରିଦେଲା । ସଫଳତାର ସୋପାନ ପରେ ସୋପାନ ଅତିକ୍ରମ କରି ୨୦୨୩ ମସିହାରେ ଅମୁଲ୍ ର ବ୍ୟବସାୟ ୭୨ ହଜାର କୋଟିରୁ ମଧ୍ୟ ଅଧିକ ହୋଇଛି । ପ୍ରତିଦିନ ପ୍ରାୟ ୩୫ ରୁ ୪୦ ଲକ୍ଷ ଲିଟର କ୍ଷୀର ଜମା ହେଉଛି , ଏହାର କାର୍ଯ୍ୟକାରୀ କ୍ଷମତା ୫୦ ଲକ୍ଷ ଲିଟରରୁ ମଧ୍ୟ ଅଧିକ ହୋଇ ଯାଇଛି । ୩୦ ଲକ୍ଷ ଚାଷୀ ଏହା ସହିତ ସଂଯୁକ୍ତ ଅଛନ୍ତି , ୩୫ ଲକ୍ଷରୁ ଅଧିକ ଲୋକ ପ୍ରତ୍ୟକ୍ଷ ବା ପରୋକ୍ଷରେ ଏହି ସଂସ୍ଥା ଦ୍ୱାରା କାର୍ଯ୍ୟକ୍ଷମ ହୋଇ ପରିବାର ପ୍ରତି ପୋଷଣ କରି ପାରୁଛନ୍ତି । ଏହାର ମୁଖ୍ୟ ଶ୍ରେୟ ଡକ୍ଟର କୁରିଆନ୍ ଙ୍କୁ ଯାଉଛି , ଦେଶରେ ଦୁଗ୍ଧ ବନ୍ୟା କରି ପାରିଥିବା ସେହି ମଣିଷଟିର ଇଚ୍ଛାଶକ୍ତି , କଠିନ ପରିଶ୍ରମ, ଅଧବସାୟ ତଥା ନିଃସ୍ୱାର୍ଥପର ସେବା ତାଙ୍କୁ ମହାନ କରି ପାରିଛି । ଆଜି ସେ ଆମ ଗହଣରେ ନାହାନ୍ତି ସତ , କିନ୍ତୁ ତାଙ୍କଦ୍ୱାରା ପରିଚାଳିତ ଅମୁଲ୍ ସାରା ବିଶ୍ୱବାସୀଙ୍କ ମନକୁ କିଣି ନେଇଛି । ଅନେକ ସମ୍ମାନ ପାଇଥିବା ଡକ୍ଟର କୁରିଆନ୍ ଇତିହାସ ରଚି ଦେଇ ଗଲେ ...ସେହି ଉକ୍ତିରେ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ରଚିତ ପଦ୍ୟଟିଏ ମନେ ପଡ଼ିଯାଏ ....ମାନବ ଜୀବନ ନୁହଁଇ କେବଳ ବର୍ଷ ମାସ ଦିନ ଦଣ୍ଡ , କର୍ମେ ଜୀଏଁ ନର କର୍ମ ଏକା ତା'ର ଜୀବନର ମାନଦଣ୍ଡ ।

(ବରିଷ୍ଠ ନାଗରିକ)
ସ୍ନେହ କୁଟୀର , ଝାଞ୍ଜିରୀ ମଙ୍ଗଳା
କଟକ ୭୫୩୦୦୯
ମୋ : ୯୯୩୭୧୭୪୦୯୭

# ତ୍ରେତା ଯୁଗ

## ଅଜୟ କୁମାର ବେହେରା



ନାୟକ, ନାୟିକା, ଖଳ ନାୟକ, ଖଳନାୟିକା ଆଉ କେତେ ପାର୍ଶ୍ୱ ଅଭିନେତାଙ୍କୁ ନେଇ ଲୋକମନୋରଞ୍ଜନ ତଥା ଶିକ୍ଷାପ୍ରଦ, ଅଭିନୟ, ନାଟକ, ଡ୍ରାମା, ସିନେମା ହୁଏ। ଏହା ସୁଖ, ଦୁଃଖ ହସ, କାନ୍ଦ, ଜନ୍ମ ମରଣ, ଆନନ୍ଦିତ ବିବାହ, ଦୁଃଖଦ ବିଚ୍ଛେଦରେ ଦର୍ଶକଙ୍କୁ ମ୍ରିୟମାଣ କରାଇବା ବୁଝା ପଡ଼େ। ମାନବ ଜୀବନ ନିଶ୍ଚିତ ଲମ୍ବା, ହେଲେ ବିଦ୍ୟାଅଧ୍ୟୟନରେ ବିଭିନ୍ନ ପିରିଅଡ଼ ଥିବାପରି ଏସବୁ ସାର୍ବଜନୀନ ଖୋଲା ବିଦ୍ୟାଳୟର ଏକ ଏକ ପିରିଅଡ଼ ସଦୃଶ। କିଶୋର, ଯୁବା, ପ୍ରୌଢ଼ ବୃଦ୍ଧ ସବୁ ବୟସ ପୁରୁଷ ସ୍ତ୍ରୀ ସମସ୍ତଙ୍କ ପାଇଁ ମୁକ୍ତ ବିଦ୍ୟାଳୟ, ଉଚ୍ଚତର ପାଠଶାଳା। ଏହି ବିଶ୍ୱ ଏକ ରଙ୍ଗମଞ୍ଚ, ଏଥିରେ ବିଶ୍ୱ ସୃଷ୍ଟି ହେବାଦିନୁ ନାଟକର ସିରିଏଲ ଚାଲିଛି, ଯାହା କଳ୍ପ ଅଙ୍କ ଯୁଗ ଦୃଶ୍ୟରେ ସିରିଏଲ ଚାଲୁଛି। ଯୁଗ ସବୁ ଦିନେ, ଓଳିଏ, ଘଣ୍ଟାଏ ନୁହେଁ, କାହିଁ କେତେ ବର୍ଷ। ନାଟକ ଦ୍ୱିମଞ୍ଚ ଗୃହି ଓ ସନ୍ନ୍ୟାସୀ। ପୁଣି ଜନତା ଓ ଜନଶାସକ, ଧନୀ ଆଉ ଦରିଦ୍ର, ନାରୀ ପୁରୁଷ ଯୁଆଡ଼େ ଚାହାଁ ସାଡ଼େ ଦୃଶ୍ୟ ଚାଲିଛି। ନାଟକରେ ନଟ ଓ ନଟୀ, ଆଦ୍ୟରେ ହର, ପାର୍ବତୀ, ତାଙ୍କ ସହ ଲକ୍ଷ୍ମୀ ନାରାୟଣ, ଲୋକ ଶିକ୍ଷା ପାଇଁ ତାଙ୍କର ବିଭିନ୍ନ ରୂପରେଖ ଘଟଣା ପ୍ରବାହ ଘରେ ଘରେ ଚାଲିଛି। ପୁଣି ସେମାନେ କରି କରାଉଛନ୍ତି। ଏମିତି ଦିନେ ଚାଲୁଥିଲା ନାଟକର ଦ୍ୱିତୀୟ ଅଙ୍କ, ଯାହାଥିଲା ତ୍ରେତୟା ଯୁଗ। ଏଥିରେ ସେହି ମୂଳ ନାଟୁଆ ଶିବ, ତାଙ୍କ ପତ୍ନୀ, ମହାଶତ୍ରୁ, ଶତ୍ରୁ ସହ କେମିତିକା ବ୍ୟବହାର କରାଯିବା ଦରକାର ତାହା ? ମୂଲ୍ୟବାନ ଅନୁଭବର ଦୃଶ୍ୟରାଜୀରେ ଭରପୁର ନାଟକ। ଶିଶୁ କାଳରୁ ଯେ ଲଲା କହି ଅନେକ ଗେହ୍ଲା କରିଆସୁଥିଲେ, ତାଙ୍କ ପୁଅକୁ ପଛ କରି ସଉତୁଣୀ ପୁଅକୁ ଅତି ଆପଣାକରି କୋଳେଇ କାଖେଇ ସ୍ନେହ ଦେଇ ସମୟ ଗୁରୁ ଗୃହକୁଯିବା ପର୍ଯ୍ୟନ୍ତ କଟାଇଥିଲେ। ସେ ପୁଣି ବିଦ୍ୟା ଶେଷ କରି ଗୁରୁଗୃହରୁ ବିଦ୍ୟାର୍ଜନ ସାରି ତାଙ୍କ ପୁଅ ସହିତ ଫେରିବା ପରେ ନିଜର ଭାବ ବଦଳାଇ ତାଙ୍କ ସହ ଆସିଥିବା ଦାସୀ ମନ୍ଥରାର କୁମନ୍ତ୍ରଣା ସ୍ୱାର୍ଥପର ବିଷାକ୍ତ ଚିନ୍ତାଧାରାରେ ତାଙ୍କ ପୁଅକୁ ରାଜାକରାଇବା ତତସହ ରାମଙ୍କୁ ବନବାସ ଚଉଦ ବର୍ଷ ଯାଏ କରାଇବା, ଜିଦ ଉପସ୍ଥାପିତ କରିଲେ। ଯେ କୌଣସି ପୁରୁଷର ଉଦ୍ଦାମ କାମନା ଚରିତାର୍ଥ କାଳରେ କାମ ପାଗଳରେ ତତ୍କାଳୀନ ସଙ୍ଗୀ ନାରୀର, ଚତୁର କଥାରେ ଆଗ ପଛ ନଭାବି ହିଁ କରିଦେଇଥାନ୍ତି।

ଏ ସ୍ଥଳରେ କୈକେୟୀ ଜାଣନ୍ତି, ଦଶରଥ, ତାଙ୍କୁ ଦ୍ୱିତୀୟ ପତ୍ନୀ ରୂପେ ଜୀବନସାଥୀ କରିବାକୁ ଯାଉଛନ୍ତି। ବଡ଼ ରାଣୀଙ୍କ ପୁଅକୁ ରାଜା କରିବା ପରମ୍ପରାକୁ ଭଙ୍ଗ କରି ତାଙ୍କରି ପୁଅକୁ ରାଜ କରାଇବା, ଚୁକ୍ତି ଦାମ୍ପତ୍ୟ ଜୀବନର ଆଦ୍ୟ କାଳର। ଏଥିରେ ପୁରୁଷର ଓ ସ୍ତ୍ରୀ ଦୁଇଙ୍କର ଦୁଇ ପ୍ରକାର ଉଦ୍ଦେଶ୍ୟ। ଉଭୟଙ୍କ ଭାବଧାରା ଅଲଗା ଅଲଗା ରାଜ ମହଲରେ ସବୁ ମିଳେ ମାତ୍ର ଆନନ୍ଦ ଯେ ନଥାଏ, ଏକଥା ଅଯୋଧ୍ୟା ରାଜମହଲରେ ଜଣାପଡ଼ିଛି। ପ୍ରକୃତରେ ଆନନ୍ଦ କଣ, ପୁରାଣକର୍ତ୍ତା ଏହା କଥାଟିକୁ ସାର୍ବଜନୀନ କରାଇବାକୁ ପ୍ରୟାସ କରିଛନ୍ତି। ରାମ ଲଙ୍କା ବିଜୟ ସୀତା ଉଦ୍ଧାର, କରି ଚଉଦ ବର୍ଷ ମିୟାଦ ପରେ ରାମ ଆସି ଅଯୋଧ୍ୟା ରାଜସିଂହାସନ ଅଭିଷିକ୍ତ ହେଲେ। ସୀତା ଗର୍ଭବତୀ ହେଲେ। ହେଲେ ଲୋକକଥା ରାଜ ଅନ୍ଦରମହଲକୁ ଗଲା। ଲୋକ କଥାରେ ସୀତା ପର ଗୃହରେ ଅନେକ ରାତ୍ରିଯାପନ କରି ତାଙ୍କ ସ୍ୱାମୀଙ୍କ ସନ୍ଦେହ ପାତ୍ରୀ ହେଉନାହାନ୍ତି ଅଥଚ ଜଣେ ନାରୀ ତାର ପିତାମାତାଙ୍କ ଘରକୁ ସ୍ୱାମୀ ଅଜ୍ଞାତରେ ଏକ ରାତ୍ରୀ ପିତୃମାତୃ ଗୃହ କଟାଇ ସ୍ୱାମୀ ଗୃହକୁ ଫେରିବା, ସମାଜରେ ବାଛନ୍ଦ, ଏଇଟା ଦେଶ ରାଜାଙ୍କୁ ସାଧାରଣ ପ୍ରଜା ଦମ୍ପତ୍ତି ପରି ଉତ୍ତରଦାୟୀ ହେବା ନିଶ୍ଚୟ ବିସ୍ମୟ। ରାମ ଅଙ୍ଗେ ଲିଭାଇଛନ୍ତି ଏକ ବସ୍ତ୍ରରେ ଅଶୋକ ବଗିଚାରେ ନାରୀ ଗଣ ବେଷ୍ଟିତ ସନ୍ନ୍ୟାସିନୀ ପରି ସମୟ ବିତାଇବା ଅବସ୍ଥାରେ ତାଙ୍କୁ ରାମ ଉଦ୍ଧାର କରିଛନ୍ତି। ଏଥିରେ ସୀତା ପରମା ବିଦୁଷୀ ଋଷି ମୁନୀ ଗହଣରେ ଶିଶୁ କାଳରୁ ରାଜବଧୂ ହେବା ପର୍ଯ୍ୟନ୍ତ, ସମୟ ତାପରେ ସ୍ୱାମୀ ଦେବରଙ୍କ ସହ ବନଗମନ, ବହୁତ ଋଷି ମୁନୀ ଆଶ୍ରମରେ ସତସଙ୍ଗ ଏତେ ସତ୍ତ୍ୱେ ନିଜ ସ୍ତ୍ରୀକୁ ରାମଙ୍କ ସନ୍ଦେହ, ଗର୍ଭାବସ୍ଥାରେ ସ୍ତ୍ରୀକୁ ଭୁଲାଇ ଜଙ୍ଗଲରେ ଛାଡ଼ି ଆସିବା ଏସବୁ ସମସ୍ୟାବହୁଳ ଘଟଣା, ତ୍ରେତା ଯୁଗରେ ହେଲେ ବି ଏହା ସର୍ବକାଳିକ ଘଟଣା। ସେହି ପ୍ରଖ୍ୟାତ ନଟ ନଟୀ ଏପରି ସର୍ବକାଳ ଏପରି ନିଖୁଣ ଅଭିନୟ କରିଚାଲୁଛନ୍ତି।

'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ,
କଟକ,
ମୋ : ୯୪୩୭୦୩୧୨୫୩

# ବଦଳୁଥିବା ଭାରତର ଶ୍ରମ ନୀତି: ଆଶା ଓ ଆଶଙ୍କାର ମିଶ୍ରିତ ଚିତ୍ର

ଭାରତୀୟ ଅର୍ଥନୀତିର ଇତିହାସରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହେବାକୁ ଯାଉଛି, ଯାହା ଦେଶର କୋଟି କୋଟି ଶ୍ରମିକ ଏବଂ ନିଯୁକ୍ତିଦାତାଙ୍କ ଭବିଷ୍ୟତକୁ ଗଭୀର ଭାବରେ ପ୍ରଭାବିତ କରିବ । ଦୀର୍ଘ ଦଶନ୍ଧି ଧରି ଭାରତରେ ପ୍ରଚଳିତ ଥିବା ଜଟିଳ, ପୁରାତନ ଏବଂ କେତେକାଂଶରେ ଅପ୍ରାସଙ୍ଗିକ ହୋଇପଡ଼ିଥିବା ଶ୍ରମ ଆଇନଗୁଡ଼ିକୁ ପରିବର୍ତ୍ତନ କରି କେନ୍ଦ୍ର ସରକାର ଯେଉଁ ଚାରୋଟି ନୂତନ ଶ୍ରମ ସଂହିତା ବା 'ଲେବର କୋଡ୍' ଆଣିଛନ୍ତି, ତାହା ବର୍ତ୍ତମାନ ଜାତୀୟ ସ୍ତରରେ ଚର୍ଚ୍ଚା ଓ ବିତର୍କର କେନ୍ଦ୍ରବିନ୍ଦୁ ପାଲଟିଛି । ସ୍ୱାଧୀନତା ପରଠାରୁ ଭାରତରେ ଶ୍ରମିକମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ବିଭିନ୍ନ ସମୟରେ ଅନେକ ଆଇନ ପ୍ରଣୟନ କରାଯାଇଥିଲା, କିନ୍ତୁ କାଳକ୍ରମେ ସେଗୁଡ଼ିକ ମଧ୍ୟରୁ ଅନେକ ଆଇନ ବର୍ତ୍ତମାନର ବିଶ୍ୱାୟନ ଯୁଗରେ ଶିଳ୍ପ ବିକାଶ ପାଇଁ ବାଧକ ସାଜିଥିଲା ଏବଂ କେତେକ କ୍ଷେତ୍ରରେ ପରସ୍ପର ବିରୋଧୀ ମଧ୍ୟ ଥିଲା । ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସରକାର ୨୯ଟି କେନ୍ଦ୍ରୀୟ ଶ୍ରମ ଆଇନକୁ ଏକତ୍ରିତ କରି ଚାରୋଟି ମୁଖ୍ୟ ସଂହିତାରେ ରୂପାନ୍ତରିତ କରିଛନ୍ତି, ଯଥା: ମଜୁରୀ ସଂହିତା, ସାମାଜିକ ସୁରକ୍ଷା ସଂହିତା, ଶିଳ୍ପ ସମ୍ପର୍କ ସଂହିତା ଏବଂ ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଓ କାର୍ଯ୍ୟ ସର୍ତ୍ତାବଳୀ ସଂହିତା । ଏହି ଐତିହାସିକ ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବ୍ୟବସାୟିକ ସୁଗମତା ବୃଦ୍ଧି କରିବା ସହିତ ଶ୍ରମିକମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରିବା, କିନ୍ତୁ ଏହାର ବାସ୍ତବ ରୂପାୟନ ଏବଂ ତୃଣମୂଳ ସ୍ତରରେ ଏହାର ପ୍ରଭାବକୁ ନେଇ ବିଭିନ୍ନ ମହଲରେ ତର୍କବିତର୍କ ଜାରି ରହିଛି ।

ଏହି ବ୍ୟାପକ ସଂସ୍କାରର ମୂଳ କାରଣ ଅନୁଧ୍ୟାନ କଲେ ଜଣାପଡ଼େ ଯେ, ପୁରାତନ ଆଇନଗୁଡ଼ିକର ଜଟିଳତା ଯୋଗୁଁ ଉଭୟ ଶିଳ୍ପପତି ଏବଂ ଶ୍ରମିକମାନେ ହଇରାଣ ହେଉଥିଲେ । ଗୋଟିଏ ପଟେ କମ୍ପାନୀଗୁଡ଼ିକୁ ବିଭିନ୍ନ ପ୍ରକାରର ରେଜିଷ୍ଟର ପରିଚାଳନା କରିବାକୁ ପଡୁଥିଲା ଏବଂ ଅନେକ ସମୟରେ ଅନାବଶ୍ୟକ ଆଇନଗତ ଜଟିଳତା ମଧ୍ୟରେ ଛନ୍ଦି ହେବାକୁ ପଡୁଥିଲା, ଯାହା 'ଇନ୍ସପେକ୍ଟର ରାଜ'କୁ ପ୍ରୋତ୍ସାହନ ଦେଉଥିଲା । ଅନ୍ୟପଟେ, ଦେଶର ବିପୁଳ ସଂଖ୍ୟକ ଅସଂଗଠିତ କ୍ଷେତ୍ରର ଶ୍ରମିକମାନେ ଆଇନର ସୁଫଳରୁ ବଞ୍ଚିତ ରହୁଥିଲେ ଏବଂ ସେମାନଙ୍କ ପାଇଁ ସାମାଜିକ ସୁରକ୍ଷାର କୌଣସି ବ୍ୟବସ୍ଥା ନଥିଲା । ବିଶ୍ୱ ଅର୍ଥନୀତିରେ ଭାରତକୁ ଏକ ଉତ୍ପାଦନ ହବ୍ ବା ମାନୁଫ୍ୟାକ୍ଚରିଂ ହବ୍ ଭାବରେ ଗଢ଼ି ତୋଳିବା ପାଇଁ ଏବଂ ବିଦେଶୀ ପୁଞ୍ଜି ନିବେଶ ଆକର୍ଷିତ କରିବା ପାଇଁ ଶ୍ରମ ଆଇନର ସରଳୀକରଣ ଏକାନ୍ତ ଆବଶ୍ୟକ ଥିଲା । ଏହି ପରିପ୍ରେକ୍ଷୀରେ, ନୂତନ ସଂହିତାଗୁଡ଼ିକ ଡିଜିଟାଲୀକରଣ, ସ୍ୱଚ୍ଛତା ଏବଂ ଏକକ ଲାଇସେନ୍ସ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଛି, ଯାହା ନିଶ୍ଚିତ ଭାବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କୁହାଯାଇପାରେ ।

ନୂତନ ଶ୍ରମ ସଂହିତାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି 'ମଜୁରୀ ସଂହିତା', ଯାହା ଅଧୀନରେ ଦେଶର ସମସ୍ତ ଶ୍ରମିକଙ୍କ ପାଇଁ ସର୍ବନିମ୍ନ ମଜୁରୀ ନିଶ୍ଚିତ କରିବାର ବ୍ୟବସ୍ଥା ରହିଛି । ପୂର୍ବରୁ କେବଳ ନିର୍ଦ୍ଦିଷ୍ଟ କିଛି ଶିଳ୍ପରେ କାମ କରୁଥିବା ଶ୍ରମିକମାନେ ଏହି ସୁବିଧା ପାଉଥିଲେ, କିନ୍ତୁ ବର୍ତ୍ତମାନ ଏହା ସମସ୍ତ କ୍ଷେତ୍ର ପାଇଁ ଲାଗୁ ହେବ । ଏହାବ୍ୟତୀତ, ମଜୁରୀ ପ୍ରଦାନରେ ବିଳମ୍ବକୁ ରୋକିବା ପାଇଁ କଡ଼ା ନିୟମ ପ୍ରଣୟନ କରାଯାଇଛି । ତେବେ, ଏହି ସଂହିତାରେ 'ମଜୁରୀ'ର ସଂଜ୍ଞାରେ ଯେଉଁ ପରିବର୍ତ୍ତନ କରାଯାଇଛି, ତାହା କର୍ମଚାରୀଙ୍କ ଦରମା ଗଠନ ବା ସାଲାରୀ ଷ୍ଟ୍ରକ୍ଚରକୁ ବ୍ୟାପକ ଭାବରେ ପ୍ରଭାବିତ କରିବ । ନୂତନ ନିୟମ ଅନୁଯାୟୀ, କର୍ମଚାରୀଙ୍କ ମୂଳ ଦରମା ବା ବେସିକ୍ ପେ ମୋଟ ଦରମାର ଅନ୍ତତଃ ୫୦ ପ୍ରତିଶତ ହେବା ଆବଶ୍ୟକ । ଏହାର ଅର୍ଥ ହେଲା ଯେ କମ୍ପାନୀଗୁଡ଼ିକ ଆଉ ବିଭିନ୍ନ ପ୍ରକାରର ଭତ୍ତା ଆକାରରେ ଅଧିକ ଟଙ୍କା ଦେଇ ମୂଳ ଦରମାକୁ କମ୍ ରଖିପାରିବେ ନାହିଁ । ଯେହେତୁ ଭବିଷ୍ୟ ନିଧି ବା ପିଏଫ୍ ଏବଂ ଗ୍ରାଚ୍ୟୁଇଟି ମୂଳ ଦରମା ଉପରେ ହିସାବ କରାଯାଏ, ତେଣୁ ଏହି ନୂତନ ନିୟମ ଦ୍ୱାରା କର୍ମଚାରୀ ଏବଂ କମ୍ପାନୀ ଉଭୟଙ୍କର ପିଏଫ୍ ଅବଦାନ ବୃଦ୍ଧି ପାଇବ । ଫଳସ୍ୱରୂପ, କର୍ମଚାରୀଙ୍କ ହାତକୁ ମିଳୁଥିବା ମାସିକ ଦରମା ବା 'ଟେକ୍ ହୋମ୍ ସାଲାରୀ' କମିପାରେ, କିନ୍ତୁ ସେମାନଙ୍କର ଅବସରକାଳୀନ ସଞ୍ଚୟ ବୃଦ୍ଧି ପାଇବ । ଏହା ଏକ ଦୀର୍ଘମିଆଦୀ ସୁଫଳ ହୋଇଥିଲେ ମଧ୍ୟ, ବର୍ତ୍ତମାନର ମହଙ୍ଗା ଯୁଗରେ ସ୍ୱଳ୍ପ ଆୟକାରୀ ବର୍ଗର କର୍ମଚାରୀଙ୍କ ପାଇଁ ମାସିକ ଖର୍ଚ୍ଚ ତୁଲାଇବାରେ ଏହା ସାମୟିକ ଅସୁବିଧା ସୃଷ୍ଟି କରିପାରେ ।

ସାମାଜିକ ସୁରକ୍ଷା ସଂହିତା ମାଧ୍ୟମରେ ସରକାର ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିଛନ୍ତି, ଯାହାକୁ ଅଣଦେଖା କରାଯାଇପାରିବ ନାହିଁ । ପ୍ରଥମ ଥର ପାଇଁ 'ଗିଗ୍ ୱାର୍କର୍ସ' (ଯେପରିକି ଜୋମାଟୋ, ସ୍ୱିଗି, ଓଲା, ଉବର ଇତ୍ୟାଦିରେ କାମ କରୁଥିବା ଲୋକ) ଏବଂ 'ପ୍ଲାଟଫର୍ମ ୱାର୍କର୍ସ'ଙ୍କୁ ସାମାଜିକ ସୁରକ୍ଷା ପରିସରଭୁକ୍ତ କରାଯାଇଛି । ଆଜିର ଡିଜିଟାଲ ଯୁଗରେ ଲକ୍ଷ ଲକ୍ଷ ଯୁବକ ଏହି କ୍ଷେତ୍ରରେ ନିୟୋଜିତ ଅଛନ୍ତି, କିନ୍ତୁ ସେମାନଙ୍କ ପାଇଁ କୌଣସି ବୀମା, ସ୍ୱାସ୍ଥ୍ୟ ସୁବିଧା କିମ୍ବା ପେନସନ୍ ବ୍ୟବସ୍ଥା ନଥିଲା । ଏହି ନୂତନ ଆଇନ ବଳରେ ସେମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସାମାଜିକ ସୁରକ୍ଷା ପାଣ୍ଠି ଗଠନ କରାଯିବ, ଯେଉଁଥିରେ ଅଗ୍ରିଗେଟର କମ୍ପାନୀଗୁଡ଼ିକ ମଧ୍ୟ ଅର୍ଥ ଯୋଗାଇବେ। ଏହା ସହିତ, ଅସଂଗଠିତ କ୍ଷେତ୍ରର ଶ୍ରମିକମାନଙ୍କ ପଞ୍ଜୀକରଣ ପାଇଁ 'ଇ-ଶ୍ରମ' ପୋର୍ଟାଲର ବ୍ୟବହାର ସରକାରୀ ଯୋଜନାଗୁଡ଼ିକୁ ସିଧାସଳଖ ହିତାଧିକାରୀଙ୍କ ପାଖରେ ପହଞ୍ଚାଇବାରେ ସାହାଯ୍ୟ କରିବ । ପ୍ରବାସୀ ଶ୍ରମିକମାନଙ୍କ ପାଇଁ ମଧ୍ୟ ଏହି ସଂହିତାରେ ବିଶେଷ ବ୍ୟବସ୍ଥା ରହିଛି, ଯାହା ଦ୍ୱାରା ସେମାନେ ଦେଶର ଯେକୌଣସି ସ୍ଥାନରେ କାମ କଲେ ମଧ୍ୟ ସାଧାରଣ ବଣ୍ଟନ ବ୍ୟବସ୍ଥା ବା ରାସନ ସୁବିଧା ପାଇପାରିବେ ।

ତେବେ, ଏହି ସମସ୍ତ ସଂସ୍କାର ମଧ୍ୟରେ ସବୁଠାରୁ ବିବାଦୀୟ ଏବଂ ଚର୍ଚ୍ଚିତ ଦିଗଟି ହେଉଛି 'ଶିଳ୍ପ ସମ୍ପର୍କ ସଂହିତା', ଯାହାକୁ ନେଇ ଶ୍ରମିକ ସଂଗଠନଗୁଡ଼ିକ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ପୂର୍ବରୁ ୧୦୦ରୁ ଅଧିକ ଶ୍ରମିକ ଥିବା କାରଖାନା ବନ୍ଦ କରିବା କିମ୍ବା ଶ୍ରମିକ ଛଟେଇ କରିବା ପାଇଁ ସରକାରଙ୍କ ଅନୁମତି ନେବା ବାଧ୍ୟତାମୂଳକ ଥିଲା । କିନ୍ତୁ ନୂତନ ନିୟମ ଅନୁଯାୟୀ, ଏହି ସୀମାକୁ ବୃଦ୍ଧି କରି ୩୦୦ ଶ୍ରମିକ କରାଯାଇଛି । ଏହାର ସରଳ ଅର୍ଥ ହେଲା ଯେ, ୩୦୦ ପର୍ଯ୍ୟନ୍ତ ଶ୍ରମିକ ଥିବା କମ୍ପାନୀଗୁଡ଼ିକ ସରକାରଙ୍କ ବିନା ଅନୁମତିରେ ଆର୍ଥିକ କ୍ଷତି ବା ଅନ୍ୟ କାରଣ ଦର୍ଶାଇ ଶ୍ରମିକ ଛଟେଇ କରିପାରିବେ। ଶିଳ୍ପପତିମାନଙ୍କ ମତରେ ଏହା ବ୍ୟବସାୟ ପରିଚାଳନାରେ ନମନୀୟତା ଆଣିବ ଏବଂ ନିଯୁକ୍ତି ସୁଯୋଗ ବଢ଼ାଇବ, କାରଣ କଠୋର ଆଇନ ଯୋଗୁଁ ଅନେକ କମ୍ପାନୀ ଅଧିକ ଶ୍ରମିକ ନିଯୁକ୍ତି ଦେବାକୁ ଭୟ କରୁଥିଲେ ଏବଂ ଆକାର ବଢ଼ାଉ ନଥିଲେ । କିନ୍ତୁ ଶ୍ରମିକ ସଂଗଠନଗୁଡ଼ିକର ଯୁକ୍ତି ହେଲା ଯେ, ଏହା ଦ୍ୱାରା 'ହାୟର୍ ଆଣ୍ଡ ଫାୟର' (ନିଯୁକ୍ତି ଏବଂ ବରଖାସ୍ତ) ନୀତିକୁ ପ୍ରୋତ୍ସାହନ ମିଳିବ ଏବଂ ଶ୍ରମିକମାନଙ୍କ ଚାକିରିର ସୁରକ୍ଷା ସମ୍ପୂର୍ଣ୍ଣ ରୂପେ ବିପନ୍ନ ହେବ । ଏହାବ୍ୟତୀତ, ଧର୍ମଘଟ କରିବାର ଅଧିକାର ଉପରେ ମଧ୍ୟ କିଛି କଟକଣା ଲଗାଯାଇଛି । କୌଣସି ଶିଳ୍ପାନୁଷ୍ଠାନରେ ଧର୍ମଘଟ କରିବା ପୂର୍ବରୁ ୧୪ ଦିନର ନୋଟିସ୍ ଦେବା ବାଧ୍ୟତାମୂଳକ କରାଯାଇଛି, ଯାହା ଶ୍ରମିକମାନଙ୍କ ସାମୂହିକ ମୂଲଚାଲ କ୍ଷମତାକୁ ଦୁର୍ବଳ କରିପାରେ ବୋଲି ଆଶଙ୍କା କରାଯାଉଛି ।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ହେଉଛି 'ଫିକ୍ସଡ୍ ଟର୍ମ ଏମ୍ପ୍ଲୟମେଣ୍ଟ' ବା ନିର୍ଦ୍ଦିଷ୍ଟ ଅବଧିର ନିଯୁକ୍ତି । ଏହି ବ୍ୟବସ୍ଥା ଅନୁଯାୟୀ, କମ୍ପାନୀଗୁଡ଼ିକ ଚୁକ୍ତିଭିତ୍ତିକ ଶ୍ରମିକମାନଙ୍କୁ ସିଧାସଳଖ ନିଯୁକ୍ତି ଦେଇପାରିବେ ଏବଂ ସେମାନଙ୍କୁ ସ୍ଥାୟୀ କର୍ମଚାରୀଙ୍କ ଭଳି ସମାନ ସାମାଜିକ ସୁରକ୍ଷା ସୁବିଧା ମିଳିବ । ଏହା ଠିକା ଶ୍ରମିକ ପ୍ରଥାକୁ ହ୍ରାସ କରିବାରେ ସାହାଯ୍ୟ କରିବ ବୋଲି ସରକାର ଦାବି କରୁଛନ୍ତି । କିନ୍ତୁ ସମାଲୋଚକମାନେ କୁହନ୍ତି ଯେ, ଏହା ଦ୍ୱାରା ସ୍ଥାୟୀ ଚାକିରିର ସୁଯୋଗ କମିଯିବ ଏବଂ କମ୍ପାନୀଗୁଡ଼ିକ କେବଳ ଅଳ୍ପ ସମୟ ପାଇଁ କର୍ମଚାରୀ ନିଯୁକ୍ତି କରିବାକୁ ପସନ୍ଦ କରିବେ, ଯାହା ଦ୍ୱାରା ଚାକିରିର ସ୍ଥାୟିତ୍ୱ ନଷ୍ଟ ହେବ। ମହିଳା ଶ୍ରମିକମାନଙ୍କ ପାଇଁ ମଧ୍ୟ ଏହି ସଂହିତାରେ କିଛି ସ୍ୱାଗତଯୋଗ୍ୟ ପଦକ୍ଷେପ ନିଆଯାଇଛି। ସମସ୍ତ ପ୍ରକାରର କାର୍ଯ୍ୟକ୍ଷେତ୍ରରେ ମହିଳାମାନଙ୍କୁ ନିଯୁକ୍ତି ଦେବା ପାଇଁ ବାଟ ଖୋଲାଯାଇଛି ଏବଂ ସେମାନେ ଚାହିଁଲେ ରାତ୍ରିକାଳୀନ ସିଫ୍ଟରେ ମଧ୍ୟ କାମ କରିପାରିବେ। ତେବେ, ଏଥିପାଇଁ ନିଯୁକ୍ତିଦାତାଙ୍କୁ ପର୍ଯ୍ୟାପ୍ତ ସୁରକ୍ଷା, ଛୁଟି ଦିନ ଏବଂ କାର୍ଯ୍ୟ ସମୟର ଉପଯୁକ୍ତ ବ୍ୟବସ୍ଥା କରିବାକୁ ପଡ଼ିବ । ଏହା ମହିଳା ସଶକ୍ତୀକରଣ ଦିଗରେ ଏକ ବଡ଼ ପଦକ୍ଷେପ ହୋଇପାରେ, ଯଦି କାର୍ଯ୍ୟକ୍ଷେତ୍ରରେ ସେମାନଙ୍କର ସୁରକ୍ଷାକୁ କଡ଼ାକଡ଼ି ଭାବରେ ପାଳନ କରାଯାଏ ।

ଏହି ଶ୍ରମ ସଂହିତାଗୁଡ଼ିକ ସଂସଦରେ ପାରିତ ହୋଇସାରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରୂପେ ଲାଗୁ ହୋଇନାହିଁ । ଏହାର ମୁଖ୍ୟ କାରଣ ହେଉଛି ଶ୍ରମ ଏକ 'ଯୁଗ୍ମ ତାଲିକା' ବା କନକରେଣ୍ଟ ଲିଷ୍ଟର ବିଷୟ, ଯେଉଁଥିରେ କେନ୍ଦ୍ର ଏବଂ ରାଜ୍ୟ ଉଭୟଙ୍କର ଆଇନ ପ୍ରଣୟନ କରିବାର ଅଧିକାର ରହିଛି । ନୂତନ କୋଡ୍ ଲାଗୁ କରିବା ପାଇଁ ପ୍ରତ୍ୟେକ ରାଜ୍ୟକୁ ନିଜସ୍ୱ ନିୟମାବଳୀ ପ୍ରସ୍ତୁତ କରିବାକୁ ପଡ଼ିବ । ଅନେକ ରାଜ୍ୟ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ନିୟମାବଳୀ ପ୍ରସ୍ତୁତ କରିନାହାନ୍ତି କିମ୍ବା ରାଜନୈତିକ କାରଣରୁ ଏହାକୁ ବିଳମ୍ବ କରୁଛନ୍ତି। ବିଶେଷକରି ନିର୍ବାଚନ ସମୟରେ ଶ୍ରମିକ ଅସନ୍ତୋଷ ଭୟରେ ସରକାରମାନେ ଏହାକୁ ଲାଗୁ କରିବାରେ ସତର୍କତା ଅବଲମ୍ବନ କରୁଛନ୍ତି । ଶିଳ୍ପ ଜଗତ ଏହି ନିୟମ ଲାଗୁ ହେବାକୁ ଅପେକ୍ଷା କରି ରହିଥିବା ବେଳେ ଶ୍ରମିକ ସଂଗଠନଗୁଡ଼ିକ ଏହାର କେତେକ ଧାରାକୁ ସଂଶୋଧନ କରିବା ପାଇଁ ଦାବି ଜାରି ରଖିଛନ୍ତି ।

ପରିଶେଷରେ, ଏହା କୁହାଯାଇପାରେ ଯେ ଭାରତର ନୂତନ ଶ୍ରମ ସଂହିତା ଏକ ମିଶ୍ରିତ ପ୍ରତିକ୍ରିୟା ସୃଷ୍ଟି କରିଛି ଏବଂ ଏହାର ଭବିଷ୍ୟତ ଫଳାଫଳ ଉପରେ ସମସ୍ତଙ୍କ ନଜର ରହିଛି । ଅର୍ଥନୈତିକ ଦୃଷ୍ଟିକୋଣରୁ ଦେଖିଲେ, ଏହା ଶିଳ୍ପାୟନ ଏବଂ ପୁଞ୍ଜି ନିବେଶ ପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି କରିବାର କ୍ଷମତା ରଖେ । ସରଳୀକୃତ ଆଇନ, କମ୍ପ୍ଲାଏନ୍ସ ବୋଝ ହ୍ରାସ ଏବଂ ଡିଜିଟାଲ ପ୍ରକ୍ରିୟା ନିଶ୍ଚିତ ଭାବରେ ବ୍ୟବସାୟିକ ସୁଗମତା ବୃଦ୍ଧି କରିବ । ଅନ୍ୟପକ୍ଷରେ, ଶ୍ରମିକମାନଙ୍କ ଅଧିକାର, ସର୍ବନିମ୍ନ ମଜୁରୀ ଏବଂ ଚାକିରିର ସୁରକ୍ଷାକୁ ନେଇ ଉଠୁଥିବା ପ୍ରଶ୍ନଗୁଡ଼ିକୁ ଅଣଦେଖା କରାଯାଇପାରିବ ନାହିଁ । ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଅର୍ଥନୈତିକ ଅଭିବୃଦ୍ଧି ଯେତିକି ଗୁରୁତ୍ୱପୂର୍ଣ୍ଣ, ସମାଜର ଶେଷ ସୀମାରେ ଥିବା ଶ୍ରମିକର ସ୍ୱାର୍ଥ ରକ୍ଷା ମଧ୍ୟ ସେତିକି ଜରୁରୀ । ସରକାର ଏହି ନିୟମଗୁଡ଼ିକୁ ଲାଗୁ କରିବା ପୂର୍ବରୁ ଶ୍ରମିକ ସଂଗଠନ ଏବଂ ହିତାଧିକାରୀଙ୍କ ସହିତ ଅଧିକ ଆଲୋଚନା କରିବା ଆବଶ୍ୟକ ଏବଂ ସେମାନଙ୍କର ଯଥାର୍ଥ ଆଶଙ୍କାକୁ ଦୂର କରିବା ଉଚିତ । ନିୟମର କାର୍ଯ୍ୟକାରିତା ସମୟରେ ଯେପରି ଶ୍ରମିକମାନେ ଶୋଷଣର ଶିକାର ନ ହୁଅନ୍ତି, ସେଥିପାଇଁ ଦୃଢ଼ ନିରୀକ୍ଷଣ ବ୍ୟବସ୍ଥା ରହିବା ଦରକାର ।

# ପ୍ରତି ଓଡ଼ିଆଙ୍କ ଘର ମୁରବୀ : ମହାପ୍ରଭୁ ଶ୍ରୀଜଗନ୍ନାଥ



## କବୀର କୁମାର ଜେନା

'ନୀଳାଦ୍ରୌ ଶଙ୍ଖମଧ୍ୟେ
ଶତଦଳକମଳେ ରତ୍ନସିଂହାସନସ୍ଥମ୍
ସର୍ବାଲଙ୍କାରଯୁକ୍ତମ୍ ନବଘନରୁଚିରଂ
ସଂଯୁକ୍ତଂ ଚାଗ୍ରଜେନ,
ଭଦ୍ରାୟାଃ ବାମଭାଗେ
ରଥଚରଣଯୁକ୍ତଂ ବ୍ରହ୍ମରୁଦ୍ରେନ୍ଦ୍ର୍ୟ ବନ୍ଦ୍ୟମ୍
ବେଦାନାଂ ସାରମୀଶଂ ସ୍ୱଜନ
ପରିବୃତଂ ବ୍ରହ୍ମଦାରୁ ସ୍ମରାମି।।'

ବ୍ରାହ୍ମ ମୁହୂର୍ତ୍ତ, ବଡ଼ି ଭୋରୁ ଶଯ୍ୟାତ୍ୟାଗ ସମୟରୁ ହିଁ ପ୍ରତିଟି ଓଡ଼ିଆ ମହାପ୍ରଭୁଙ୍କୁ ସ୍ମରଣ କରି ତା'ର ଦିନଟି ଭଲରେ ଭଲରେ କଟେଇ ଦେବା ପାଇଁ ପ୍ରାର୍ଥନା କରିଥାଏ। ଆଉ ରାତିରେ ଶେଯକୁ ଗଲାବେଳେ ଦିନଟି ଭଲରେ ବିତିଥିବାରୁ ଭରା ଅନ୍ତରରେ କୃତଜ୍ଞତା ଜଣାଇ ଆଗତ ଦିନଟି ପାଇଁ କୃପା ଓ ସମ୍ଭାବନାର ପ୍ରାର୍ଥନା କରି ମଥାନତ ପ୍ରଣାମଟି ଜଣାଇ ବିଶ୍ରାମ ନେଇଥାଏ। ସତରେ ମହାପ୍ରଭୁଙ୍କୁ ନେଇ ହିଁ ଆମ ଜୀବନ। ସେ ହେଉଛନ୍ତି ଏ ବିଶ୍ୱ ବ୍ରହ୍ମାଣ୍ଡର ସ୍ରଷ୍ଟା, ପରିଚାଳକ ଏବଂ ରକ୍ଷକ। ସେ ହେଉଛନ୍ତି ଭାବର ଆଉ ଭକ୍ତିର ପୂର୍ଣ୍ଣବ୍ରହ୍ମ, ମହାପ୍ରଭୁ ଶ୍ରୀଜଗନ୍ନାଥ। ଯାହାଙ୍କୁ ଟିକିଏ ଆଖି ପୁରାଇ ଏହି ଚର୍ମନେତ୍ରକୁ ପୁଣ୍ୟତାରେ ଭରି ଦେବା ପାଇଁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଛୁଟୁଥାନ୍ତି ପୁରୀ ତାଙ୍କୁ ଦେଖିବା ମାତ୍ରେ ଆଖି ଯୁଗଳ ଲୋତକରେ ଭରି ଯାଏ ଆଉ ବାୟୁ ଠାରୁ ମଧ ଆହୁରି ହାଲକା ହୋଇଯାଏ ତନମନ। ସେହି କଳା ଶ୍ରୀମୁଖଙ୍କୁ ଟିକିଏ କୋଳାଗ୍ରତ କରିବାକୁ ସମସ୍ତଙ୍କର ଇଛା ହୋଇଥାଏ। ଆଉ ତାଙ୍କରି ବଡ଼ ବଡ଼ ଚକା ଆଖିର ସାଗରରେ ନିଜକୁ ହଜେଇ ଦେବା ପାଇଁ ଶ୍ରଦ୍ଧାଳୁଟି ଇପସିତ ପ୍ରାର୍ଥନା କରିଥାଏ।

ସେ ହେଉଛନ୍ତି ଆମ ଓଡ଼ିଆଙ୍କ ଘର ମୁରବୀ, ସେ ହେଉଛନ୍ତି କୋଟି ବ୍ରହ୍ମାଣ୍ଡର ନିୟନ୍ତା ଓ ବ୍ରହ୍ମାଣ୍ଡ ନାଥ କରୁଣା ସାଗର ପୂର୍ଣ୍ଣବ୍ରହ୍ମ ପରମବ୍ରହ୍ମ ମହାପ୍ରଭୁ ଶ୍ରୀ ଜଗନ୍ନାଥ। ତାଙ୍କ ଦିବ୍ୟଲୀଳାର ମହିମା ବର୍ଣ୍ଣନା ତାଙ୍କ କୃପାର ଗୁଣ କୀର୍ତ୍ତନ ଯେତେ ଭଜନ ହେଉ ବା ଜଣାଣ, ସମର୍ପଣ ହେଉ ବା ଭକ୍ତି ଭାବରେ ନିଜକୁ ନିୟୋଜିତ ସେ ସବୁ ନିଅଣ୍ଟ ପଡ଼ିଯିବ। ତାଙ୍କ ମହିମା ବର୍ଣ୍ଣନା କରିବା ପାଇଁ କାହାର ବି ସାଧ ନାହିଁ। ସମ୍ଭବତଃ ଆମେ କେଉଁ ଜନ୍ମରେ କାଣିଚାଏ ସମ୍ଭବତଃ ପୁଣ୍ୟଫଳ ପ୍ରାପ୍ତ ହୋଇଥିଲେ ଯେ ତାଙ୍କୁ ଟିକିଏ ଦେଖିବା ପାଇଁ ତାଙ୍କ ସାନ୍ନିଧ ଟିକିଏ ଅନୁଭବ କରିବା ପାଇଁ। ପୁଣ୍ୟ ପାବନ ନିତ୍ୟ ବୈକୁଣ୍ଠ ଧାମ ପୁରୀ ଶ୍ରୀ ମନ୍ଦିର ଆମେ ଯିବା ପାଇଁ ସକ୍ଷମ ହୋଇପାରୁଛେ। ସେ ହେଉଛନ୍ତି ଭାବଗ୍ରାହୀ, ସେ ହେଉଛନ୍ତି ଭାବ ବିନୋଦିଆ କଳା ଠାକୁର ଯିଏ ଭକ୍ତର ଦୁଃଖର ଦୁଃଖି ଆଉ ଭକ୍ତର ସୁଖରେ ସୁଖୀ। ଯେତେ ଦୂର ହେଉ ବରଂ ଯେଉଁଠି ବି ଆଶ୍ରୀତ ଜଣଙ୍କ, ଭକ୍ତ ଜଣଙ୍କ ତାଙ୍କୁ ସମର୍ପଣ ହୃଦୟରେ କାତରରେ ଆକୁଳ ଭାବରେ ନିଜକୁ ସମର୍ପିତ କରି ନିଜ ଦୁଃଖ ବା ପୀଡ଼ା ଜଣାଇଥାଏ ସେ ତାକୁ ଦୂରୀଭୂତ କରିଥାନ୍ତି। ଭକ୍ତର ଆକୁଳ ଡାକରେ ସେ ତତ୍କାଳ ଉଭା ହୋଇ ଦୁଷ୍ଟକୁ ଶାସ୍ତି ଦେଇ ଭକ୍ତର ଆନନ୍ଦରେ ଆନନ୍ଦିତ ହୁଅନ୍ତି। ପ୍ରଭୁଙ୍କ ଏହି ଭକ୍ତବତ୍ସଳ ଭାବକୁ ପାଥେୟ କରି ଆଜି ଅଗଣିତ ଶ୍ରଦ୍ଧାଳୁ ନିଜକୁ ମହାପ୍ରଭୁଙ୍କ ପାଖରେ ସମର୍ପିତ ହୃଦୟରେ ଜୀବନ ନିର୍ବାହ କରୁଛନ୍ତି।

କଳା ଠାକୁର, ଭାବ ବିନୋଦିଆ ଜଗତ୍ ବନ୍ଧୁ ମହାପ୍ରଭୁ ଶ୍ରୀ ଜଗନ୍ନାଥ ହେଉଛନ୍ତି ଆମ ପ୍ରତିଟି ଓଡ଼ିଆ ଘରର ମୁରବୀ। ପ୍ରତିଟି ଓଡ଼ିଆ ଘରର ଭଲ ମନ୍ଦ, ହାନିଲାଭ ସବୁକିଛି ହିଁ ତାଙ୍କର ନିର୍ଦ୍ଦେଶନାରେ, ତାଙ୍କରି ପରିଚାଳନାରେ ସମାପିତ ହୋଇଥାଏ। ପ୍ରତିଟି ଓଡ଼ିଆଙ୍କ ଘରେ ସେ କେବଳ ଠାକୁର ହୋଇ ରହିନାହାଁନ୍ତି ପ୍ରତିଟି ଓଡ଼ିଆଙ୍କ ଜୀବନ ପିଣ୍ଡର ସେ ପ୍ରାଣ ସେ ହେଉଛନ୍ତି ଅନ୍ତରଙ୍ଗ ଆଉ ଆତ୍ମୀୟଙ୍କ ଠାରୁ ବଳୀ। ତାଙ୍କ ପୁଣ୍ୟ ପାବନ ନିତ୍ୟ ବୃନ୍ଦାବନ ଧାମ ନୀଳକନ୍ଦରର ଶ୍ରୀକ୍ଷେତ୍ର ପ୍ରତିଟି ଓଡ଼ିଆ ଆଉ ପ୍ରତିଟି ଶ୍ରୀଜଗନ୍ନାଥ ଶ୍ରଦ୍ଧାଳୁଙ୍କ ପାଇଁ ମୁକ୍ତି, ପୁଣ୍ୟ, ମୋକ୍ଷ ଓ ପରମ ଆନନ୍ଦର ପବିତ୍ର ସ୍ଥାନ। ଯେ କେହି ବି ଶ୍ରୀକ୍ଷେତ୍ରରେ ପାଦଟିଏ ରଖିବା ମାତ୍ରେ ନିଜକୁ ହଜାଇ ଦିଏ ନିଜ ଚତୁଃପାର୍ଶ୍ୱର ତେଲ ଲୁଣର ଜୀବନକୁ ନେଇ। ତାର ଅଜାଣତରେ ଚକ୍ଷୁ ଯୁଗଳରୁ ଆନନ୍ଦାଶ୍ରୁ ଝରିପଡ଼େ। ସେ ଭକ୍ତି ଭାବରେ ତନମୟ ହୋଇ ନିଜକୁ ହଜାଇ ଦେଇଥାଏ। ନିତ୍ୟ ପୁଣ୍ୟଧାମ ପୁରୀକୁ ଆସୁଥିବା ଯେ କେହି ଦର୍ଶନାର୍ଥୀ ଶ୍ରଦ୍ଧାଳୁ ଚତୁର୍ଦ୍ଧାମୂରତିଙ୍କୁ ଆନନ୍ଦରେ ଦର୍ଶନ କରି ଦିବ୍ୟ ଅନୁଭବ ନେଇ ଘରକୁ ଫେରିଥାନ୍ତି। ଏହି ନିତ୍ୟ ଧାମ ପୁରୀ ସମାନତାର ଭାବରେ ଉଦବୃଦ୍ଧ କରିଥାଏ ସମସ୍ତଙ୍କୁ। ଦାସିଆ ବାଉରୀ ହାତରୁ ନଡ଼ିଆ ନେବା ଭଳି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରତିଟି ପରିବାର ନିଜ ଘରୁ ହିଁ ଯେଉଁ ଭକ୍ତି ନୈବେଦ୍ୟର ସମର୍ପଣ କରିଥାନ୍ତି ତାହା ମହାପ୍ରଭୁଙ୍କୁ ପ୍ରାପ୍ତ ହୋଇଥାଏ। ମହାପ୍ରଭୁ କେବଳ ଶ୍ରୀ ମନ୍ଦିର ଭିତରେ ଆବଦ୍ଧ ହୋଇନାହାଁନ୍ତି ସେ ଆମ ଭାବ, ମନ, ଚେତନା ଓ କାର୍ଯ୍ୟ ଭିତରେ ତାଙ୍କ ବାଣୀ, ତାଙ୍କ ଦର୍ଶନ ସହିତ ଅନ୍ୟ ମାନଙ୍କୁ ପରୋପକାର ସେବା ଭିତରେ ଜୀବନ ନିର୍ବାହ ପାଇଁ ଆମ ମାନଙ୍କୁ କୃପା ଆଶୀର୍ବାଦ ଦେଉଛନ୍ତି। ଆମ ଜୀବନ ଚେତନାର ମୂଳ ଧର୍ମ ଓ ମର୍ମ ହେଉଛି ବାସ୍ତବରେ ସ୍ୱୟଂ ମହାପ୍ରଭୁ ସବୁ କିଛିକୁ ନିଜେ ହିଁ କରାଉଛନ୍ତି ଆମେ ସବୁ ନିମିତ୍ତ ମାତ୍ର। ପୂର୍ଣ୍ଣବ୍ରହ୍ମ କାଳିଆ ସାଆନ୍ତ ଆମ ଜାତିର ପରିଚୟ, ଆମ ମାନଙ୍କ ପରିଚୟ। ମହାପ୍ରଭୁଙ୍କୁ ଅନ୍ତରଭରା ଏତିକି ପ୍ରାର୍ଥନା କରୁଛି ପ୍ରଭୁ ଆମ ସମସ୍ତଙ୍କ ଭିତରେ ପରୋପକାର, ଭାଇଚାରା, ସାମାଜିକ ସୌହାର୍ଦ୍ଧ୍ୟ, ପରିବାର ଓ ସାମାଜିକ ଦାୟିତ୍ୱ, ବୃତ୍ତିନିଷ୍ଠା ପ୍ରତି ସଚ୍ଚୋଟତା ଓ ଅଙ୍ଗୀକାରବଦ୍ଧତା ଆହୁରି ଭରି ଦିଅନ୍ତୁ, ଏ ଜାତିର ଓ କୋଟି କୋଟି ଓଡ଼ିଆ ଭାଇଭଉଣୀଙ୍କର ସର୍ବ ମଙ୍ଗଳ ହେଉ ଏହା ହିଁ କାମନା।




+ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ମୋ : ୮୯୧୭୩୭୭୯୮୭


# ଯୁଗାବତାର ପ୍ରେମମୟ ଶ୍ରୀସତ୍ୟସାଇ



## ପି. ଜଗନ୍ନାଥ ପ୍ରସାଦ ରାଓ

ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମ ଦିବସ। ତାଙ୍କର ବିଶ୍ୱବ୍ୟାପୀ ଲକ୍ଷ ଲକ୍ଷ ଭକ୍ତଙ୍କ ପାଇଁ ଏହା ଅତୀତର ସ୍ମୃତି, ବର୍ତ୍ତମାନର ଅନୁଶୋଚନା ଓ ଭବିଷ୍ୟତର ସଂକଳ୍ପ ଦିବସ। ସ୍ୱାମୀ ସମାଧିସ୍ଥ ହେବା ପରେ ଅନେକଙ୍କର ଧାରଣା ଥଲା ଯେ ସତ୍ୟସାଇ ସଂଗଠନ ଭଳି ଏକ ବ୍ୟକ୍ତି କୈନ୍ଦ୍ରିକ ସଂଗଠନ ଉକ୍ତ ବ୍ୟକ୍ତିଙ୍କ ପଶ୍ଚାତ ବେଶୀ ଦିନ ତିଷ୍ଠି ରହିବନି। ଏଭଳି ମନ୍ତବ୍ୟ ପ୍ରକାଶ କରୁଥିବା ସୁଧୀଜନଗଣ ହୁଏତ ବୁଝି ପାରି ନଥିଲେ ଯେ ସ୍ୱାମୀ କେବଳ ଏକ ବ୍ୟକ୍ତିବିଶେଷ ନୁହନ୍ତି, ଯେ ଏକ ବିଶ୍ୱ ବିରାଟ ସ୍ୱରୂପ, ସେ ଜନ୍ମ ମୃତ୍ୟୁ ରହିତ। ସେ ଧାରଣା କରି ଆସିଥିବା ମରଶରୀରର ଆଗମନ ବା ପ୍ରସ୍ଥାନ ଦ୍ୱାରା କିଞ୍ଚିତ ମଧ ପ୍ରଭାବିତ ନୁହନ୍ତି।

ସେ ଶରୀର ଠାରୁ ଭିନ୍ନ ଓ ବିଚ୍ଛିନ୍ନ ଏକ ମହାଶକ୍ତି ଯାହା ଶରୀର ତ୍ୟାଗ ପରେ ମଧ ତାର ଲକ୍ଷ୍ୟ ପ୍ରାପ୍ତିର ଦିଗରେ ଗତିକୁ ତିଳେ ହେଲେ ମନ୍ଥର ନକରି ପୂର୍ବବତ ଆଗକୁ ଚାଲିଅଛି। ତାଙ୍କ ଦ୍ୱାରା ସ୍ପଷ୍ଟ ଏହି ପବିତ୍ର ଅନୁଷ୍ଠାନ ବ୍ୟକ୍ତି କୈନ୍ଦ୍ରିକ ନୁହଁ ଭକ୍ତି କୈନ୍ଦ୍ରିକ। ବ୍ୟକ୍ତି କ୍ଷଣସ୍ଥାୟୀ କିନ୍ତୁ ଭକ୍ତି ଚିରସ୍ଥାୟୀ। ଯୁଗ ମାନେ ଅଳ୍ପ କେତୋଟି ବର୍ଷ ନୁହେଁ, ତାହା ସହସ୍ରାଧିକ ବର୍ଷକୁ ସୂଚାଏ। ତେଣୁ ଯୁଗାବତାରଙ୍କୁ ଯୁଗ ମଧ୍ୟରେ ଏକାଧିବାର ଭିନ୍ନ ଭିନ୍ନ ନାମ, ରୂପ ଓ ଶକ୍ତି ଧାରଣ କରି ଆସିବାକୁ ହୋଇଥାଏ। କଳିଯୁଗ ମଧ୍ୟେ ଭଗବାନ ପ୍ରଥମେ ଶିରିଡ଼ି ସାଇ ରୂପେ ଓ ପରେ ସତ୍ୟସାଇ ରୂପେ ଆବିର୍ଭୂତ ହେବା ପରେ ଅବତାରର ନିରବଚ୍ଛିନ୍ନତାକୁ ସାବ୍ୟସ୍ତ କରିବାକୁ ପୁନଃ ପ୍ରେମ ସାଇ ରୂପେ ଆସିବାର ପ୍ରତିଶ୍ରୁତି ଦେଇଛନ୍ତି। ଏହି ଦୃଷ୍ଟିକୋଣରୁ ବିଚାର କଲେ ସ୍ୱାମୀ ସମାଧିସ୍ଥ ହେବା ପରେ ମଧ ତାଙ୍କର ପ୍ରତିରୂପ ସତ୍ୟସାଇ ସଂଗଠନ ବିଭିନ୍ନ କ୍ଷେତ୍ରରେ ଯେପରି ତା'ର ଶାଖା ବିସ୍ତାର କରି କ୍ଷିପ୍ର ଗତିରେ ଅଗ୍ରସର ହେଉଛି, ତାହା ଭବିଷ୍ୟତକୁ ନେଇ ପ୍ରମାଦ ଗଣୁଥିବା ଭବିଷ୍ୟବେତ୍ତାଙ୍କୁ ନିର୍ବାକ କରିଦେଇଛି।

ପୁରାଣ ଶାସ୍ତ୍ର କହେ ଯେ ଯେଉଁ ଯୁଗରେ ଅସାଧୁ ବ୍ୟକ୍ତିଙ୍କ ସଂଖ୍ୟା କମ ଥାଏ କିନ୍ତୁ ଜଣେ ଦୁଇ ଜଣ ରାକ୍ଷସ ଭଳି ବ୍ୟବହାର କରି ସମାଜର ଘୋର କ୍ଷତି ସାଧନ କରନ୍ତି, ସେମାନଙ୍କୁ ନିପାତ କରିବା ପାଇଁ ଅବତାରଙ୍କୁ ଭୂପୃଷ୍ଠକୁ ଆସିବାକୁ ହୋଇଥାଏ। ନୃସିଂହ ଅବତାର, ବାମନ ଅବତାର ଏଦାଦୃଶ ଅବତାର ଥିଲେ। ଅଥଚ ଶ୍ରୀରାମ, ଶ୍ରୀକୃଷ୍ଣ ଓ ଶ୍ରୀସତ୍ୟ ସାଇ ଅବତାର ଦୀର୍ଘକାଳୀନ ଅବତାର ଥିଲେ ଏବଂ ସେମାନେ ଅବତୀର୍ଣ୍ଣ ହେବା ସମୟରେ ସମାଜର ପରିସ୍ଥିତି ଅତ୍ୟନ୍ତ ଭୟାନକ ଥିଲା ଯାହା ବଡ଼ ଧରଣର ଏକ ପରିବର୍ତ୍ତନ ଚାହୁଁଥିଲା ଓ ତାହା କେବଳ ଭଗବାନଙ୍କ ହସ୍ତକ୍ଷେପ ଦ୍ୱାରା ସମ୍ଭବ ଥିଲା।


ରାମାବତାରରେ ଲୋକମାନେ ମୋଟାମୋଟି ଧର୍ମପରାୟଣ ଓ ସରଳ ଥିଲେ। ରାଜାମାନେ ପ୍ରଜାବତ୍ସଳ ଥିଲେ। ସମାଜର ବିବିଧ ବର୍ଗ ଯେପରି ସୁଖ ଶାନ୍ତିରେ ନିରାପଦ ରହିବେ, ସେଥିପ୍ରତି ସେମାନଙ୍କ ଦୃଷ୍ଟି ରହୁଥିଲା। ଲୋକ କଲ୍ୟାଣ ନିମନ୍ତେ ଅରଣ୍ୟରେ ରହି ଯାଗ ଯଜ୍ଞାଦି କରୁଥିବା ମୁନିରଷିମାନେ ଯେପରି ଆସୁରୀ ଶକ୍ତିର ଅତ୍ୟାଚାରରୁ ମୁକ୍ତ ରହି ନିର୍ବିଘ୍ନରେ ସେମାନଙ୍କର ତପୋସାଧନା କରି ପାରନ୍ତି ଓ ବନ୍ୟ ଜନ୍ତୁମାନେ ଶାନ୍ତିରେ ରହିପାରନ୍ତି ତାହା ରାଜାମାନେ ସେମାନଙ୍କର ଧର୍ମ ମାନୁଥିଲେ। ପିତା, ମାତା ଓ ଗୁରୁଜନଙ୍କୁ ସମ୍ମାନ ପ୍ରଦର୍ଶନ କରି ସେମାନଙ୍କ ଆଦେଶ ପାଳନ କରିବା ସାମାଜିକ ଚଳଣି ଥିଲା। ସାଧାରଣ ଜନତାଙ୍କର ମତ ପ୍ରତି ରାଜାଙ୍କର ସମ୍ମାନ ଥିଲା। ରାଜାଙ୍କ ଦରବାରରେ ବିଜ୍ଞଜନ ବିବିଧ ରାଜକୀୟ ସମସ୍ୟାରେ ରାଜାଙ୍କୁ ପରାମର୍ଶ ଦେଉଥିଲେ। ଅନ୍ୟ ପକ୍ଷରେ ଶ୍ରୀରାମଚନ୍ଦ୍ର ଧର୍ମ ନିଷ୍ଠ ଥିଲେ। ରାମୋ ବିଗ୍ରହବାନ ଧର୍ମ। ଯିଏ ଧର୍ମକୁ ସମ୍ମାନ ଦିଏ ନାହିଁ ଓ ଅଧର୍ମରେ ଲିପ୍ତ ହୁଏ ତାକୁ ବଦ୍ଧ କରିବା କ୍ଷତ୍ରିୟର ଧର୍ମ ମନେ କରି ମାରିଚ, ଖର ଆଦି ରାକ୍ଷସଙ୍କୁ ନିପାତ କରି ଶେଷରେ ରାବଣ ସଂହାର କରିଥିଲେ। ରାବଣ ସଂହାର ସହ ରାମାବତାର ମୁଖ୍ୟ ଉଦ୍ଦେଶ୍ୟ ସାଧିତ ହେଲା। ରାମଙ୍କ ଅବତାର ଏକ ସଳିଳ ଗାଥା ଯାହା ସାନ୍ଦ୍ର ନୀରବ ଗତିରେ ପ୍ରବାହିତ ଏକ ନଦୀ ସଦୃଶ। ସେ ମର୍ଯ୍ୟାଦା ପୁରୁଷ ଏବଂ ମଣିଷ ମଣିଷ ମଧ୍ୟରେ ସମ୍ବନ୍ଧର ସୀମାରେଖାକୁ ସମ୍ମାନ ଦେଇ ଓ ନିଜେ ଆଦର୍ଶ ହୋଇ ଆମ ପାଇଁ ବିହିତ ମାନଦଣ୍ଡ ସୁସ୍ଥିର କରିଯାଇଛନ୍ତି। ରାମାୟଣର ମୁଖ୍ୟ ଚରିତ୍ର ସେ ହେଲେ ମଧ ସହଧର୍ମିଣୀ ସୀତା, ମାତା କୌଶଲ୍ୟା ଓ କୈକେୟୀ, ଭ୍ରାତା ଭରତ, ଲକ୍ଷ୍ମଣ, ଭକ୍ତ ହନୁମାନ, ଶରଣାପନ୍ନ ବିଭୀଷଣ, ମିତ୍ର ସୁଗ୍ରୀବ ଆଦି ଚରିତ୍ରକୁ ଯଥୋଚିତ ସ୍ଥାନ ଦେଇଛନ୍ତି। ତାଙ୍କ ଦିବ୍ୟତ୍ୱ ସମ୍ବନ୍ଧରେ ସଚେତନ ଥାଇ ମଧ ସେ ମଣିଷ ଭଳି ବ୍ୟବହାର କରି ଆମ ଆଗରେ ଏକ ଆଦର୍ଶ ସ୍ଥାପନ କରିଯାଇଛନ୍ତି।

କୃଷ୍ଣାବତାରରେ ଅବତାରଙ୍କୁ ଏକ ଭିନ୍ନ ପୃଷ୍ଠଭୂମିରେ କାର୍ଯ୍ୟ କରିବାକୁ ହୋଇଛି। ଏଠାରେ ନଦୀ କ୍ଷିପ୍ର ଗତିରେ ବନ୍ୟାର ପ୍ଲାବନ ହୋଇ ଯଥା ଶୀଘ୍ର ସାଗର ସହ ମିଳିବାର ବ୍ୟାକୁଳତା ନେଇ ବହିଚାଲି ଥାଏ। ଗୋଟିଏ ରାଜ ପରିବାରରେ ଭ୍ରାତୃ ବିବାଦ ବିଧର୍ମୀ କୌରବ ଶତପୁତ୍ର, ପାଣ୍ଡୁପୁତ୍ର ପଞ୍ଚ ପାଣ୍ଡବଙ୍କୁ ସେମାନଙ୍କ ରାଜ୍ୟ ନ ଦେଇ ଶକୁନି ମାମୁଁଙ୍କ କୂଟଚକ୍ରାନ୍ତରେ ସେମାନଙ୍କ ପ୍ରତି ନାନାବିଧି ଅତ୍ୟାଚାର କରି ଆସୁଥାନ୍ତି। ଏଣେ ଭଗବାନ ଶ୍ରୀକୃଷ୍ଣ, ପାଣ୍ଡବମାନେ ଧର୍ମନିଷ୍ଠ ଥିବାରୁ ସେମାନଙ୍କୁ ସାହାଯ୍ୟ ଓ ସମର୍ଥନ ଦେଇ ଆସୁଥାନ୍ତି। ଏହି ଦୁଇପକ୍ଷ ମଧ୍ୟେ ବିବାଦ ଶେଷରେ ଯୁଦ୍ଧରେ ପରିଣତ ହୋଇଛି। ଯୁଦ୍ଧରେ କୌରବଙ୍କ ପରାଜୟ ହୋଇଛି ଓ ପାଣ୍ଡବମାନେ ବିଜୟ ଲାଭ କରିଛନ୍ତି। ଏହି ଯୁଦ୍ଧରେ ଶ୍ରୀକୃଷ୍ଣ କୌଣସି ପକ୍ଷ ନ ନେଇ ଅର୍ଜ୍ଜୁନଙ୍କ ରଥର ସାରଥି ହୋଇଛନ୍ତି। ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ବିଷାଦ ଅର୍ଜ୍ଜୁନଙ୍କୁ ଗ୍ରାସ କରିଛି ଓ ସେ ଯୁଦ୍ଧ ପ୍ରତି ପରାଙ୍ଗମୁଖ ହୋଇ ଯୁଦ୍ଧ କ୍ଷେତ୍ରରୁ ପଳାୟନ କରିବେ କହୁଛନ୍ତି। କୃଷ୍ଣ ତାହା କାପୁରୁଷର ଲକ୍ଷଣ କହି ତାଙ୍କର କର୍ତ୍ତବ୍ୟ କ'ଣ ବୁଝାଉଛନ୍ତି। ଶ୍ରୀକୃଷ୍ଣ ଏକ ବହୁମୁଖୀ ଚରିତ୍ର ଯିଏ ଜନ୍ମ ନେଇଛନ୍ତି କାରାଗାରରେ, ପାଳିତ ହୋଇଛନ୍ତି ନନ୍ଦଗୃହରେ, ରାସ କରିଛନ୍ତି ଗୋପପୁରରେ, ଭକ୍ତଙ୍କୁ ରକ୍ଷା କରିଛନ୍ତି କାଳୀୟ ଦଳନ ଓ ଗୋବର୍ଦ୍ଧନ ଗିରି ଉତ୍ତୋଳନ ସଦୃଶ ଲୀଳା ପ୍ରଦର୍ଶନରେ, ଗୀତାଚାର୍ଯ୍ୟ ସାଜିଛନ୍ତି ରଣାଙ୍ଗନରେ ଓ ଇହଲୀଳା ସମ୍ବରଣ କରିଛନ୍ତି ଜରା ଶବରର ଶରାଘାତରେ। ଦୃଶ୍ୟପଟ ବଦଳିପାରେ, କଥାବସ୍ତୁ ବଦଳି ପାରେ, ତାହା ଦ୍ୱାରକା, ମଥୁରା, ବୃନ୍ଦାବନରେ ହୋଇପାରେ କିନ୍ତୁ ପ୍ରତ୍ୟେକ ଦୃଶ୍ୟର ମୁଖ୍ୟ ଆକର୍ଷଣ ହେଉଛନ୍ତି ଲୀଳାମୟ ଶ୍ରୀକୃଷ୍ଣ।

ଭଗବାନ ଶ୍ରୀସତ୍ୟସାଇ ବାବା ଜନ୍ମ ନିଅନ୍ତି ଆନ୍ଧ୍ରପ୍ରଦେଶର ଅନୁନ୍ନତ ଅନନ୍ତପୁର ଜିଲ୍ଲା ଅଜ୍ଞାତ ପଲ୍ଲୀ ପୁଟ୍ଟପର୍ତ୍ତୀରେ ୧୯୨୬ ମସିହା ନଭେମ୍ବର ୨୩ ତାରିଖ ଦିନ। ଦାରିଦ୍ର୍ୟର କଷା ଘାତରେ ପୀଡ଼ିତ ଏହି ଗ୍ରାମର ଗ୍ରାମବାସୀଗଣ ସେମାନଙ୍କ ଜୀବନର ନ୍ୟୂନତମ ସୁବିଧାରୁ ଯଥା ବିଦ୍ୟାଳୟ, ବିଦ୍ୟୁତ ଆଲୋକ, ଦେବାଳୟ, ରାସ୍ତାଘାଟ, ପାନୀୟଜଳ, ଡାକଘରରୁ ବଞ୍ଚିତ ଥିଲେ। ଭଗବାନଙ୍କ ସଙ୍କଳ୍ପରୁ ତାଙ୍କର ମହା ସମାଧୀ ବେଳକୁ ପୁଟ୍ଟପର୍ତ୍ତି ବିମାନ ଚଳାଚଳ, ରେଳ ଗାଡ଼ିର ସୁବିଧା ପ୍ରାପ୍ତ ହୋଇଛି। ଦିନଥିଲା ମାତ୍ର କେତୋଟି ଝିକର, ଚାଳ ଘର ଛାଡ଼ିଦେଲେ ଅନେକଙ୍କ ଘରର ଛାତ ନଥାଏ ଆଜି କିନ୍ତୁ ସେଠାରେ ଅଛି ବହୁତଳ ବିଶିଷ୍ଟ ଫ୍ଲାଟ ଘର। ଆଜି ପର୍ତ୍ତିରେ ଅଛି ବିଶାଳ ବୈଦ୍ୟାଳୟ, ଉଚ୍ଚଶିକ୍ଷା ସଂସ୍ଥାନ ବିଶ୍ୱ ବିଦ୍ୟାଳୟ, ପ୍ରକାଣ୍ଡକାୟ ସତ୍ୟସାଇ ପାନୀୟ ଜଳ ପ୍ରକଳ୍ପ ଯାହା ଆଗଣିତ ତୃଷ୍ଣାର୍ତ୍ତ କଣ୍ଠରେ ଢ଼ାଳି ଦେଇଛି ବିଶୁଦ୍ଧ ପାନୀୟ ଅମୃତ। ଭଗବାନଙ୍କ ଦିବ୍ୟ ଉପସ୍ଥିତି ପ୍ରଶାନ୍ତି ଧାମକୁ ଏକ ଉନ୍ନତ ସହରର ରୂପ ଦେଇଛି। ଏଠାରେ ନଦୀ ପ୍ରେମର ରୂପରେ ବହି ଯାଇଛି ପୃଥିବୀର ୧୨୫ରୁ ଅଧିକ ଦେଶର ଅସଂଖ୍ୟ ହୃଦୟକୁ, ଜାତି ଧର୍ମ ଭାଷା ପ୍ରାନ୍ତର ସମସ୍ତ ବାଧାବିଘ୍ନକୁ ଅତିକ୍ରମ କରି ଦିବ୍ୟ ପ୍ରେମରେ ନିଜକୁ ହଜେଇ ଦେବା ପାଇଁ।


ସ୍ୱାମୀଙ୍କ ସମାଧି ପରେ ପୃଥିବୀର ବିଭିନ୍ନ ପ୍ରାନ୍ତରୁ ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସିବିଏସଇ ପରୀକ୍ଷାରେ ଆମ ପିଲାମାନେ ଜାତୀୟ ସ୍ତରରେ କ୍ରମାଗତ ଭାବେ ମାନ୍ୟତା ଲାଭ କରୁଛନ୍ତି। ଏ କ୍ଷୁଦ୍ର ପଲ୍ଲୀରେ ଏତେ ଅଳ୍ପ ଦିନରେ ଏଭଳି ବ୍ୟାପକ ପରିବର୍ତ୍ତନ ଆଣିବା ଭଗବତ ସଂକଳ୍ପ ବିନା କେବେ ସମ୍ଭବ ହୋଇନଥିଲା। ଶ୍ରୀସତ୍ୟସାଇ ଅବତାର ଏକ ଅନନ୍ୟ ଅବତାର ଯାହାର ପଟାନ୍ତର ନାହିଁ, ଯାହା ଯୁଗର ଅନେକ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଅଧିକରୁ ଅଧିକ ଉନ୍ନତିର ପଥରେ ଅଗ୍ରସର ହେଉଛି ଓ ମନେ ହେଉଛି ସ୍ୱାମୀଙ୍କ ପରିକଳ୍ପିତ ସୁବର୍ଣ୍ଣ ଯୁଗ ଆଉ ବେଶୀ ଦୂରରେ ନାହିଁ। ସ୍ୱାମୀଙ୍କ ଭାଷାରେ ପ୍ରତ୍ୟେକ ଅସୁବିଧାକୁ ସୁଯୋଗ ଭାବ ଓ ପ୍ରତ୍ୟେକ ଚ୍ୟାଲେଞ୍ଜକୁ ଏକ ମୁକାବିଲା ଭାବ। ସେ ହୃଷୀକେଶ ସାଜି ଅପେକ୍ଷା କରିଛନ୍ତି। ଆମକୁ ଅର୍ଜ୍ଜୁନ ସାଜି ତାଙ୍କ ସହ ହାତ ମିଳେଇବାକୁ ହେବ। ତେବେ ବିଜୟ ହେବ ସୁନିଶ୍ଚିତ।


+ପୂର୍ବତନ ରାଜ୍ୟସଭାପତି,
ଶ୍ରୀସତ୍ୟସାଇ ସେବା ସଂଗଠନ,
ଓଡ଼ିଶା, ଭୁବନେଶ୍ୱର


## ହଟିଯିବ ଜାତିପ୍ରଥା

### ଦୀପକ କୁମାର ନାୟକ



ଧିରେଧିରେ ଏଇ ଭଲପାଇବାରେ
ହଟିଯିବ ଜାତିପ୍ରଥା
ପ୍ରେମର ଆଗରେ ସଭିଏଁ ନିଜର
ନୂଆଁଇବେ ନିଜ ମଥା ।।

ଜାତିପ୍ରଥା ନେଇ କାହିଁ କେତେ କାଳୁ
ଥିଲା ଯେଉଁ ଘୃଣାମାନ
ଧିରେଧିରେ ସିଏ ବଦଳି ଯାଇକି
ହୋଇଲାଣି ପରା ପ୍ରେମ ।।

ଉଚ୍ଚ ଘର ଜାତି ଝିଅଟିଏ ଏବେ
ନୀଚ ଜାତି ପୁଅ ଦେଖି
ପ୍ରେମ କରି ସିଏ ବିବାହ ହେଉଛି
ହୋମନିଆଁ ସାକ୍ଷୀ ରଖି ।।

ପୁଣି ବେଳେବେଳେ ଉଚ୍ଚ ଜାତି ପୁଅ
ଦେଖି ନୀଚ ଜାତି ଝିଅ
ଚିରଦିନ ପାଇଁ ନିଜର କରୁଛି
ନକରି ମନରେ ଭୟ ।।
ଅନ୍ଧ ବିଶ୍ୱାସକୁ ଜାବୁଡ଼ି ଧରିକି
ଥିଲେ ଯେଉଁମାନେ ସବୁ
କିଛିଦିନ ହେଲା କୌଶଳରେ ତାଙ୍କୁ
ପ୍ରେମ କରିଲାଣି କାବୁ ।।

ଧିରେଧିରେ ପ୍ରେମ ସଭିଙ୍କୁ ବାନ୍ଧିବ
କହି ତାର ପ୍ରେମ ବାର୍ତ୍ତା
ନିଶ୍ଚେ ଦୂର ହେବ ଆଗାମୀଦିନରେ
ସମାଜରୁ ଜାତିପ୍ରଥା
ସମାଜରୁ ଜାତିପ୍ରଥା ।।


+ଗଣ୍ଡାନାଳୀ, ହିନ୍ଦୋଳ,
ଢ଼େଙ୍କାନାଳ
ମୋ: ୮୬୩୭୨୬୧୮୨୮


## ସଞ୍ଚ ପଛେ ଆସୁ ନଇଁ

### ହରେରାମ ପଣ୍ଡା

ଜାଣେନା ପାପ ଠୁଁ ପୁଣ୍ୟ କେତେ ଦୂର
ଜାଣିବାକୁ କେବେ ଚାହିଁ ନାହିଁ,
ସରଗ ନରକ ଭିତରେ ଫରକ
କି ଅର୍ଥ ବୁଝାଏ କାହାପାଇଁ ।
ଥରେ ହେଲେ କେବେ ବଳେଇନି ମନ
ବୁଝିବାକୁ ଭାଗ୍ୟ ଭବିଷ୍ୟତ,
ଖୋଜି ମୁଁ ପାଇନି ଏମିତି ବେଳଟେ
ପଢ଼ିବାକୁ ଗୀତା, ଭାଗବତ ।
ଧର୍ମ ଅଧର୍ମର ଭିଡ଼ ଭିତରକୁ
ଚାହିଁ ନାହିଁ କେବେ ପଶିବାକୁ,
ଜାଣିନି କେଉଁଠି ଅଛନ୍ତି ଈଶ୍ୱର
କାହା ମନକଥା ବୁଝିବାକୁ ।
ନିଜେ ତ ନିଜକୁ ଜାଣି ପାରିନାହିଁ
କେମିତି ଜାଣିବି ଦୁନିଆଁକୁ ?
କେଉଁଠୁ ଆସିଛି, କାହିଁକି ଆସିଛି
ଗତି ପୁଣି ମୋର କେଉଁଠାକୁ ।
ଆପଣା ବୁଦ୍ଧିରେ ଏତିକି ଜାଣିଛି
କର୍ମଠାରୁ କିଛି ବଡ଼ ନାହିଁ,
କର୍ମ ବିନା କେହି ଏହି ଦୁନିଆଁରେ
କିଛି ହେଲେ ଫଳ ପାଇନାହିଁ ।
ନାହିଁ ଅଭିଳାଷ, ନାହିଁ ଅଭିଯୋଗ
କରିନାହିଁ କେବେ ଉଚ୍ଚ ଆଶା,
ବାମନ ହୋଇ ମୁଁ ଚାନ୍ଦ ପାଇବାକୁ
ଚାହିଁନି ହେବାକୁ ଲୋକହସା ।
ଚାଲୁଛି ଚାଲିବି ଆଗକୁ ଆଗକୁ
ଏମିତି ଅବୁଝା ମନ ନେଇ,
ଥକି ପଡିବିନି କେବେ ବି କେଉଁଠି
ସଞ୍ଚ ପଛକେ ଆସୁ ନଇଁ ।
ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ।


+କୁଆଁସ, ମେରଦା କାଟିଆଛକ,
ଯାଜପୁର
ମୋ: ୯୪୩୮୦୬୫୧୯୫



# ଉପକାରୀ ହଳଦୀ

ହଳଦୀରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏଥିରେ କୁରକୁମିନ୍ ନାମକ ଏକ ତତ୍ତ୍ୱ ରହିଛି, ଯାହା ଆମ ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏହି ତତ୍ତ୍ୱ ଶରୀରରେ ଥଣ୍ଡା କମାଇବାରେ କେତେକାଂଶରେ ସାହାଯ୍ୟ କରେ। ବିଶେଷଭାବରେ ଶରୀରରେ ଥଣ୍ଡା ସୃଷ୍ଟି କରୁଥିବା କୋଷଗୁଡ଼ିକୁ ଏହା ନଷ୍ଟ କରିଦିଏ, ଯାହା ଦ୍ୱାରା ଆମେ ଏଭଳି ସମସ୍ୟାରୁ କେତେକାଂଶରେ ଉପଶମ ଲାଭ କରିଥାଉ। ଉଷୁମ କ୍ଷୀର ସହ ହଳଦୀ, ଗୋଲମରିଚ, ଅଳେଇଚ ଆଦି ମିଶାଇ ପିଇପାରନ୍ତି। ସବୁଠାରୁ ଖାସ୍ କଥା ହେଲା ହଳଦୀ ଶରୀରରେ ଇନ୍‌ସୁଲିନ୍‌କୁ ନିୟନ୍ତ୍ରଣରେ ରଖେ। ହଳଦୀ ଖାଇବା ଦ୍ୱାରା ଏହା ଆମ ଶରୀରର ମାଂସପେଶୀ ଶକ୍ତ ରହିଥାଏ ବୋଲି ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେରୁ ଜାଣିପାରିଛନ୍ତି। ଏହା ମଧ୍ୟ ମସ୍ତିଷ୍କର କାର୍ଯ୍ୟଧାରାକୁ ଆହୁରି ସକ୍ରିୟ କରେ। ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ଏହି ସର୍ଭେ ରିପୋର୍ଟରେ ପୁଣି ଉଲ୍ଲେଖ କରାଯାଇଛି ଯେ ସ୍ମରଣ ଶକ୍ତିକୁ ବୃଦ୍ଧି କରିବାରେ ହଳଦୀ ମଧ୍ୟ ସାହାଯ୍ୟ କରେ।




ଆଜିକାଲିର ଦ୍ରୁତ ଜୀବନଶୈଳୀରେ ଅନେକ ଲୋକ ୫ରୁ ୬ ଘଣ୍ଟା ନିଦରେ କାମ ଚଳାଇ ନେଉଛନ୍ତି। ତେବେ ନୂତନ ଗବେଷଣାରୁ ଜଣାପଡ଼ିଛି ଯେ, ଲଗାତାର ୬ ଘଣ୍ଟାରୁ କମ୍ ଶୋଇବା ଦ୍ୱାରା ଏହାର ପ୍ରଭାବ କେବଳ ଥକ୍କାପଣ ମଧ୍ୟରେ ସୀମିତ ନ ରହି ମସ୍ତିଷ୍କ, ହୃଦୟ, ମେଟାବୋଲିଜିମ୍ ଏବଂ ରୋଗ ପ୍ରତିରୋଧକ ଶକ୍ତି ସମେତ ଶରୀରର ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟାକୁ ବିଗାଡି ଦିଏ। ବିଶେଷଜ୍ଞଙ୍କ ମତରେ ପ୍ରତ୍ୟେକ ବୟସ୍କ ବ୍ୟକ୍ତିଙ୍କ ପାଇଁ ଦୈନିକ ଅତି କମରେ ୭ ଘଣ୍ଟା ନିଦ ନେବା ଜରୁରୀ।
କମ୍ ନିଦ ହେତୁ ଭୋକ ଏବଂ ମେଟାବୋଲିଜିମ୍ ନିୟନ୍ତ୍ରଣ କରୁଥିବା ହରମୋନ୍ ପ୍ରଭାବିତ ହୁଏ। ୫-୬ ଘଣ୍ଟା ଶୋଉଥିବା ଲୋକଙ୍କ କ୍ଷେତ୍ରରେ ପ୍ରି-ଡାଇବେଟିସ୍ କିମ୍ବା ଟାଇପ୍-୨ ଡାଇବେଟିସ୍ ହେବାର ଆଶଙ୍କା ଦୁଇଗୁଣ ବଢ଼ିଯାଏ। ଏହା ସହିତ ଭୋକ ବଢାଉଥିବା ହରମୋନ୍ ('ଘ୍ରେଲିନ୍') ବଢ଼ିଯାଏ ଓ ପେଟ ଭରିଥିବାର ସଙ୍କେତ ଦେଉଥିବା ହରମୋନ୍ ('ଲେପ୍ଟିନ୍') କମିଯାଏ। ଫଳରେ ଖାଇବା ଇଚ୍ଛା ବଢ଼େ ଏବଂ ଶୀଘ୍ର ମୋଟାପା ଦେଖାଦିଏ।
ନିଦ୍ରାର ଅଭାବରେ ମସ୍ତିଷ୍କରେ ବିଷାକ୍ତ ପଦାର୍ଥ ଜମା ହେବାକୁ ଲାଗେ। ସ୍ମରଣ ଶକ୍ତି, ଧ୍ୟାନ ଏବଂ ନିଷ୍ପତ୍ତି ନେବାର କ୍ଷମତା ପ୍ରଭାବିତ ହୁଏ। ଏହା ଚିଡ଼ିଚିଡ଼ାପଣ, ଚିନ୍ତା ଏବଂ ଡିପ୍ରେସନ୍ ଭଳି ଲକ୍ଷଣ ସୃଷ୍ଟି କରେ ଏବଂ ଦୀର୍ଘକାଳୀନ ଭାବରେ 'ଡିମେନ୍ସିଆ' ରୋଗର ବିପଦ ବଢ଼ାଇଥାଏ।
୬ ଘଣ୍ଟାରୁ କମ୍ ନିଦ ଶରୀରର ଶହ ଶହ ଜିନ୍‌କୁ ପ୍ରଭାବିତ କରେ, ବିଶେଷ କରି ରୋଗ ପ୍ରତିରୋଧକ ଶକ୍ତି ସହ ଜଡ଼ିତ ଜିନ୍‌କୁ। ଏହାର ପରିଣାମ ସ୍ୱରୂପ, ଶରୀର ଦୁର୍ବଳ ହୁଏ, ସଂକ୍ରମଣ ଶୀଘ୍ର ହୁଏ ଏବଂ ଆରୋଗ୍ୟ ଧୀର ହୋଇଯାଏ। ଏହା 'ଟିସୁ ରିପେୟାର' ଏବଂ ଶରୀରର ବିକାଶ ହରମୋନ୍ ଉପରେ ମଧ୍ୟ ପ୍ରଭାବ ପକାଏ।
ଅନେକ ଗବେଷଣା ଅନୁଯାୟୀ, ଦୈନିକ ୫ ଘଣ୍ଟା କିମ୍ବା ତା'ଠାରୁ କମ୍ ଶୋଉଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ଅକାଳ ମୃତ୍ୟୁର ଆଶଙ୍କା ପ୍ରାୟ ୧୫ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିଯାଏ।
ଉପାୟ:
ନିଦ୍ରା ଶରୀରର ମୌଳିକ ଆବଶ୍ୟକତା। ଏହାକୁ ଅଣଦେଖା କରିବା ପରିବର୍ତ୍ତେ ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରନ୍ତୁ:
ପ୍ରତିଦିନ ଏକ ନିର୍ଦ୍ଦିଷ୍ଟ ସମୟରେ ଶୋଇବା ଓ ଉଠିବା ଅଭ୍ୟାସ କରନ୍ତୁ।
ଶୋଇବା ପୂର୍ବରୁ ମୋବାଇଲ୍, ଲାପଟପ୍ କିମ୍ବା ତୀବ୍ର ଆଲୋକରୁ ଦୂରେଇ ରୁହନ୍ତୁ।
ଶୋଇବା ଘରକୁ ଥଣ୍ଡା ଏବଂ ଅନ୍ଧକାରମୟ ରଖନ୍ତୁ।

# ଏହି କାରଣରୁ ହୋଇପାରେ ଡାଇବେଟିସ୍: ହୋଇଯାନ୍ତୁ ସାବଧାନ



ପୃଥୁଳତା ଏବଂ ଡାଇବେଟିସ୍ ମଧ୍ୟରେ ଯେ ପ୍ରତ୍ୟକ୍ଷ ସମ୍ବନ୍ଧ ରହିଛି। ଅବଶ୍ୟ ଅଧିକାଂଶ ଡାଇବେଟିସ୍ ରୋଗୀଙ୍କ କ୍ଷେତ୍ରରେ ଏଥିରେ ବଂଶଗତ ପ୍ରଭାବ ପରିଲକ୍ଷିତ ହୋଇଥାଏ। ପୃଥୁଳତା ବା ଓବେସିଟି ବଢ଼ିଗଲେ ତାହା ରକ୍ତରେ ସୁଗାର ପରିମାଣ ବଢ଼ାଇ ଦିଏ। ରକ୍ତରେ ଚର୍ବି ଜମିଲେ ମଧ୍ୟ ତାହା ଡାଇବେଟିସ୍ ରୋଗୀଙ୍କ ପାଇଁ କ୍ଷତିକାରକ। ଏପରି ସ୍ଥିତିକୁ ଡାକ୍ତରୀ ଭାଷାରେ 'ଇନ୍‌ସୁଲିନ୍ ରେଜିଷ୍ଟାନ୍ସ' ବୋଲି କୁହନ୍ତି। ଏହାବ୍ୟତୀତ ପୃଥୁଳତା ଲାଗି ରହିଲେ ଇନ୍‌ସୁଲିନ୍ ତିଆରି କରୁଥିବା 'ବିଟା ସେଲ୍' ନାମକ ଜୀବକୋଷମାନ କ୍ଳାନ୍ତ ହୋଇପଡ଼ନ୍ତି। ପୃଥୁଳକାୟ ବ୍ୟକ୍ତିଙ୍କ ରକ୍ତରେ ଅଧିକ ମାତ୍ରାରେ ଇନ୍‌ସୁଲିନ୍ ଥାଇ ମଧ୍ୟ ତାହା ଆଶାନୁରୂପ କାର୍ଯ୍ୟ କରିପାରେନି। ତେଣୁ ପୃଥୁଳତା ଡାଇବେଟିସ୍ ରୋଗୀଙ୍କ ଚିକିତ୍ସାରେ ଅନ୍ୟତମ ପ୍ରଧାନ ବାଧକ ସାଜିଥାଏ। ମାତ୍ର ଖାଦ୍ୟ ନିୟନ୍ତ୍ରଣ ଓ ନିୟମିତ ବ୍ୟାୟାମ କରନ୍ତୁ। ଏହାଦ୍ୱାରା ପୃଥଳତାକୁ କେତେକାଂଶରେ ହ୍ରାସ କରାଯାଇ ପାରିବ।

# ଏହି ରୋଗ ପାଇଁ ଗୁଜୁରାତି ବେଶ୍ ଉପକାରୀ

ଗୁଜୁରାତିରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ଏହା ପାଚନ କ୍ରିୟାକୁ କେତେକାଂଶରେ ସକ୍ରିୟ କରିଥାଏ। ତା'ସହ ଶରୀରରେ ଥିବା ଏନ୍‌ଜାଇମ୍ ତତ୍ତ୍ୱକୁ ମଧ୍ୟ ଦୃଢ଼ କରେ। ଶ୍ୱାସକ୍ରିୟାକୁ ସତେଜ ରଖେ ଗୁଜୁରାତି। ଏହାକୁ ଖାଇଲେ ପାଟିରେ ଥିବା ବ୍ୟାକ୍ଟେରିଆ ନଷ୍ଟ ହୋଇଯାଇଥାଏ। ଲଣ୍ଡନ ବିଶ୍ୱବିଦ୍ୟାଳୟ ପକ୍ଷରୁ ହୋଇଥିବା ସର୍ଭେରୁ ଜଣାପଡିଛି ଯେ ଗୁଜୁରାତି ଖାଇବା ଦ୍ୱାରା ହୃତ୍ ?ପିଣ୍ଡ କାର୍ଯ୍ୟଧାରା କେକୋଂଶରେ ସକ୍ରିୟ ରଖିଥାଏ। ଏଥିରେ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ମଧ୍ୟ ରହିଛି, ଯାହାଦ୍ୱାରା ରକ୍ତ ସଞ୍ଚାଳନ ପୂର୍ବାପେକ୍ଷା ସକ୍ରିୟ ରହିଥାଏ। ଗୁଜୁରାତିରେ ଏଭଳି ତତ୍ତ୍ୱ ରହିଛି, ଯାହା ଶରୀରରେ ଥିବା ବିଷାକ୍ତ ଜିନିଷଗୁଡିକୁ ବାହାର କରିଦିଏ। ସବୁଠାରୁ ଖାସ୍ କଥା ହେଲା, ଏହା ଓଜନକୁ ମଧ୍ୟ ସନ୍ତୁଳିତ ରଖେ। ଡାଇବେଟିସ୍ ସମସ୍ୟା ସହ ଜଡିତ ବ୍ୟକ୍ତି ଏହାକୁ ଖାଇପାରନ୍ତି। ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରେ ଗୁଜୁରାତି। ଏହା ମଧ୍ୟ ଶରୀରରେ ଶକ୍ତି ସଞ୍ଚାର କରିଥାଏ।




**ଶୀତ ଦିନ ଆସିଲେ ଅଧିକାଂଶ ଝିଅ ନିଜ ପୋଷାକକୁ ନେଇ ଚିନ୍ତାରେ ପଡ଼ିଯା'ନ୍ତି। କାରଣ ସେମାନଙ୍କ ଧାରଣା ରହିଥାଏ ଯେ ଶୀତ ଦିନେ ଗରମ ପୋଷାକ ପିନ୍ଧିବା ହେତୁ ସେମାନଙ୍କ ଫ୍ୟାଶନେବଲ୍ ପୋଷାକ ସମ୍ପୂର୍ଣ୍ଣ ଲୁଚିଯାଏ, ଫଳରେ ସେମାନେ ଷ୍ଟାଇଲିଶ୍ ଲୁକ୍ ହରାଇ ବସନ୍ତି। ଆଉ କେତେକ ଝିଅ ଭାବନ୍ତି, ଅଧିକ କପଡ଼ା ପିନ୍ଧିବା ଯୋଗୁ ସେମାନେ ଅଧିକ ମୋଟା ଓ ବୟସ୍କ ଲାଗନ୍ତି। ହେଲେ ଆଜି ଆମେ ଆପଣଙ୍କୁ ଶୀତଦିନିଆ ବସ୍ତ୍ର ପିନ୍ଧିବାର ଏପରି କିଛି ଟିପ୍ସ ଦେବୁ, ଯାହାକୁ ଆପଣାଇଲେ ଆପଣ ଏକଦମ୍ ଷ୍ଟାଇଲିଶ୍ ଓ ଗ୍ଲାମରସ୍ ଲୁକ୍‌ରେ ରହିବେ।**

*ଶୀତ ଦିନ ପାଇଁ ଟିପ୍ସ*

୧. ଶୀତ ଦିନେ ହାଇନେକ୍ ସ୍ୱେଟର କିମ୍ବା ସ୍ୱେଟ୍ ଟପ୍ ପିନ୍ଧନ୍ତୁ। ଏହା ସହ ସ୍ଲିମ୍ ଫିଟ୍ ଜିନ୍ସ ଓ କ୍ୟାଜୁଅଲ୍ ଜୋତା ପିନ୍ଧନ୍ତୁ, ଏଥିରେ ଆପଣ ସ୍ମାର୍ଟ ଲାଗିବେ।
୨. ଶୀତଦିନରେ ସାଧାରଣତଃ ଚେହେରା ଶୁଖିଲା ଓ ଝାଉଁଳି ପଡ଼ିଥିବା ଭଳି ଦେଖାଯାଏ। ତେଣୁ ଜିନ୍ସ କିମ୍ବା ଜେଗିଙ୍ଗ୍ସ ସହ ଲାଲ୍, ଗୋଲାପି, ମେରୁନ୍, ବାଇଗଣି, ସବୁଜ ଓ ନୀଳ ପରି ଗାଢ଼ ରଙ୍ଗର ଟପ୍ ପିନ୍ଧନ୍ତୁ। ଏହାଦ୍ୱାରା ଆପଣଙ୍କ ଚେହେରା ଫୁଟି ଉଠିବା ସହ ଫ୍ରେଶ୍ ଓ ଉଜ୍ଜ୍ୱଳ ଦିଶିବ।
୩. ଯଦି ଆପଣ ଆହୁରି ଷ୍ଟାଇଲିଶ୍ ଦେଖାଯିବାକୁ ଚାହାନ୍ତି, ତେବେ ବିଭିନ୍ନ ରଙ୍ଗର ପ୍ଲେନ୍ ଟପ୍ ସହ ସର୍ଟ୍ ଜ୍ୟାକେଟ୍ ପିନ୍ଧି ପାରିବେ।
୪. ଯଦି ଆପଣ କ୍ଲାସି ଓ ଗ୍ଲାମରସ୍ ଲୁକ୍ ଚାହୁଁଛନ୍ତି, ତେବେ ଜିନ୍ସ ଉପରେ ଗାଢ଼ ରଙ୍ଗର ଲଙ୍ଗ୍ ଜ୍ୟାକେଟ୍ ପିନ୍ଧି ପାରିବେ। ଏହାସହ ଆପଣ ହାଇ ଆଙ୍କଲ୍‌ଯୁକ୍ତ ବୁଟ୍ ପିନ୍ଧିଲେ ସୁନ୍ଦର ଲାଗି;ବ।
୬.ଉଲ୍‌ରେ ତିଆରି ସ୍ଲିମ୍ ଫିଟ୍ ଲଙ୍ଗ୍ କୋର୍ଟ ଶୀତ ଦିନ ପାଇଁ ବହୁତ ଭଲ। ଏହା ମଧ୍ୟ ଆପଣଙ୍କର ସୁନ୍ଦରତା ବଢ଼ାଇଥାଏ। ଏହା ସହ ଆପଣ ରଙ୍ଗ ବେରଙ୍ଗର ସ୍କାର୍ଫ୍ କିମ୍ବା ମଫଲର ବେକରେ ପକାଇ ପାରିବେ।
ଏହାସହ ଆକର୍ଷଣୀୟ ଶୀତବସ୍ତ୍ର ସାଙ୍ଗକୁ ଷ୍ଟାଇଲିଶ୍ କ୍ୟାପ୍ ଓ ଟ୍ରେଣ୍ଡି ଜୋତା ସବୁ ଆସିଗଲାଣି, ଯାହାକୁ ପିନ୍ଧି ଯେ କେହି ବି ସୁନ୍ଦର ଲାଗିପାରିବେ।
ହୁଡେଡ୍ ଟି-ସାର୍ଟ: ଶୀତଦିନେ ଦିନବେଳା ହେଉଥିବା ହାଲ୍‌କା ହାଲ୍‌କା ଥଣ୍ଡାରେ ହୁଡେଡ୍ ଟି-ଶାର୍ଟ ପିନ୍ଧିଲେ ବେଶ୍ ଆରାମ ଲାଗିଥାଏ। ଏହାର ଉଭୟ ପ୍ଲେନ୍ ଓ ଚେକ୍ ଷ୍ଟାଇଲ୍ ଟି-ଶାର୍ଟ ଦେଖିବାକୁ ଯେମିତି ସୁନ୍ଦର ଲାଗେ, ପିନ୍ଧିଲେ ସେମିତି ଆଟ୍ରାକ୍ଟିଭ୍ ଲୁକ୍ ମିଳେ। ଏହାକୁ ଉଭୟ ଅଫିସ୍ ହେଉ କିମ୍ବା ସାଙ୍ଗମାନଙ୍କ ସହ ବୁଲିବାକୁ ଗଲାବେଳେ ପିନ୍ଧାଯାଇପାରେ। ସେହିପରି ଲୁକ୍‌କୁ ଆଉ ଟିକେ ଆକର୍ଷଣୀୟ କରିବାକୁ ଚାହୁଁଥିଲେ, ଏହା ସହିତ ଷ୍ଟାଇଲିଶ୍ ସନ୍‌ଗ୍ଲାସ୍ ବି ଟ୍ରାଏ କରିପାରିବେ। ଆଉ ସବୁଠୁ ଖାସ୍ କଥା ହେଉଛି ଉଭୟ ମହିଳା ଓ ପୁରୁଷମାନଙ୍କ ପାଇଁ ଭିନ୍ନ ଭିନ୍ନ ଡିଜାଇନ୍‌ର ହୁଡେଡ୍ ଟି-ଶାର୍ଟ ଏବେ ମାର୍କେଟ୍‌ରେ ଉପଲବ୍ଧ ହେଲାଣି।
କ୍ରପ୍ ଷ୍ଟାଇଲ୍ କାର୍ଡିଗନ୍: ଏହାକୁ ଓ୍ୱେଷ୍ଟର୍ଣ୍ଣ ଆଉଟ୍‌ଫିଟ୍ ସହ ମିଶାଇକି ପିନ୍ଧିଲେ ଯେମିତି ସୁନ୍ଦର ଲାଗିଥାଏ, ଠିକ୍ ସେମିତି ଦେଶି ପୋଷାକ ସହିତ ଏହାକୁ ପିନ୍ଧିଲେ ଭିନ୍ନଧରଣର ଲୁକ୍ ମିଳିଥାଏ।
ସ୍ୱେଟର: ଶୀତଦିନେ ସର୍ଟ ଷ୍ଟାଇଲ୍ ସ୍ୱେଟରଠାରୁ ଆରମ୍ଭ କରି ଓଭରର ସାଇଜ୍ ସ୍ୱେଟର ପର୍ଯ୍ୟନ୍ତ ଖୁବ୍ ଡିମାଣ୍ଡ ରହିଥାଏ। ସମୟାନୁସାରେ ଫ୍ୟାଶନ୍ ଟ୍ରେଣ୍ଡରେ ଅନେକ ପରିବର୍ତ୍ତନ ଆସୁଥିଲେ ବି ସ୍ୱେଟରର ଚାହିଦା କେବେ ବି କମେ ନାହିଁ।
ଷ୍ଟୋଲ୍: ଷ୍ଟୋଲ୍ ଆମକୁ ଶୀତରୁ ରକ୍ଷା କରିବା ସହ ଆମର ବ୍ୟକ୍ତିତ୍ୱକୁ ବଢ଼ାଇବାରେ ମଧ୍ୟ ବିଶେଷ ସାହାଯ୍ୟ କରିଥାଏ। ସେଥିପାଇଁ ଏହାର ଅନେକ ଭେରାଇଟି ମାର୍କେଟ୍‌ରେ ଦେଖିବାକୁ ମିଳିଥାଏ। ଖାସ୍ କରି ଲିଓପାର୍ଡ ପ୍ରିଣ୍ଟ ଷ୍ଟୋଲ୍, ପମ୍ ପମ୍ ଷ୍ଟୋଲ୍, ମଲ୍ଟିକଲର ଷ୍ଟୋଲ୍, ଫ୍ଲୋରାଲ୍ ଡିଜାଇନ୍ ଷ୍ଟୋଲ୍ ଇତ୍ୟାଦିର ବେଶ୍ ଚାହିଦା ରହିଥାଏ।
କ୍ୟାପ୍: ଶୀତଦିନେ ଷ୍ଟାଇଲିଶ୍ ଲୁକ୍ ସହ ଶରୀରକୁ ଶୀତଦାଉରୁ ରକ୍ଷା କରିବା ପାଇଁ କେବଳ ଆକର୍ଷଣୀୟ ପୋଷାକ ପିନ୍ଧିଦେଲେ ହେବନି, ମୁଣ୍ଡକୁ ସୁରକ୍ଷା ଦେବା ପାଇଁ କ୍ୟାପ୍‌ର ବି ଆବଶ୍ୟକତା ପଡ଼ିଥାଏ। ଖାସ୍‌କରି ବେନି କ୍ୟାପ୍, କଲର-ବ୍ଲକ୍ ଫେଡୋରା କ୍ୟାପ୍, ପମ୍ ପମ୍ କ୍ୟାପ୍, ଲେଦର ଷ୍ଟାଇଲ୍ ଫାବ୍ରିକ୍ କ୍ୟାପ୍ ଭଳି ଟ୍ରେଣ୍ଡି କ୍ୟାପ୍‌ର ଏବେ ଖୁବ୍ ଚାହିଦା ଥିବା ଦେଖିବାକୁ ମିଳୁଛି।
ଜୋତା: ଦେହ ଓ ମୁଣ୍ଡ ସହ ଶୀତଦାଉରୁ ପାଦକୁ ସୁରକ୍ଷା ଦେବା ପାଇଁ ବି ମାର୍କେଟ୍‌ରେ ଏବେ ଅନେକ ଭେରାଇଟିର ଜୋତା ମିଳୁଛି। ଯେମିତିକି: ସ୍ନିକର୍ସ, ଆଙ୍କେଲ୍ ବୁଟ୍, ରାଇଡିଂ ବୁଟ୍ ଇତ୍ୟାଦି। ଯୁବତୀମାନେ ଚାହିଁଲେ ଏହିସବୁ ଜୋତାକୁ ପିନ୍ଧିପାରିବେ।

# ଫ୍ୟାସନେବଲ୍ ହାଇହିଲ୍ ଆଣିପାରେ ସମସ୍ୟା

ଆଜିକାଲି ହାଇହିଲକୁ ଫ୍ୟାସନର ଏକ ମୁଖ୍ୟ ଅଙ୍ଗ ବୋଲି ଧରାଯାଉଥିଲେ ବି ଏହା ମହିଳାମାନଙ୍କ କ୍ଷେତ୍ରରେ ଅନେକ ସମସ୍ୟାର କାରଣ ହେଉଛି। ଆଣ୍ଠୁ ଯନ୍ତ୍ରଣା ଠାରୁ ଆରମ୍ଭ କରି ପାଦ ଓ ଲିଗାମେଣ୍ଟ କ୍ଷେତ୍ରରେ ସମସ୍ୟା ଦେଖାଯାଉଛି। ସେ ଷ୍ଟିଲେଟୋ ହେଉ କିମ୍ବା ସ୍ୟାଣ୍ଡେଲ୍ ଅନ୍ୟ ଯେକୌଣସି ପ୍ରକାରର ହିଲ୍, ଏମାନଙ୍କ ବିନା ଜଣେ ମହିଳାଙ୍କର ଷ୍ଟାଇଲ୍ ଓ ଫ୍ୟାସନ୍ ଅସମ୍ପୂର୍ଣ୍ଣ କୁହାଯାଉଥିଲେ ମଧ୍ୟ ଏହି ହିଲ୍‌ଗୁଡ଼ିକ ଅନେକ ସ୍ୱାସ୍ଥ୍ୟ ସମସ୍ୟାର କାରଣ ହୋଇଥାଏ। ହାଇହିଲ୍ ଜୋତା ବ୍ୟବହାରରୁ ଦେଖାଯାଇଥାଏ ନିମ୍ନଲିଖିତ ସ୍ୱାସ୍ଥ୍ୟ ସମସ୍ୟା...

ସମ୍ପୂର୍ଣ୍ଣ ଶରୀରର ଓଜନର ଭାର ଅଣ୍ଟା ଓ ଦୁଇ ଗୋଡ଼ ଉପରେ ହିଁ ପଡ଼ିଥାଏ। ହାଇ ହିଲ୍ ପିନ୍ଧିବା ଦ୍ୱାରା ଶରୀରର ଓଜନ ଅଣ୍ଟା ଓ ଗୋଡ଼ ଉପରେ ଅସନ୍ତୁଳିତ ଭାବରେ ପଡ଼ିଥାଏ। ଫଳରେ ପିଠି ଓ ଅଣ୍ଟା ପାଖରେ ଅପ୍ରାକୃତିକ ବକ୍ରତା ସୃଷ୍ଟି ହୁଏ, ଯାହା କି ଅଣ୍ଟାଫୁଲା, ଦରଜ ଓ ବିନ୍ଧା କରାଏ। ଚିକ୍କଣ ରାସ୍ତା କିମ୍ବା ଅଫିସ/ ହୋଟେଲ/ ରାମ୍ପରେ ଚାଲିବା ଛଡ଼ା ଯଦି ସାମାନ୍ୟ ଅସମତଳ କିମ୍ବା ଆବୁଡ଼ା-ଖାବୁଡ଼ା ରାସ୍ତାରେ ଚାଲିବାକୁ ପଡ଼େ ତା'ହେଲେ ହିଲ୍ ଯୋଗୁଁ ଗୋଇଠି ମକଚି ହେବା ସ୍ୱାଭାବିକ। ଯାହାଦ୍ୱାରା ବ୍ୟାକ୍ ପେନ ବାହାରିଥାଏ। ହିଲ୍ ଜୋତାଗୁଡ଼ିକରେ ସାଧାରଣତଃ ଅଗ୍ର ଭାଗ ସରୁ ଓ ଗୋଜିଆ ହୋଇଥାଏ। ଏଥିରେ ପାଦର ଆଙ୍ଗୁଠିଗୁଡ଼ିକ ଅପ୍ରାକୃତିକ ଓ ଅତ୍ୟଧିକ ଜାକି ହୋଇ ରୁହେ। ଜୋତା ଭିତରେ ବାରମ୍ବାର ଓ ଲଗାତାର ପାଦ ଆଙ୍ଗୁଠି ଏମିତି ଜାକିହୋଇ ଓ ମୂଳ ପାଖରୁ ବଙ୍କା ହୋଇ ରହିବା ଦ୍ୱାରା ହାମର ଟୋ ନାମକ ସମସ୍ୟା ଦେଖାଯାଏ। ସାଧାରଣତଃ ବୁଢ଼ା ଆଙ୍ଗୁଠି ପାଖକୁ ଥିବା ଦ୍ୱିତୀୟ ଆଙ୍ଗୁଠିଟି ଏଥିରେ ଆକ୍ରାନ୍ତ ହୋଇ ମଝି ଯୋଡ଼ା ବା ଜଏଣ୍ଟ୍ ପାଖରୁ ବଙ୍କା ହୋଇଯାଏ। ଏଥିରେ କେବଳ ଯନ୍ତ୍ରଣା ନୁହେଁ, ମହିଳାମାନଙ୍କ ଚାଲି ମଧ୍ୟ ପ୍ରଭାବିତ ହୋଇଥାଏ। ଏ ପରିସ୍ଥିତିରେ ଚଉଡ଼ା ଅଗ୍ରଭାଗ ବା ଓ୍ୱାଇଡ ଟୋ ବକ୍ସ କିମ୍ବା ଖୋଲା ଟୋ ଜୋତା ବ୍ୟବହାର ଓ ଫିଜିଓଥେରାପି କିଛି ମାତ୍ରାରେ ଉପଶମ ଦେଇଥାଏ। ହାଇହିଲ୍ ଜୋତାଗୁଡ଼ିକ ପାଦକୁ ସବୁବେଳେ ଅସ୍ୱାଭାବିକ ଭାବେ ବଙ୍କା, ଜାକି କରି, ମୋଡ଼ିକରି ରଖେ। ଏଗୁଡ଼ିକୁ ପିନ୍ଧି ଚାଲିବା ଦ୍ୱାରା ସମ୍ପୂର୍ଣ୍ଣ ପାଦ ଉପରେ ସମାନ ଭାବେ ଚାପ ନ ପଡ଼ି କିଛି ଅଂଶରେ ଅଧିକ ଓ କିଛି ଅଂଶରେ କମ୍ ପଡ଼ିଥାଏ। ଏହା ଦ୍ୱାରା ପାଦର ଗଠନ ପ୍ରଣାଳୀ ପ୍ରଭାବିତ ହୁଏ। ପାଦର ଆଙ୍ଗୁଠି, ମଝି ଅଂଶ ଓ ଗୋଇଠି ଦରଜ ହୋଇଯାଏ। ପାଦର ଅନେକ ଅଂଶରେ ବିଣ୍ଡି ମଧ୍ୟ ପଡ଼ିଯାଏ। ପାଦକୁ ତଳେ ଥାପିବା, ଚାଲିବା କଷ୍ଟସାଧ ଲାଗେ। ବାରମ୍ବାର ଗୋଇଠି ଓ ପାଦ ମକଚି ହେବା, ଆଘାତ ଲାଗିବା, ପାଦ ଓ ଆଙ୍ଗୁଠି ଗୁଡ଼ିକର ବଙ୍କା ଓ ହାଇପର ଏକ୍ସଟେଣ୍ଟ୍ ପୋଷ୍ଚର ପାଦ ଓ ଗୋଡ଼ର ଲିଗାମେଣ୍ଟସ ଉପରେ ଅସ୍ୱାଭାବିକ ଚାପ ପକାଏ ଓ ଆଘାତ କରେ। ଲିଗାମେଣ୍ଟ୍‌ଗୁଡ଼ିକ ମାଂସପେଶୀ ଓ ଜଏଣ୍ଟ୍‌କୁ



ଧରି ରଖେ। କିନ୍ତୁ ହାଇହିଲ୍ ପିନ୍ଧିବା ଦ୍ୱାରା ଲିଗାମେଣ୍ଟ୍‌ଗୁଡ଼ିକ ବାରମ୍ବାର ଆଘାତ ପାଇ ଦୁର୍ବଳ ହୋଇଯାଆନ୍ତି ଓ ଭୀଷଣ ଯନ୍ତ୍ରଣା ମଧ୍ୟ ହୁଏ। ପାଦ ହାଇହିଲ୍ ଜୋତା ଭିତରେ ରହିବା କାରଣରୁ ପାଦର ଅନେକ ଅଂଶରେ ରକ୍ତ ପ୍ରବାହ ଓ ବାହକ ନଳୀ ଚାପିହୋଇ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହୁଏ। ଏହାଦ୍ୱାରା ସାଧାରଣତଃ ପାଦ ପିଡ଼ା, ଝିମ୍‌ଝିମ୍ ହେବା ଓ ଫୁଲା ଦେଖାଯାଏ।

# ଏକ ଭାରତ, ଆତ୍ମ ନିର୍ଭର ଭାରତର ବାର୍ତ୍ତା ନେଇ ଆୟୋଜିତ ହେଲା ଏକତା ପଦଯାତ୍ରା

ମାଲକାନଗିରି,୨୫/୧୧ (ନି.ପ୍ର): ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏକ ଭାରତ ଓ ଶ୍ରେଷ୍ଠ ଭାରତର ପ୍ରତୀକ ଥିଲେ। ରାଷ୍ଟ୍ର ଭକ୍ତ, ଜାତୀୟତାବାଦୀ ଓ ଅଖଣ୍ଡ ଭାରତ ଗଠନରେ ସର୍ଦ୍ଦାରଙ୍କ ଭୂମିକା ତାଙ୍କୁ ଚିର ଅମର କରି ରଖିଥିବ। ମାଲକାନଗିରି ଜିଲ୍ଲା ସଦର ମହକୁମା ଠାରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ଅନୁଷ୍ଠିତ ଏକତା ପଦଯାତ୍ରାରେ ସାମିଲ ହୋଇ ନବରଙ୍ଗପୁର ଲୋକସଭା ସାଂସଦ ବଳଭଦ୍ର ମାଝୀ ଏହା କହିଛନ୍ତି।

କ୍ରୀଡ଼ା ବିଭାଗ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଏମଭି-୩ ବିଏସଏଫ୍ ପଡ଼ିଆ ଠାରୁ ଡିଏନକେ ଖେଳ ପଡିଆ ପର୍ଯ୍ୟନ୍ତ ଏକତା ପଦଯାତ୍ରା ଆୟୋଜିତ ହୋଇଥିଲା। ସାଂସଦ ବଳଭଦ୍ର ମାଝୀଙ୍କ ସହ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଏସପି ବିନୋଦ ପାଟିଲ ଏଚ୍, ବିଏସଏଫ୍ ଡେପୁଟି କମାଣ୍ଡାଂଟ ରବି ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ ଓ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ବିଏସଏଫ୍ ପଡିଆ ଠାରେ ଉଦଘାଟନ କରିବା ସହ ପଦଯାତ୍ରାରେ ସାମିଲ ହୋଇଥିଲେ। ବିଭିନ୍ନ ବିଦ୍ୟାଳୟ, ମହା ବିଦ୍ୟାଳୟ, ଏନସିସି କ୍ୟାଡେଟ୍,ଯୁବ ସଂଗଠନର ସଦସ୍ୟ, ପୋଲିସ୍, ବିଏସଏଫ୍ ଯବାନ ଏହି ଶୋଭାଯାତ୍ରାରେ ସାମିଲ୍ ହୋଇ ବନ୍ଦେ ମାରତମ୍ ସହ ଦେଶାତ୍ମବୋଧକ ନାରା ଦେଇଥିଲେ।

ଏହି ଅବସରରେ ସାଂସଦ କହିଥିଲେ ଯେ, ଏକ ସୂତ୍ରରେ ରହିଲେ ଦେଶର ବିକାଶ ଓ ଉନ୍ନତି ସମ୍ଭବ ବୋଲି ଅନୁଭବ କରି ୫୬୦ରୁ ଉର୍ଦ୍ଧ୍ୱ ରାଜରାଜୁଡା ଶାସନତନ୍ତ୍ରକୁ ଲୌହ ମାନବ ଭାରତ ବର୍ଷରେ ସାମିଲ କରିଥିଲେ। ବିଶେଷ କରି ହାଇଦ୍ରାବାଦ, ଜାମ୍ମୁ-କାଶ୍ମୀର ଓ ଜୁନାଗଡ ଗଡଜାତକୁ ମିଶ୍ରଣ କରାଇବାରେ ସର୍ଦ୍ଦାର ପ୍ରମୁଖ ଭୂମିକା ନେଇଥିଲେ। ସର୍ଦ୍ଦାରଙ୍କ ବୀରତ୍ୱ, ଦେଶପ୍ରେମ ଓ ସାହସକୁ ସମ୍ମାନ ଜଣାଇ ବଲ୍ଲଭଭାଇଙ୍କୁ ଆଦର୍ଶ ମାନୁଥିବା ପ୍ରଧାନମନ୍ତ୍ରୀ ମୋଦି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଲୌହମୂର୍ତ୍ତି ପ୍ରତିଷ୍ଠା କରିଥିଲେ। ଏଥିପାଇଁ ଦେଶବ୍ୟାପି ପ୍ରତିଟି ଗ୍ରାମରୁ ଲୁହା ସଂଗୃହିତ ହୋଇଥିଲା। ଚଳିତ ବର୍ଷ ମଧ ବନ୍ଦେ ମାତରମ ସଙ୍ଗୀତର ୧୫୦ ବର୍ଷ ପୂର୍ତ୍ତିକୁ ସରକାର ପାଳନ କରୁଛନ୍ତି। କାରଣ ଏହି ସଙ୍ଗୀତ ଭାରତର ଏକତା ଓ ସଂହତିର ଉଦାହରଣ। ଲୌହ ମାନବଙ୍କ ଜୀବନ ଆମକୁ ଆଦର୍ଶ, ଉନ୍ନତ ରାଷ୍ଟ୍ର ନିର୍ମାଣର ପ୍ରେରଣା ଦିଏ । ଡିଏନକେ ପଡିଆ ଠାରେ ଶୋଭାଯାତ୍ରାରେ ସମସ୍ତେ ପହଂଚିବା ପରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସାଂସଦ ସମସ୍ତଙ୍କୁ ଆତ୍ମନିର୍ଭର ଭାରତର ଶପଥ ପାଠ କରାଇଥିଲେ। ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ଏହି ଅବସରରେ ବନ୍ଦେ ମାତରମ ସଂଗୀତ ପରିବେଷଣ କରାଯାଇଥିଲା।

କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ମୁନା ତୁରୁକ୍, ସଂସ୍କୃତି ଅଧିକାରୀ ସନ୍ତାସ ନାରାୟଣ ପଣ୍ଡା, ଯୁବ ଅଧିକାରୀ ବି. ରମେଶ ଓ ଖାଦ୍ୟ ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଅନୁଷ୍ଠିତ ବିବିଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଓ କଳାକାରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଆୟୋଜନ କରିବାରେ ନେହେରୁ ଯୁବ କେନ୍ଦ୍ର, ଖାଦ୍ୟ ଯୋଗାଣ, କ୍ରୀଡ଼ା ଓ ସଂସ୍କୃତି ବିଭାଗର କର୍ମଚାରୀ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ଖରିଫ ଧାନ ସଂଗ୍ରହ କମିଟି ବୈଠକ ଡ଼ିସେମ୍ବର ୧୧ ତାରିଖଠାରୁ ୧୦୮ ମଣ୍ଡିରୁ ଧାନ ସଂଗ୍ରହ ହେବ

ଜୟପୁର,୨୫/୧୧ (ନି.ପ୍ର): କୋରାପୁଟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ଖରିଫ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି।କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ,କୋରାପୁଟ ବିଧାୟକ ରଘୁରାମ ମାଛ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା, କୋଟପାଡ଼ ବିଧାୟକ ରୂପୁ ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ।ଆସନ୍ତା ଡ଼ିସେମ୍ବର ମାସ ୧୧ ତାରିଖ ଦିନ ମଣ୍ଡି ଖୋଲାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଜୟପୁର ଓ କୋରାପୁଟ ଉପଖଣ୍ଡରେ ୧୦୮ ଟି ମଣ୍ଡି ଖୋଲାଯିବ।କୋରାପୁଟ ଉପଖଣ୍ଡରେ ୨୫ ଏବଂ ଜୟପୁର ଉପଖଣ୍ଡରେ ୮୩ ଟି ମଣ୍ଡିରେ ଧାନ ସଂଗ୍ରହ କରାଯିବ। ୪୪୧୦୪ ଜଣ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜୀକୃତ କରିଛନ୍ତି। ବିଗତ ଧାନ ମଣ୍ଡିରେ ଚାଷୀ ବିକ୍ରୀ କରିଥିବା ଧାନର ଖାଲି ଅଖା ଓ ହେଣ୍ଡଲିଙ୍ଗ ଚାର୍ଜ ଚାଷୀଙ୍କୁ ପ୍ରଦାନ କରିବାକୁ ସଦସ୍ୟ ମାନେ ଦାବି କରିଥିଲେ। ପ୍ରତ୍ୟେକ ମଣ୍ଡିରେ ଭିତ୍ତିଭୂମି ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଚାଷୀ ମାନେ ଦାବି କରିଥିଲେ।ପ୍ରତ୍ୟେକ ମଣ୍ଡିରେ ସିସିଟିଭି ସ୍ଥାପନ କରାଯାଇ ଦଲାଲ ମାନଙ୍କ ଉପରେ ତୀକ୍ଷଣ ନଜର ରଖାଯିବ।ସଂପୂର୍ଣ୍ଣ ପ୍ରକ୍ରିୟାକୁ ସ୍ୱଚ୍ଛ କରିବା ନିମନ୍ତେ ମଣ୍ଡିରେ ନୋଡାଲ ଅଫିସର ଓ ସୁପରଭାଇଜର ନିଯୁକ୍ତ କରାଯାଇଛି। ଆସନ୍ତା ୭ ଦିନ ମଧ୍ୟରେ ବିଡିଓ ଓ ତହସିଲଦାର ମାନେ ମହିଳା ଏସଏଚଜିର ତଦାରଖ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଜିଲ୍ଲାପାଳ କହିଛନ୍ତି । ଆରଏମସି ଦ୍ୱାରା ମଣ୍ଡି ଭିତ୍ତିଭୂମିର ବିକାଶ କାର୍ଯ୍ୟ ଆରମ୍ଭ କରାଯାଉଛି ବୋଲି ସେ କହିଛନ୍ତି।ଅନ୍ୟ ମାନଙ୍କ ମଧ୍ୟରେ ଜୟପୁର ଉପ ଜିଲ୍ଲାପାଳ ଆକାବରମ ଶସ୍ୟା ରେଡ୍ଡୀ, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାଏକ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ କୃଷି ଅଧିକାରୀ,ଜିଲ୍ଲା ପରିଷଦ ଉପ ସଭାପତି ରାଧା ବିନୋଦ ସାମନ୍ତରାୟଙ୍କ ସହ ଅନ୍ୟାନ୍ୟ ଅଧିକାରୀ ଏବଂ ଚାଷୀ ମାନେ ଉପସ୍ଥିତ ଥିଲେ।ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ମାନସ ରଞ୍ଜନ ମହାପାତ୍ର ଯୋଗଦେଇ ପରିଚାଳନା କରିଥିଲେ।ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ଯୋଗଦେଇ ଧନ୍ୟବାଦ ଅର୍ପଣ କରିଥିଲେ।କୋରାପୁଟ ଜିଲ୍ଲା କୃଷକ କଲ୍ୟାଣ ମଞ୍ଚ ତରଫରୁ ଏକ ଦାବିପତ୍ର ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ପ୍ରଦାନ କରାଯାଇଛି।ଏହି ଦାବିଗୁଡ଼ିକର ସମାଧାନ କରିବାକୁ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିବା କୃଷକ କଲ୍ୟାଣ ମଞ୍ଚ ସଂପାଦକ ନରେନ୍ଦ୍ର କୁମାର ପ୍ରଧାନ କହିଛନ୍ତି।ବୈଠକ ଶେଷ ପରେ ଜିଲ୍ଲାପାଳ କୃଷକ ନେତା ମାନଙ୍କ ସହ ଦାବି ସଂପର୍କରେ ଆଲୋଚନା କରିଥିବା ଜଣାପଡିଛି।

# ଆଳିରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଜନ ଶୁଣାଣି ଶିବିର

କେନ୍ଦ୍ରାପଡା ,୨୫/୧୧ (ନି.ପ୍ର): ଆଳି ବ୍ଲକ କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି ଶିବିରରେ ମୋଟ ୨୧୪ ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ତନ୍ମଧ୍ୟରୁ ୨୨ଟି ସାମୂହିକ ଏବଂ ୧୯୨ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା । ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୫ ହଜାର ଟଙ୍କା ଆର୍ଥିକ ସହାୟତା ଜିଲ୍ଲାପାଳ ପ୍ରଦାନ କରିଥିଲେ । ୧୭ ଟି ଅଭିଯୋଗର ତତ୍କାଳ ଫଇସଲା ହୋଇଥିଲା ।

## ଅଗ୍ନିଶମ ସଚେତନତା ଶିବିର

ଜୟପୁର,୨୫/୧୧ (ନି.ପ୍ର): ଜୟପୁର କୁମ୍ଭାର ସାହି ସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନିସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଚିକିତ୍ସାଳୟରେ ଅଗ୍ନି ଦୁର୍ଘଟଣା ଘଟିଲେ ତାକୁ କିପରି ନିୟନ୍ତ୍ରଣ କରାଯାଇପାରିବ, ଚିକିତ୍ସାଳୟରେ ଫାୟାରା ଇଷ୍ଟିନଗ୍ୟୁସର ରଖିବା, ଆପତ କାଳୀନ ଦ୍ୱାର କେମିତି ଖୋଲାଯିବ ସେନେଇ ଆଲୋଚନା କରାଯାଇଥିଲା। ଅଗ୍ନିଶମ ଅଧିକାରୀ ସୁରେଶ କୁମାର ବାରିକ ଓ କେନ୍ଦ୍ରାଧିକାରୀ ସର୍ଯ୍ୟ ବେହେରାଙ୍କ ନେତୃତ୍ୱରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜନ୍ମ ଶତବାର୍ଷିକ ପାଳନ ପାଇଁ ଏକତା ପଦଯାତ୍ରା

ସୁବର୍ଣ୍ଣପୁର,୨୫/୧୧ (ନି.ପ୍ର): ବୀର ମହାରାଜ ପୁର ଠାରେ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ଶତ ବାର୍ଷିକୀ ପାଳନ ଉପଲକ୍ଷେ 'ଏକତା ପଦଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ଏହାକୁ ମୁଖ୍ୟ ଅତିଥି ଭାବରେ ବଲାଙ୍ଗିର ସାଂସଦ ସଙ୍ଗୀତା କୁମାରୀ ସିଂହ ଦେଓ ଯୋଗ ଦେଇ ଶୁଭ ଉଦଘାଟନ କରି ବିକଶିତ ରାଷ୍ଟ୍ର ନିର୍ମାଣ ଓ ଆତ୍ମ ନିର୍ଭର ଶିଳ ଭାରତ ଗଠନ ଲାଗି ଶପଥ ପାଠ କରାଇଥିଲେ । ସମ୍ମାନିତ ଅତିଥି ଭାବରେ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା, ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼. ନୃପରାଜ ସାହୁ, ସୁବର୍ଣ୍ଣପୁର, ଆରକ୍ଷୀ ଅଧିକ୍ଷକ, ଶ୍ରୀ ନାରାୟଣ ନାଏକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ ) ଶ୍ରୀ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ ) ଶ୍ରୀମତୀ ଅଞ୍ଜଳିନା ପଧାନ, ଡି ଏଫ୍ ଓ ଶ୍ରୀ ମଦନ ଲାଲ୍ ଶର୍ମା, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଶ୍ରୀ ଅଶ୍ୱିନୀ କୁମାର ମେହେର, ବିଜେପି ଜିଲ୍ଲା ସଭାପତି ଶ୍ରୀ ବେଣୁଧର ଦାଶ ଯୋଗ ଦେଇ ଏହି ଏକତା ପଦଯାତ୍ରାରେ ସାମିଲ୍ ହୋଇଥିଲେ । ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଭାରତ ବିକାଶର ଅବଦାନକୁ ମନେ ପକାଇବାର ଦିନ ଟିଏ ବୋଲି ଏଠାରେ ଅନୁଷ୍ଠିତ ଏକ ସଭାରେ ମତ ପ୍ରକାଶ କରିଥିଲେ । ଆଜିର ଏହି ପଦଯାତ୍ରା ବୀରମହାରାଜପୁର ମିନି ଷ୍ଟାଡିୟମ୍ ଠାରୁ ଆରମ୍ଭ ହୋଇ ଆମ୍ବେଦକର ଛକ ସ୍ଥିତ ଡ଼. ଭୀମ ରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇ - ସ୍ଥାନୀୟ ମହାବିଦ୍ୟାଳୟ - ଲାଡୁରପେଟ ଗାୟତ୍ରୀ ମନ୍ଦିର (ପାନୀୟ ଜଳ / ଓ.ଆର୍.ଏସ୍. ଯୋଗାଣ) - ରଣାପାଲି ଛକ - ଉଫୁଲା ମାଉସୀ ମା ମନ୍ଦିର , ସ୍ଥାନୀୟ ବସ ଷ୍ଟାଣ୍ଡ , ଚମ୍ପାପୁର ଛକ - ଚମ୍ପାମାଳ ଶିବ ମନ୍ଦିର ବାଟେ ଆସି ପରେ ସ୍ଥାନୀୟ ମିନି ଷ୍ଟାଡିୟମ ଠାରେ ପଦଯାତ୍ରା ସମାପ୍ତ ହୋଇଥିଲା । ଜିଲ୍ଲା କ୍ରୀଡ଼ା ଅଧିକାରୀ, ଶ୍ରୀ ଚିତ୍ତ ରଞ୍ଜନ ମିଶ୍ର, ଡି ଡ଼ବ୍ଲୁ ଓ, ଅଚ୍ୟୁତା ନନ୍ଦ ସିଂ, ଜିଲ୍ଲା ସଂସ୍କୃତି ଅଧିକାରୀ, ସୁଶ୍ରୀ ଯମୁନା ପ୍ରଧାନ, ଜିଲ୍ଲା ସଂଯୋଜକ, ମାଇ ଯୁବ ଭାରତ, ସୁବର୍ଣ୍ଣପୁର ଶ୍ରୀ କୃପାସିନ୍ଧୁ ସା, ସି ଇ ଓ ଓରମାସ, ସମୀର କୁମାର ନାଏକ, ଡି ଏସ ଏସ ଓ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ସ୍ମଲ୍ ସେଭିଂ ଅଫିସର ମଙ୍ଗଳ ପଧାନ ମଧ୍ଯ ପଦ ଯାତ୍ରା ରେ ସାମିଲ୍ ହୋଇ ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ସୁବର୍ଣ୍ଣପୁର ଜିଲ୍ଲା ଓ ବୀରମହାରାଜପୁର ବ୍ଲକ୍ ସ୍ତରୀୟ ବହୁ ବୁଦ୍ଧିଜିବୀ ଓ ବହୁ ସାମ୍ବାଦିକ ଉପସ୍ଥିତ ଥିଲେ । ଗତ ୩୧ ତାରିଖ ରେ ସୁବର୍ଣ୍ଣପୁର ଠାରେ ଅନୁଷ୍ଠିତ ଗଣ ଦୌଡ଼ ପ୍ରତିଯୋଗିତର କୃତୀ ପ୍ରତିଯୋଗୀଙ୍କୁ ଓ ଆଜି ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ବକ୍ତୃତା, ଡ୍ରଇଂ, ଓ ରଚନା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରା ଯାଇଥିଲା । ଆଜିର ଏହି ଐତିହାସିକ ଦିବସରେ ବିଭିନ୍ନ କଳାକାର ମାନଂକ ଦ୍ୱାରା ଦଣ୍ଡ ନୃତ୍ୟ କାର୍ଯ୍ଯ କ୍ରମ, ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ଯ କ୍ରମ ଅନୁଷ୍ଠିତ ହୋଇଥିଲା ।

# ଅଖିଳ ଭାରତୀୟ ସାହିତ୍ୟ ପରିଷଦ ରିବା ଅଧିବେଶନ ସମୀକ୍ଷା ଓ ପୁସ୍ତକ ଉନ୍ମୋଚନ

ବଲାଙ୍ଗିର,୨୫/୧୧ (ନି.ପ୍ର): ଅଖିଳ ଭାରତୀୟ ସାହିତ୍ୟ ପରିଷଦ ବଲାଙ୍ଗିର ଓ ଅଖଣ୍ଡ ଭାଗବତ ଜ୍ଞାନ କମିଟି ରାଧାକୃଷ୍ଣ ମନ୍ଦିର ବ୍ରାହ୍ମଣପଡାଙ୍କର ମିଳିତ ସହଯୋଗ କ୍ରମେ ଅପରାହ୍ନ ଘ.୪ ସମୟରେ ଡ. ଭବାନୀ ଶଙ୍କର ପଟେଲଙ୍କ ଅଧ୍ୟକ୍ଷତାରେ ସଚିବ ରାମଚନ୍ଦ୍ର ପଟେଲ ତଥା ଅଖିଳ ଭାରତୀୟ କାର୍ଯ୍ୟକାରିଣୀ ରାଜ୍ୟ ସଭ୍ୟ ଗିରିଜା ରଥ ନିଜ ଅନୁଭୂତି ପ୍ରକାଶ କରିବା ସହ ରିବା ଅଧିବେଶନ ଉପରେ ଡ. ଭବାନି ଶଙ୍କର ପଟେଲ ନିଜର କବିତା ପାଠ କରିଥିଲେ । ଏହି ସମାରୋହ ରେ ଅତିଥି ଭାବରେ ସ୍ୱାମୀ ତେଜୋମୟାନନ୍ଦ ସରସ୍ୱତୀ ଓ ମୁଖ୍ୟ ବକ୍ତା ଭାବରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ମଂଚାସିନ ଥିଲେ । ରିବା ଅଧିବେଶ ରେ ବଲାଙ୍ଗିର ରୁ ଏଗାର ଜଣ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରେ ଡ. ଭବାନୀ ଶଙ୍କର ପଟେଲ, ରାମଚନ୍ଦ୍ର ପଟେଲ, ଗିରିଜା ଶଙ୍କର ରଥ, ସୁନାଧର ବନଛୋର, ମଦନ ରଥ, ଗୋପାଳ ପ୍ରଧାନ, ବିରଂଚି ଦାଶ, ସବିତା ଭୋଇ, ସଂଯୁକ୍ତା ପରିଚ୍ଛା, ଭୋଇ କିଟି, ସରସ୍ୱତୀ ମେହେର ଅଂଶଗ୍ରହଣ କରିଥିଲେ । ଏହି ସମାରୋହ ରେ ବଂଶୀଧର ଦାନୀ ଓ ଡା. ସୁଧାଂଶୁ ଶେଖର ମିଶ୍ରଙ୍କ ପୁସ୍ତକ ଯଥାକ୍ରମେ "ଭକ୍ତି ପଥେ ଜ୍ଞାନ ପଥେ" ଓ "ଚେତନା ପ୍ରବାହ" ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା । ଏହି ସମାରୋହରେ ଚୁମକି ମିଶ୍ର ଓ ଦୁଇଟି ଭକ୍ତିଗୀତ ପରିବେଷଣ କରିଥିଲେ । ଅଖଣ୍ଡ ଜ୍ଞାନ ଯଜ୍ଞ କମିଟି ର ଭକ୍ତବୃନ୍ଦ ତଥା କିର୍ତ୍ତନ୍ୟ ମଣ୍ଡଳୀ ସହଯୋଗ କରିବା ସହ କମିଟିର ସଚିବ ବଂଶୀଧର ସା, ପଂଚାନନ ବେଦବାକ, କୋଷାଧ୍ୟକ୍ଷ ଅଙ୍ଗିରା ସାହୁ (ଉପସଭାପତି), କବି ବଳିଷ୍ଠ ପ୍ରଧାନ, ସର୍ବେଶ୍ୱର ମିଶ୍ର ଓ ନାରୀ ସଭ୍ୟାମାନଙ୍କ ମଧ୍ୟରେ ସବିତା ଦାନୀ, ଜାନକୀ ପଟେଲ ଉପସ୍ଥିତ ଥିଲେ । ଧନ୍ୟବାଦ ଦେଇଥିଲେ ଡ. ଭବାନୀ ଶଙ୍କର ପଟେଲ ।

# ସୁବର୍ଣ୍ଣପୁରଠାରେ ଜିଲ୍ଲାସ୍ତରୀୟ ଧାନ କ୍ରୟ କମିଟି ବୈଠକ ଅନୁଷ୍ଠିତ

ସୁବର୍ଣ୍ଣପୁର, ୨୪ ନଭେମ୍ବର (ହି.ସ.) ସୁବର୍ଣ୍ଣପୁର ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସ୍ଥିତ ସଭାଗୃହ ଠାରେ ଜିଲ୍ଲା ସ୍ତରୀୟ ଧାନ କ୍ରୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ଚଳିତ ବର୍ଷ ଖରିଫ୍ ଧାନ ସଂଗ୍ରହ ପାଇଁ ଡିସେମ୍ବର ମାସ ୯ ତାରିଖରୁ ମଣ୍ଡି ଖୋଲିବା ସହ ଧାନକିଣା ପ୍ରକ୍ରିୟା ଆରମ୍ଭ ହେବ ବୋଲି ଆଜିର ବୈଠକରେ ନିଷ୍ପତ୍ତି ନିଆଯାଇଛି। ଜିଲ୍ଲାରେ ମୋଟ ୭୧ଟି ପ୍ୟାକ୍ସ ଏବଂ ୩୦ ଗୋଟି ଏସ୍ ଏଚ ଜି ମାଧ୍ୟମରେ ଧାନ କିଣା ହେବାକୁ ଥିବାବେଳେ ୫୪ ଜଣ ମିଲରଙ୍କ ସହଯୋଗରେ ଏହା ସମ୍ପାଦିତ ହେବ ବୋଲି ସ୍ଥିର ହୋଇଛି । ଓ ମଣ୍ଡିର ସୁପରିଚାଳନା ସହ ଧାନ ସଂଗ୍ରହ ବେଳେ କିଭଳି ଚାଷୀ ଅସୁବିଧାର ସମ୍ମୁଖୀନ ନ ହେବେ ସେ ନେଇ ବିଶଦ ଆଲୋଚନା କରା ଯାଇଛି। ଜିଲ୍ଲାପାଳ ନୃପରାଜ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ବଲାଙ୍ଗୀର ସାଂସଦ ସଙ୍ଗୀତା କୁମାରୀ ସିଂଦେଓ, ସମ୍ମାନିତ ଅତିଥି ଭାବେ ବୀରମହାରାଜପୁର ବିଧାୟକ ଶ୍ରୀ ରଘୁନାଥ ଜଗଦଲା, ସାଂସଦଙ୍କ ପ୍ରତିନିଧି ସାନନ୍ଦ ମେହେର, ବିଜେପି ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅଶୋକ ପୁଷ୍ଟି, ସୋନପୁର ବିଧାୟକ ଙ୍କ ପ୍ରତିନିଧି ମଧୁସୁଦନ ଓତା, ମିତ୍ରବ୍ରତ ମିଶ୍ର ପ୍ରମୁଖ ଆଲୋଚନା ରେ ଭାଗ ନେଇଥିବା ବେଳେ ଜିଲ୍ଲା ସ୍ତରୀୟ ଅଧିକାରୀ, ରାଇସ ମିଲ ସଂଘ କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲା ମୁଖ୍ୟ ବେସାମରିକ ଯୋଗାଣ ବିଭାଗ ଅଧିକାରୀ ନିରଦ ରଞ୍ଜନ ଦାସ ଚଳିତ ବର୍ଷ ଖରିଫ ଧାନ ସଂଗ୍ରହ ନେଇ ଧାର୍ଯ୍ୟଲକ୍ଷ୍ୟ, ସମବାୟ ସମିତି ସମୂହ ପକ୍ଷରୁ ପ୍ରସ୍ତୁତି ସମ୍ପର୍କରେ ସମସ୍ତ ସୂଚନା ଦେଇଥିଲେ। ଗତବର୍ଷ ତୁଳନାରେ ଚଳିତ ବର୍ଷ ପଞ୍ଜୀକୃତ ଏବଂ ଯାଂଚ ପରେ ସ୍ଥିର ହୋଇଥିବା ଯୋଗାଣ ବିଭାଗର ସୂଚନା ମୁତାବକ, ଗତବର୍ଷ ଜିଲ୍ଲାରେ ମୋଟ ୬୮ ହଜାର ୬୩୨ ଜଣ ଚାଷୀ ଖରିଫ୍ ଧାନ ବିକ୍ରି ପାଇଁ ପଞ୍ଜୀକୃତ ହୋଇଥିବା ବେଳେ ଚାଷୀଙ୍କ ଠାରୁ ମୋଟ (୬୩,୫୪,୯୯୨.୯୮) ୬୩ ଲକ୍ଷ ୫୪ ହଜାର ୯୯୨.୯୮ କ୍ୱିଂଟାଲ ଧାନ କିଣା ଯାଇଥିଲା । ଚଳିତ ବର୍ଷ ୭୧ ହଜାର ୫୭୮ ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ଯାଂଚ ପରେ ସେମାନଙ୍କ ମଧ୍ୟରୁ ୬୮ ହଜାର ୬୩୨ ଜଣ ଚାଷୀଙ୍କ ଠାରୁ ଧାନ କିଣିବା ପାଇଁ ସ୍ଥିର ହୋଇଛି । ଚଳିତବର୍ଷ ଜିଲ୍ଲାର ଧାର୍ଯ୍ୟ ଲକ୍ଷ୍ୟ ପ୍ରଥମ ପର୍ଯ୍ୟାୟରେ ୨୨ ଲକ୍ଷ ୩୨ ହଜାର କ୍ୱିଂଟାଲ୍ ରହିଛି । ଏହି ସମ୍ପର୍କରେ ଯୋଗାଣ ବିଭାଗ ଅଧିକାରୀ ସ୍ପଷ୍ଟୀକରଣ ରଖି ଏହା ପ୍ରଥମ ପର୍ଯ୍ୟାୟର ଧାର୍ଯ୍ୟ ଲକ୍ଷ୍ୟ (ଟାର୍ଗେଟ) ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଏହାକୁ ଆବଶ୍ୟକ ମୁତାବକ ବୃଦ୍ଧି କରାଯିବ ବୋଲି ପ୍ରକାଶ କରିଥିଲେ। ସାଂସଦ ଶିଘ୍ର ମଣ୍ଡି ଆରମ୍ଭ ସହ କିପରି ଚାଷୀ ହଇରାଣ ନ ହୋଇ ସୁରୁଖୁରୁ ରେ ଧାନ କିଣା ହେବ ସେ ନେଇ ସମସ୍ତ ଅଧିକାରୀ ଙ୍କୁ ସଚେତନ କରିଥିଲେ । ଏହି ବୈଠକରେ ଜିଲ୍ଲା ସ୍ତରୀୟ ବିଭିନ୍ନ ଅଧିକାରୀ ଓ କମିଟିର ଅନ୍ୟାନ୍ୟ ସମସ୍ତ ସଦସ୍ୟ ସମସ୍ତ ଉପସ୍ଥିତ ଥିଲେ ।

# ବାଣପୁର ବ୍ଲକ ନିଳାଦ୍ରୀ ପ୍ରସାଦ ପଂଚାୟତରେ ଜିଲ୍ଲାପାଳଙ୍କ ପଲ୍ଲୀରେ ଜନଶୁଣାଣି ଶିବିର ଅନୁଷ୍ଠିତ

ଖୋର୍ଦ୍ଧା,୨୫/୧୧ (ନି.ପ୍ର): ସୋମବାର ବାଣପୁର ବ୍ଲକ ନୀଳାଦ୍ରି ପ୍ରସାଦ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ରିତ୍ ଋତୁରାଜ ଓ ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମା ଙ୍କ ପଲ୍ଲୀରେ ପ୍ରଶାସନିକ ମିଳିତ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଅଛି କ୍ଷ ଜିଲ୍ଲାପାଳ ଶ୍ରୀ ଋତୁରାଜ କହିଲେ ଯେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାଦ୍ୱାରା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାର ସୁଫଳ ହିତାଧିକାରୀ ମାନଙ୍କୁ ବହୁ ମାତ୍ରାରେ ଉପଲବ୍ଧ ହେଉଛି । ଏଣୁ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ତଥା ପଂଚାୟତ ବା ପଲ୍ଲୀରେ ପ୍ରଶାସନିକ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ କୁ ଅଧିକାରୀ ମାନେ ସେବା, ସମାଧାନ ଓ ସଚେତନତା କୁ ତ୍ୱରାନ୍ୱିତ କରି ନିଷ୍ଠାପର ସେବା ପ୍ରଦାନ କଲେ ଖୋର୍ଦ୍ଧା ଜିଲ୍ଲା ବିକାଶ ପଥରେ ଆଗେଇ ଯିବ ବୋଲି ପ୍ରକାଶ କରିଥିଲେ କ୍ଷ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମତେ ବ୍ଲକ୍ ଓ ପଂଚାୟତ ମାନଙ୍କରେ ଜନଶୁଣାଣି ଶିବିରରେ ପ୍ରତ୍ୟେକ ଯୋଜନାର ହିତାଧିକାରୀ ମାନଙ୍କୁ ଯଥା ସୁକନ୍ୟା ସମୃଦ୍ଧି ଯୋଜନା ଠାରୁ ନେଇ , ସ୍ୱାସ୍ଥ୍ୟ, ପଶୁ ସମ୍ପଦ, କୃଷି ଓ ଆନୁସଙ୍ଗିକ କୃଷି , ଓଡ଼ିଶା ଜୀବିକା ମିଶନ୍,ପ୍ରଧାନ ମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା, ଆୟୁଷମାନ ଭାରତ ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା,ଅଟଳ ପେନସନ ଯୋଜନା, ବସୁନ୍ଧରା, ରାଜସ୍ୱ ବିଭାଗ ଅଧୀନ ବିଭିନ୍ନ ସାର୍ଟିଫିକେଟ, ପ୍ରତ୍ୟେକ ପଂଚାୟତ ଓ ଗ୍ରାମ୍ୟ ସ୍ତରୀୟ କାର୍ଯ୍ୟାଳୟ ଗୃହ ନିର୍ମାଣ ଜମି ସମସ୍ୟା, ଦକ୍ଷତା ବିକାଶ, ମତ୍ସ୍ୟ ଚାଷ, ଅଣୁ କ୍ଷୁଦ୍ର ମଧ୍ୟମ ଶିଳ୍ପ ଉଦ୍ୟୋଗ, ସୁଷମ ବଂଟନ, ଶିଶୁ ଓ ମାତୃ ଯତ୍ନ ,ଭି ଏଚ୍ ଏନ୍ ଡି ଯୋଜନା ,ପି ଏମ ସୂର୍ଯ୍ୟ ଘର, ମାଟି ସ୍ୱାସ୍ଥ୍ୟ କାର୍ଡ,ପି ଏମ କିଶାନ ଓ ସି ଏମ କିଶାନ୍ ଯୋଜନା, ପ୍ରଧାନ ମନ୍ତ୍ରୀ ମୁଦ୍ରା ଓ ପ୍ରଧାନ ମନ୍ତ୍ରୀ ବିଶ୍ୱକର୍ମା ଯୋଜନା , ରେଡ୍ କ୍ରସ ଓ ମୁଖ୍ୟ ମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ଆଦି ଅଗ୍ରଣୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ସିଧା ପଲ୍ଲୀ ବାସିନ୍ଦାର ପ୍ରକୃତ ହିତାଧିକାରୀ ମାନଙ୍କୁ ଯୋଗାଇ ଦେବାପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି । ସମସ୍ତ ଅଧିକାରୀ ମାନେ ଜନସାଧାରଣଙ୍କ ନିକଟତର ହୋଇ ସେମାନଙ୍କ ସମସ୍ୟା, ଆପତ୍ତି ଏବଂ ଅଭିଯୋଗ ଗୁଡ଼ିକର ସରକାର ଓ ପ୍ରଶାସନର ନୀୟମାନୁସାରେ ସମାଧାନ କରି ଜନସାଧାରଣଙ୍କ ଆସ୍ଥା ଭାଜନ ହେବାକୁ ଜିଲ୍ଲାପାଳ ଶ୍ରୀ ଋତୁରାଜ ଗୁରୁତ୍ୱାରୋପ କରିଥିଲେ । ଆଜିର ଅଭିଯୋଗ ଶୁଣାଣିରେ ମୋଟ ୭୮ ଗୋଟି ଅଭିଯୋଗ ଆସିଥିବା ବେଳେ, ବ୍ୟକ୍ତି ଗତ ୬୫ ଗୋଟି ଓ ଗ୍ରାମୀଣ ସମସ୍ୟା ଜନିତ ୧୩ ଗୋଟି ଅଭିଯୋଗ ଥିଲା । ଜିଲ୍ଲାପାଳ ଅଭିଯୋଗ ସ୍ଥଳରେ ୦୩ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ । ଜନଶୁଣାଣି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଜ୍ୟୋତି ଶଙ୍କର ସାହୁ,ଉପ ଜିଲ୍ଲାପାଳ କିଶୋର କୁମାର ପଣ୍ଡା , ଜିଲ୍ଲାମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ,ଆସିଷ୍ଟାଂଟ କଲେକ୍ଟର, ଭୁବନେଶ୍ୱର କର୍ଅଁର, ସଂପୃକ୍ତ ବ୍ଲକର ବି ଡି ଓ ଏବଂ ତହସିଲଦାର ପ୍ରମୁଖ ଜନ ଅଭିଯୋଗ ଶୁଣାଣିରେ ସହଯୋଗ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟର ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ଡ଼ଃ ଗୀତାଂଶୁ ଦାଶ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ ହିଆଲ , ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରବି ନାରାୟଣ ସେନାପତି ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଲାଇନ ଡିପାର୍ଟମେଂଟ ବରିଷ୍ଠ ଯନ୍ତ୍ରୀ ଓ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

# କେନ୍ଦ୍ରାପଡ଼ା ଜିଲ୍ଲାରେ ଜାନୁଆରୀ ୯ରୁ ଜିଲ୍ଲାରେ ଧାନକିଣା

କେନ୍ଦ୍ରାପଡା,୨୫/୧୧ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାରେ ଆସନ୍ତା ଜାନୁଆରୀ ୯ ତାରିଖ ୨୦୨୬ ରୁ ଖରିପଧାନ କିଣା ଆରମ୍ଭ ହେବ । ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ବୈଠକରେ ନିଷ୍ପତି ନିଆଯାଇଛି । ଚାଷୀଙ୍କ ବୃହତ୍ତର ସ୍ୱାର୍ଥ ଉପରେ ଗୁରୁତ୍ୱ ଦେବା ସହ ମଣ୍ଡିରେ ମୌଳିକ ସମସ୍ୟା ଦୂର କରିବାପାଇଁ ପରାମର୍ଶ ଦେଇଛନ୍ତି। ଟକେନ ପାଇଥିବା ଚାଷୀ ଧାନ ବିକ୍ରି ନ କରି ଯେମିତି ଫେରି ନ ଯାଉ ସେଥିପ୍ରତି ଗୁରୁତ୍ୱ ଦେବାକୁ ଜିଲ୍ଲାପାଳ ସମସ୍ତ ଙ୍କୁ ପରାମର୍ଶ ଦେଇଛନ୍ତି । ତାଲିମ ପ୍ରଦାନ ସହିତ ସଚେତନତାକୁ ବ୍ୟାପକ କରିବାକୁ ବୈଠକରେ ଆଲୋଚନା ହୋଇଥିଲା ଛକଟିନୀଛଟିନ ନ କରିବା ଏବଂ ମିଲର ମାନେ ଚାଷୀଙ୍କୁ ସହଯୋଗ କରିବାକୁ ବୈଠକରେ ଆଲୋଚନା ହୋଇଛି। ଜିଲ୍ଲାରେ ଧାନକିଣାରେ ମୋଟ ୧୧୮ଟି ପେକ୍ସ ଅଂଶଗ୍ରହଣ କରିବେ ।

# ଭାରସାମ୍ୟ ହରାଇ ଗଛରେ ପିଟି ହେଲା କାର୍ : ଅଳ୍ପକେ ବର୍ତ୍ତିଲେ ୩ଜଣ

ଧର୍ମଶାଳା,୨୫/୧୧ (ନି.ପ୍ର): ଯାଜପୁର ଜିଲା ବରୁହାଁ କୃଷ୍ଣଦାସପୁର ମୁଖ୍ୟ ରାସ୍ତ ଶଙ୍ଖମଠ ନିକଟରେ ଏକ ନାଲି ରଂଗର ମାରୁତି ବ୍ରେଜା(ଓଡି୩୪ପି୧୧୧୮) ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଥିବା ଦେଖିବାକୁ ମିଳିଛି । ଏହି ଦୁର୍ଘଟଣାରେ ଗାଡିରେ ଥିବା ୩ଜଣ ଏକ ବଡ ବିପଦରୁ ବର୍ତି ଯାଇଥିବା ବେଳେ ସେମାନେ ସମାନ୍ୟ ଆହତ ହୋଇ ଜିଲା ସଦରମହକୁମା ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାପଡିଛି । ସେମାନେ ସ୍ଥାନୀୟ ସୁଜନପୁର ଅଂଚଳର ବୋଲି ଜଣାପଡିଛି। ଆଜି ଭୋର ସମୟରେ ଏକ ବିବାହ ଘର ଭୋଜିରୁ ଯୋଗ ଦେଇ କାର ଯୋଗେ ସୁଜନପୁର ଗ୍ରାମକୁ ଫେରୁଥିବା ସମୟରେ ଶଙ୍ଖମଠ ନିକଟରେ କାରଟି ଭାରସାମ୍ୟ ହରାଇବାରୁ ଏକ ଗଛରେ ପିଟି ହୋଇଥିଲା। ଖବର ପାଇ ବ୍ରହ୍ମବରଦା ପୋଲିସ ଘଟଣାସ୍ଥଳରେ ପଂହଚି ତଦନ୍ତ କରିବା ସହ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରିଛି ।

# କୁମାରବସ୍ତ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ମକୁନ୍ଦ ପ୍ରସାଦ ଓ ଅଟ୍ରି ବିଜୟୀ

ଖୋର୍ଦ୍ଧା,୨୫/୧୧ (ନି.ପ୍ର): ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳପଡିଆ ଠାରେ ରାଇଜିଙ୍ଗଷ୍ଟାର କ୍ରିକେଟ କ୍ଲବ, କୁମାରବସ୍ତ ଆନୁକୂଲ୍ୟରେ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ର ପ୍ରଥମ ମ୍ୟାଚରେ ମକୁନ୍ଦ ପ୍ରସାଦ ଦଳ କୁମାରବସ୍ତ ଦଳ କୁ ୪ ୱିକେଟରେ ପରାସ୍ତ କରିଛି । କୁମାରବସ୍ତ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର ରେ ୧୧୧ ରନ୍ ସଂଗ୍ରହ କରିଥିଲେ ।।ଜବାବ ରେ ମକୁନ୍ଦ ପ୍ରସାଦ ଦଳ ୧୪ ଓଭର ରେ ଆବଶ୍ୟକ ୧୧୨ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା ।ଶ୍ରେଷ୍ଠ ଖେଳାଳି ପଙ୍କଜ ନାୟକ ଙ୍କୁ ସମାଜସେବୀ ସଂଗ୍ରାମ ରାମଚନ୍ଦ୍ର ଛୋଟରାୟ ପୁରସ୍କୃତ କରିଥିଲେ। ଦ୍ୱିତୀୟ ମ୍ୟାଚ (ନନ ଆଧାର) ଟସ୍ ରେ ବିଜୟ ଲାଭ କରି ଅଟ୍ରି ଦଳ ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତି ନେଇଥିଲା ।ପ୍ରଥମେ ବ୍ୟାଟିଂ କରି ଅଟ୍ରି ଦଳ ନିର୍ଦ୍ଧାରିତ ୨୦ ଓଭର ରୁ ସମସ୍ତ ୱିକେଟ ହରାଇ ୧୮୧ ରନ ସଂଗ୍ରହ କରିଥିଲେ ।ଦଳ ପକ୍ଷରୁ ପ୍ରଦୀପ ରାଉତ ୫୮ ରନ୍ ସଂଗ୍ରହ କରିଥିଲେ। ଜବାବରେ ଭୁବନେଶ୍ୱର ଦଳ ନିର୍ଦ୍ଧାରିତ ୨୦ଓଭର ରେ ୭ ୱିକେଟ ହରାଇ ୧୭୫ ରନ୍ ରେ ସିମିତ ରହି ପରାଜିତ ହୋଇଥିଲା ।ଦଳ ପକ୍ଷରୁ ରିତିକ ମହାନ୍ତି ୩ ଟି ୱିକେଟ ନେଇ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ସମାଜସେବୀ ରାମଚନ୍ଦ୍ର ସାମନ୍ତରାୟ ଙ୍କ ଠୁ ପୁରସ୍କାର ଗ୍ରହଣ କରିଥିଲେ।

# ଖରିଫ୍ ବର୍ଷ ୨୦୨୫-୨୬(ଖରିଫ) ପାଇଁ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ

ବାରିପଦା , ୨୫/୧୧ (ନି.ପ୍ର): ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ମୟୂରଭଞ୍ଜ ଜିଲ୍ଲାରେ ଖରିଫ ବର୍ଷ ୨୦୨୫-୨୬ (ଖରିଫ) ପାଇଁ ଜିଲ୍ଲା ସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ବିଭାଗ, ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ମାନ୍ୟବର ବିଧାୟକ, ଉଦଳା, ଶ୍ରୀଯୁକ୍ତ ଭାସ୍କର ଚନ୍ଦ୍ର ମଢେଇ, ମାନ୍ୟବର ବିଧାୟକ ବଡ଼ସାହି ଶ୍ରୀ ସନାତନ ବିଜୁଳି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଭାରତୀ ହାଁସଦା, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ବରୁଣ ଗୁଣ୍ଟୁପାଲ୍ଲୀ ପ୍ରମୁଖ ଯୋଗ ଦେଇ ଜିଲ୍ଲାରେ ଖରିଫ ଧାନ ସଂଗ୍ରହ କିଭଳି କରାଯିବ ସେବିଷୟରେ ଆଲୋଚନା କରିଥିଲେ। ବୈଠକରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଶ୍ରୀ ପ୍ରଦୀପ କୁମାର ପଣ୍ଡା ଓ ଡେପୁଟି ରେଜିଷ୍ଟ୍ରାର୍, ସମବାୟ ସମିତି ଶ୍ରୀ ଅଶୋକ କୁମାର ପାଣି ଉପସ୍ଥିତ ରହି ବିବରଣୀ ପାଠ କରିବା ସହିତ ସଭାକାର୍ଯ୍ୟ ପରିଚାଳନା କରିଥିଲେ।

ଆଲୋଚନାରେ ନିଷ୍ପତ୍ତି କ୍ରମେ ଚଳିତ ବର୍ଷ ଆଗାମୀ ଡିସେମ୍ବର ୨୬ ତାରିଖରୁ ପର୍ଯ୍ୟାୟକ୍ରମେ ଜିଲ୍ଲାର ୮୩୮୨୦ ପଞ୍ଜୀକୃତ ଚାଷୀ ମାନଙ୍କ ଠାରୁ ୧୦୩ ଗୋଟି ମଣ୍ଡି ଓ ୫୨ଟି ଲ୍ୟାମ୍ପସ ମାଧ୍ୟମରେ ଆନୁମାନିକ ୧୩, ୮୨,୦୦୦.୦୦ କୁଇଣ୍ଟାଲ ଧାନ ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ୧୮ ଜଣ ମିଲର ଏଥିରେ ଅଂଶ ଗ୍ରହଣ କରିବେ।

ଚାଷୀମାନଙ୍କ ସୁବିଧା ପାଇଁ ମଣ୍ଡିରେ ପର୍ଯ୍ୟାପ୍ତ ସୁବିଧା, ଶୀଘ୍ର ଧାନ ଉଠିବା ପାଇଁ ନିଆଯାଉଥିବା ପଦକ୍ଷେପ ଓ ଚୋରା ଚାଲାଣ ହେଉଥିବା ଧାନ ଗାଡ଼ିକୁ ଜବତ କରିବା ସହ ଗତଥର ମଣ୍ଡିରେ ଉପୁଜିଥିବା ବିଭିନ୍ନ ସମସ୍ୟାର ପୁନରାବୃତ୍ତି ନଘଟିବା ,ଚାଷୀମାନେ ଯେପରି କଟଣି ଛଟଣୀର ଶିକାର ନହେବେ ସେଥିପ୍ରତି ବିଶେଷ ଧ୍ୟାନ ଦେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବିଶେଷତଃ, ଅସାଧୁ ବ୍ୟକ୍ତି ଯେପରି ଧାନ ସଂଗ୍ରହ ପ୍ରକ୍ରିୟାରେ ହସ୍ତକ୍ଷେପ ନକରନ୍ତି, ମଣ୍ଡିରେ ସଂଗ୍ରହ ହେବାକୁ ଥିବା ଧାନକୁ ସୁରକ୍ଷିତ ଭାବେ ରଖିବାକୁ ଆବଶ୍ୟକୀୟ ପଲିଥିନ ଓ ଅନ୍ୟାନ୍ୟ ବ୍ୟବସ୍ଥାକୁ ନିଶ୍ଚିତ କରିବାକୁ, ଧାନ ସଂଗ୍ରହ କାର୍ଯ୍ୟକୁ ସଫଳ କରାଇବା ପାଇଁ ପ୍ରତିଟି ଆର୍ ଏମ ସିର ଅଧ୍ୟକ୍ଷ ମାନଙ୍କୁ ଗାଆଁ ଗାଆଁ ବୁଲି ଚାଷୀ ମାନଙ୍କ ସହିତ ଉତ୍ତମ ଯୋଗାଯୋଗ ରଖିବା ସହ ଧାନର ଏଫଏକ୍ୟୁ ମାନ ବିଷୟରେ ଚାଷୀଙ୍କୁ ପୂର୍ବରୁ ସଚେତନ କରିବା, ମଣ୍ଡିକୁ ଧାନ ଆସିବାର ଯଥା ସମୟ ପୂର୍ବରୁ ଚାଷୀ ମାନଙ୍କୁ ଟୋକେନ୍ ଦେବା ବ୍ୟବସ୍ଥା କରିବା, କଳାବଜାରୀ ଭଳି ବେଆଇନ କାର୍ଯ୍ୟଗୁଡିକୁ ରୋକିବା ପାଇଁ ମାନ୍ୟବର ମନ୍ତ୍ରୀ ଶ୍ରୀ ମହାପାତ୍ର ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ମଣ୍ଡିକୁ ଏଫ ଏ କ୍ୟୁ ଧାନ ଆଣିବାଲୁ ଚାଷୀ ମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ମନ୍ତ୍ରୀ ପରାମର୍ଶ ଦେବା ସହ ଚାଷୀ ମାନଙ୍କ ପ୍ରତି ସମ୍ବେଦନଶୀଳ ହୋଇ କଟଣି ଛଟଣି କୁ ପୁରା ବନ୍ଦ କରିବାକୁ ମିଲର ମାନଙ୍କୁ ଅନୁରୋଧ କରିଥିଲେ। ତତ ସହିତ ପ୍ରକୃତ ଚାଷୀ ପାଖରୁ ହିଁ ଧାନ ସଂଗ୍ରହ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ କୌଣସି ପ୍ରକାର ଦଲାଲି କୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି କହିଥିଲେ।

ମାନ୍ୟବର ବିଧାୟକ ବୃନ୍ଦ ଝୋଟ ବସ୍ତାର ପର୍ଯ୍ୟାପ୍ତ ଯୋଗାଣ, ମଣ୍ଡିରେ ବିଜୁଳି, ଭିତ୍ତିଭୂମି, ଆଶ୍ରୟ ସ୍ଥଳ,ପାନୀୟ ଓ ଶୌଚାଳୟ ବ୍ୟବସ୍ଥା,ଟୋକନ୍ ସମୟ ସୀମା, ସମସ୍ତ ବ୍ଲକରେ ଓଜନ ମେସିନର ଉପଲବ୍ଧି ଉପରେ ଆଲୋଚନା କରିବା ସହ ଚାଷୀ ପ୍ରତିନିଧି, ମିଲର ତଥା ପ୍ରଶାସନିକ ସହଯୋଗରେ ଚଳିତ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ରେ ଯେପରି କୌଣସି ପ୍ରକାର ଅସୁବିଧା ସୃଷ୍ଟି ନହୁଏ, ଏବଂ ସହଜରେ ସଂଗ୍ରହ ସମ୍ପନ୍ନ କରିବାକୁ ଆହ୍ୱାନ ଦେଇଥିଲେ ।

ଜିଲ୍ଲା ସ୍ତରରେ ନୋଡାଲ ଅଫିସର ଭାବରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ଙ୍କୁ ଦାୟିତ୍ୱ ମିଳିଥିବା ବେଳେ, ସମସ୍ତ ମଣ୍ଡି ମାନଙ୍କରେ ଜଣେ ଲେଖାଏଁ ନୋଡ଼ାଲ ଅଧିକାରୀ ଏବଂ ୪-୫ ଟି ମଣ୍ଡି ରେ ଜଣେ ଲେଖାଏ ସୁପରଭାଇଜିଙ୍ଗ ଅଧିକାରୀ ଙ୍କୁ ଦାୟୀତ୍ୱ ଦିଆଯାଇଛି । ଝୋଟ ବସ୍ତାର ପର୍ଯ୍ୟାପ୍ତ ଯୋଗାଣ,ମଣ୍ଡିରେ ବିଜୁଳି, ଭିତ୍ତିଭୂମି,ଆଶ୍ରୟ ସ୍ଥଳ,ଟୋକନ୍ ସମୟ ସୀମା, ଓଜନ ମେସିନର ଉପଲବ୍ଧି ଉପରେ ଆଲୋଚନା କରିବା ସହ ଚାଷୀ ପ୍ରତିନିଧି, ମିଲର ତଥା ପ୍ରଶାସନିକ ସହଯୋଗରେ ଚଳିତ ଖରିଫ ଧାନ ସଂଗ୍ରହକୁ ସହଜରେ ସମ୍ପନ୍ନ କରିବାକୁ ଜିଲ୍ଲାପାଳ ଶ୍ରୀ ସୟ କହିଥିଲେ । ବାହାର ଜିଲାରୁ କିମ୍ବା ଆନ୍ତରାଜ୍ୟ ଧାନ ବିକ୍ରି ରୋକିବା ପାଇଁ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରା ବିଭିନ୍ନ ସିମାଞ୍ଚଳ ସ୍ଥାନରେ ନାକା ବନ୍ଦୀ ବ୍ୟବସ୍ଥା କରିବା ତଥା ସିସିଟିଭି ଦ୍ୱାରା ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଜଗିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ମଧ୍ୟ ଜିଲ୍ଲାପାଳ ସୂଚନା ଦେଇଥିଲେ । ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ଚଳିତ ବର୍ଷ ଏଫ୍.ଏ.କ୍ୟୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରତି କ୍ୱିଣ୍ଟାଲ ପିଛା ୨୩୦୦/- ଟଙ୍କା ଏବଂ ଗ୍ରେଡ-ଏ ଧାନର କ୍ୱିଣ୍ଟାଲ ପ୍ରତି ମୂଲ୍ୟ ୨୩୨୦/- ଟଙ୍କା ରଖାଯାଇଛି। ଏହାଛଡା ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ସର୍ବନିମ୍ନ ସହାୟକ ମୂଲ୍ୟ ସମେତ ୮୦୦ ଟଙ୍କାର ଅତିରିକ୍ତ ଇନପୁଟ ଆସିଷ୍ଟାନ୍ସ ମଧ୍ୟ ଦିଆଯିବ । ପ୍ରତ୍ୟେକ ଧାନ ମଣ୍ଡିରେ ଗୁଣାତ୍ମକ ମାନ ଯାଞ୍ଚ କରିବା ପାଇଁ ବ୍ୟବସ୍ଥା କରାଯିବ । ଏଥିନିମନ୍ତେ ରେଜିଷ୍ଟର ରଖାଯାଇ ମାନଯାଞ୍ଚ ତଥ୍ୟ ଓ କୃଷକ ମାନଙ୍କ ନାମ ଉଲ୍ଲେଖ ରହିବ । ଏଥିନିମନ୍ତେ ପ୍ରାଥମିକ କୃଷି ସମବାୟ ସମିତି ଓ ନିୟନ୍ତ୍ରଣ ବଜାର କମିଟି ସମ୍ପାଦକ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ । ସଂଗୃହୀତ ଧାନର ମାନ ନିରୀକ୍ଷଣ କରିବା ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଦ୍ୱାରା ପରିଚାଳିତ ଶସ୍ୟ ବିଶ୍ଳେଷଣକାରୀ ଯନ୍ତ୍ରର ବ୍ୟବହାର କରାଯିବ ଏବଂ ସମସ୍ତ ମଣ୍ଡି ମାନଙ୍କରେ ଡିଜିଟାଲ ଆଦ୍ରତା ମାପ ଯନ୍ତ୍ର ସହ ସି ସି ଟି ଭି କ୍ୟାମେରା ଲଗାଯିବ ଓ ଚାଷୀଙ୍କ ଠାରୁ ଧାନ ସଂଗ୍ରହ ହେବାର ୪୮ ଘଣ୍ଟା ମଧ୍ୟରେ ଚାଷୀ ତା'ଙ୍କର ବିକ୍ରୟ ଧାନର ମୂଲ୍ୟ ପାଇବେ ବୋଲି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୂଚନା ଦେଇଥିଲେ ।

ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ, କେନ୍ଦୁଝର ସାଂସଦଙ୍କ ପ୍ରତିନିଧି ଶ୍ରୀ ଆଶିଷ କୁମାର ମହାନ୍ତ ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା, କପ୍ତିପଦା ଉପଜିଲ୍ଲାପାଳ ଶ୍ରୀ ସୁଶାନ୍ତ କୁମାର ବାରିକ, ପାଞ୍ଚପୀଢ଼ ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ଲୋକନାଥ ମିଶ୍ର, କୃଷକ ପ୍ରତିନିଧି,ଜିଲ୍ଲା ଯୋଗାଣ ବିଭାଗର ସମସ୍ତ ଅଧିକାରୀ ଓ ବିଭିନ୍ନ ମିଲର ମାନେ ଉପସ୍ଥିତ ଥିଲେ ।

## ଏକଲ ଅଭିଯାନ ଆଚାର୍ଯ୍ୟ/ ଆଚାର୍ଯ୍ୟା ଅଭ୍ୟାସବର୍ଗ ଉଦ୍‌ଯାପିତ

ଉଦଳା, ୨୫/୧୧ (ନି.ପ୍ର): ଖୁଂଟା ବ୍ଲକ ଅନ୍ତର୍ଗତ ଭୋଳାଗଡ଼ିଆସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଏକଲ ଅଭିଯାନ ବାରିପଦା ଅଂଚଳ ପୂର୍ବ ଭାଗରେ ଥିବା ଖଇରା, ମିତ୍ରପୁର, ଠାକୁରମୁଣ୍ଡା, ଶରତ, ଉଦଳା, ଗୋପବନ୍ଧୁନଗର ଓ ଖୁଂଟା ସଂଚରେ କାର୍ଯ୍ୟରତ ଆଚାର୍ଯ୍ୟ/ଆଚାର୍ଯ୍ୟା ମାନଙ୍କର ଏକ ଦଶ ଦିନିଆ ପ୍ରଶିକ୍ଷଣ ବର୍ଗ ଚଳିତ ନଭେମ୍ବର ୨୪ ତାରିଖ ସୋମବାର ଦିନ ଉଦ୍‌ଯାପିତ ହୋଇ ଯାଇଛି । ନଭେମ୍ବର ୧୫ ତାରିଖ ଶନିବାର ଠାରୁ ଆରମ୍ଭ ହୋଇଥିବା ଉକ୍ତ ଅଭ୍ୟାସ ବର୍ଗରେ ଯୋଗ, ପ୍ରାଣାୟାମ ସହିତ ନିୟମିତ ବେଦମନ୍ତ୍ର ଉଚ୍ଚାରଣର ଅଭ୍ୟାସ କରାଯାଉଥିଲା । ଏହାସହିତ ପଂଚମୁଖି ଶିକ୍ଷାରେ ଥିବା ବିଭିନ୍ନ ବିଷୟ ଓ ସୂଚନା ଅଧିକାର ଆଇନ ସମ୍ପର୍କରେ ତାଲିମ ପ୍ରଦାନ କରଯାଇଥିଲା । ମୋଟ ୩୫ ଜଣ ଆଚାର୍ଯ୍ୟ/ଆଚାର୍ଯ୍ୟା ଏଥିରେ ତାଲିମ ନେଇଥିବା ବେଳେ ଅଂଚଳ ଅଭିଯାନ ପ୍ରମୁଖ ଗୌରଚନ୍ଦ୍ର ଜେନା ଓ ପ୍ରାଥମିକ ଶିକ୍ଷା ପ୍ରମୁଖ ବେଣୁଧର କଂଟାବାଉଁଶିଆ ବର୍ଗ ପରିଚାଳନାର ନେତୃତ୍ୱ ନେଇଥିଲେ । ବର୍ଗକୁ ସଫଳ କରିବାରେ ଦେବକି ମହାନ୍ତ, ସଂଗିତା ମହାପାତ୍ର, ଦେବସ୍ମିତା ବାରିକ, ଲିଲି ବିରୁଆ ଓ କୁନା ମହାରଣା ସହଯୋଗ କରିଥିଲେ ।

## କର୍ଣ୍ଣାଟକରେ କ୍ଷମତା ଲଢ଼େଇ ଜାରି: କଂଗ୍ରେସ ହାଇକମାଣ୍ଡଙ୍କୁ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ଅନୁରୋଧ

ନୂଆଦିଲ୍ଲୀ,୨୫/୧୧ : ମୁଖ୍ୟମନ୍ତ୍ରୀ ଗାଦି ପାଇଁ କର୍ଣ୍ଣାଟକ କଂଗ୍ରେସ ମଧ୍ୟରେ ଟଣାଓଟରା କମିବା ବଦଳରେ ବଢ଼ିବାକୁ ଲାଗିଛି । ମଙ୍ଗଳବାର ଦିଲ୍ଲୀରେ ଡେରା ପକାଇଛନ୍ତି ଉପମୁଖ୍ୟମନ୍ତ୍ରୀ ଡି.କେ ଶିବକୁମାରଙ୍କ ଗୋଷ୍ଠୀ । ସେପଟେ ଯଥାଶୀଘ୍ର ନେତୃତ୍ୱ ନିଷ୍ପତ୍ତି ନେବା ପାଇଁ ହାଇକମାଣ୍ଡଙ୍କୁ ମୁଖ୍ୟ ସିଦ୍ଧରମୈୟା ଅନୁରୋଧ କରିଛନ୍ତି । କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ପଦରେ ସିଦ୍ଧରମୈୟାଙ୍କ ଅଢ଼େଇବର୍ଷ ପୂରିବା ପରେ ପୂର୍ବ ନିଷ୍ପତ୍ତି ଅନୁସାରେ କ୍ଷମତା ପରିବର୍ତ୍ତନ ପାଇଁ ଉପମୁଖ୍ୟମନ୍ତ୍ରୀ ଡି.କେ ଶିବକୁମାର ତାଙ୍କ ଜିଦରେ ଅଟଳ ଅଛନ୍ତି । କିନ୍ତୁ ମୁହଁ ଫିଟାଉନାହାନ୍ତି । ପରଦା ପଛରେ ରହି ଡି.କେ ଠିକ୍ ସମୟରେ ଠିକ୍ ଗୋଟି ଚାଳନା କରୁଥିବା ସ୍ପଷ୍ଟ ହେଉଛି ।

## ବୈଶିଙ୍ଗା ଲକ୍ଷ୍ମୀନାରାୟଣ ମନ୍ଦିରର ପ୍ରତିଷ୍ଠାତା ହରିହର ପାଢ଼ୀଙ୍କ ପରଲୋକ

ବୈଶିଙ୍ଗା , ୨୫/୧୧ (ନି.ପ୍ର): ବୈଶିଙ୍ଗା ବଜାର କେନ୍ଦୁଆ ପଞ୍ଚାୟତ ଅଧିନରେ ପ୍ରତିଷ୍ଠା ଲାଭ କରିଥିବା ଲକ୍ଷ୍ମୀନାରାୟଣ ମନ୍ଦିର ର ପ୍ରତିଷ୍ଠାତା ହରିହର ପାଢ଼ୀ ଆଜି ସନ୍ଧ୍ୟାରେ ୬୪ ବର୍ଷ ବୟସରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ବରଣ କରି ଥିବା ଜଣାଯାଇଛି । ବାଲେଶ୍ୱର ଜିଲ୍ଲାର ଓଡିଙ୍ଗ୍ ଗ୍ରାମରେ ଜନ୍ମ ଗ୍ରହଣ କରି ଥିବା ସ୍ୱର୍ଗତ ପାଢ଼ୀ ପ୍ରାୟ ୨୫ ବର୍ଷ ପୂର୍ବେ ବୈଶିଙ୍ଗା ରେ ଆସି ନିଜର ସିମେଣ୍ଟ ଗୋଦାମ କରିବା ସହିତ ସାଇକେଲ ଷ୍ଟୋର କରି ବ୍ୟବସାୟ ଚଳାଇଥିଲେ । କିଛି ବର୍ଷ ପରେ ବୈଶିଙ୍ଗା ବଜାର ମଧ୍ୟରେ କେନ୍ଦୁଆ ମୌଜାରେ ଏକ ମନ୍ଦିର ନିର୍ମାଣ କରିବା ପାଇଁ ମନସ୍ତ କରି ଅଞ୍ଚଳବାସୀ ଙ୍କ ସହଯୋଗ ଲୋଡିଥିଲେ । ବହୁଲୋକ ଙ୍କ ସହାୟତାରେ ଲକ୍ଷ୍ମୀନାରାୟଣ ମନ୍ଦିର ୨୦୧୨ ମସିହାରେ ପ୍ରତିଷ୍ଠା ଲାଭ କରିଥିଲା । ସ୍ୱର୍ଗତ ପାଢ଼ୀଙ୍କର ଦୁଇବର୍ଷ ପୂର୍ବେ ଏକ ମସ୍ତିଷ୍କ ଅପରେସନ ପରେ ସୁସ୍ଥ ହୋଇ ବୈଶିଙ୍ଗା ସ୍ଥିତ ନିଜ ଘରେ ରହୁଥିଲେ । ଚଳିତ ମାସ ୧୦/ ୧୨ ଦିନ ପୂର୍ବେ ଅସୁସ୍ଥତା କାରଣରୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ଆଜି ସନ୍ଧ୍ୟା ଘ:୫ ୩୦ ମିନିଟ୍ ସମୟରେ ତାଙ୍କର ମୃତ୍ୟୁ ଖବର ଶୁଣିବାକୁ ମିଳିଥିଲା । ଭୁବନେଶ୍ୱର ରୁ ତାଙ୍କ ର ମୃତଶରୀର କୁ ନେଇ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯିବ ବୋଲି ପରିବାର ସୁତ୍ରରୁ ସୂଚନା ମିଳିଛି । ତାଙ୍କର ଏକ ମାତ୍ର ପୁତ୍ର ଶୁଭମ ମୁଖାଗ୍ନି ଦେବେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି ।

## ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



ଭଦ୍ରକ, ୨୫/୧୧ (ନି.ପ୍ର): ରାଜ୍ୟ ଆଇନ୍‌ସେବା ପ୍ରାଧିକରଣ କଟକଙ୍କ ପ୍ରଦତ୍ତ କ୍ୟାଲେଣ୍ଡର ଅନୁଯାୟୀ ସଚେତନତା ଶିବିର କାର୍ଯ୍ୟକ୍ରମ ନିମିତ୍ତ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଭଦ୍ରକରେ ଆଇନ୍ ବିଭାଗର ଛାତ୍ରଛାତ୍ରୀଙ୍କ ସମେତ ଅନ୍ୟ ବିଭାଗର ଛାତ୍ରଛାତ୍ରୀମାନଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ସଚିବ ଶ୍ରୀ ପୁଣ୍ୟଶ୍ଳୋକ ରଥ ଏହି କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ। ସାମ୍ବିଧାନ ଗଠନ କାର୍ଯ୍ୟ ତଥା ଅଧିକାର ଏବଂ କର୍ତ୍ତବ୍ୟ ସଂପର୍କରେ ସମାଜରେ ତୃତୀୟ ଲିଙ୍ଗିଙ୍କର ଅଧିକାର ସଂପର୍କରେ ଏବଂ ମୁଖ୍ୟ ଆଭିମୁଖ୍ୟ ଯାହାକି ଯୌନ ଉତ୍ପୀଡ଼ନ ମହିଳାମାନଙ୍କ ଉପରେ ହେଉଥିବା ଅନ୍ୟାୟ ଓ ଅତ୍ୟାଚର ସମ୍ବନ୍ଧରେ ଆସିଥିବା ସମ୍ମାନନୀୟ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଆସିଥିବା ଅତିଥିମାନଙ୍କ ଭିତରେ ଶ୍ରୀ ଅଂଶୁମାନ ଦ୍ୱିବେଦୀ, ଅତିରିକ୍ତ ଆରକ୍ଷୀ ଅଧିକାରୀ (ଡ଼ି.ଆଇ.ବି),ଭଦ୍ରକ ଡ଼. ଦୁର୍ଗାଶଙ୍କର ଦାସ, ଅଧ୍ୟକ୍ଷ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ, ଶ୍ରୀ ବନମାଳୀ ଜେନା, ସଦସ୍ୟ, କିଶୋର ନ୍ୟାୟ ପରିଷଦ, ଭଦ୍ରକ, ଡ଼. ତାପସ କୁମାର ମହାନ୍ତି, ସହାୟକ ପ୍ରତିପକ୍ଷ ଓକିଲ, ନ୍ୟାୟ ରକ୍ଷକ, ଭଦ୍ରକ ତଥା ବରିଷ୍ଠ ଅଧ୍ୟାପକ, ଅଧ୍ୟାପିକା ଏବଂ କଲେଜର ଛାତ୍ରଛାତ୍ରୀ, ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର କର୍ମୀଗଣ ଏହି ସଚେତନତା କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ । ଶ୍ରୀ ଦ୍ୱିବେଦୀ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କୁ ଭଲ ମଣିଷ ତଥା ସମୟକୁ ଅପଚୟ ନକରି ନିଜ ନିଜର କେରିଅର୍ ପ୍ରତି ଦୃଷ୍ଟିଦେବାକୁ ନିଜ ବକ୍ତବ୍ୟ ମାଧ୍ୟମରେ ପ୍ରଦାନ କରିଥିଲେ । ଶ୍ରୀ ରଥ ମଧ୍ୟ ଛାତ୍ରଛାତ୍ରୀମାନଙ୍କୁ ନିଜ ବକ୍ତବ୍ୟ ମାଧ୍ୟମରେ କହିଥିଲେ ଏକ ଜନମଙ୍ଗଳ ରାଷ୍ଟ୍ର ନିର୍ମାଣ ପାଇଁ ଛାତ୍ରଛାତ୍ରୀ ହେଉଛନ୍ତି ମୁଖ୍ୟ ମାଧ୍ୟମ । ଛାତ୍ରଛାତ୍ରୀମାନଙ୍କ ଭୂମିକା ସମାଜ ସଂସ୍କାର ଦିଗରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ନାଲସା ଦେୟ ମୁକ୍ତ ନମ୍ବର ୧୫୧୦୦ ଯାହାକି ସମଗ୍ର ଦେଶରେ ମାଗଣା ଆଇନ୍ ସହାୟତା ପାଇଁ ଉଦ୍ଦିଷ୍ଟ ଶ୍ରୀ ରଥ ମଧ୍ୟ ଏହାର ପ୍ରଚାର ପ୍ରସାର ପାଇଁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସୂଚନା ଦେଇଥିଲେ । ପରିଶେଷରେ ଶ୍ରଦ୍ଧାଞ୍ଜଳି ରାଉତ ଅଧ୍ୟାପିକା ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଭଦ୍ରକ ସମସ୍ତ ଆଗନ୍ତୁକମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଚହଲାପଦା ଓ କମଳାଶୋଳରୁ ବ୍ୟାପକ ପୋଚ ଓ ଚୋରା ଦେଶି ମଦ ଜବତ



ବୈଶିଙ୍ଗା , ୨୫/୧୧ (ନି.ପ୍ର): ବେତନଟୀ ଅବକାରୀ ଥାନା ଅଧୀନରେ ବ୍ୟାପକ ଭାବେ ଚୋରା ଦେଶି ଓ ବିଦେଶୀ ତଥା ନକଲି ମଦର ବ୍ୟାପକ କାରବାର ଚାଲିଛି । ଅବକାରୀ ବିଭାଗ ନିକଟରେ ଚଢ଼ାଉ କରି ବ୍ୟାପକ ପରିମାଣର ପୋଚ ଓ ଦେଶି ରନ୍ଧାମଦ ଜବତ କରି ନଷ୍ଟ କରୁଛି ତଥାପି ଚୋରା ବ୍ୟବସାୟୀ ମାନେ କ୍ଷତି ସହିବାପରେ ମଧ୍ୟ ପୁଣି ସେହି ବ୍ୟବସାୟକୁ ଆପଣେଇ ନେଇଛନ୍ତି । ମଙ୍ଗଳବାର ବିଶେଷସୂତ୍ରରୁ ଖବର ପାଇ ଜିଲା ଅବକାରୀ ଅଧିକ୍ଷକ ପ୍ରଶାନ୍ତ କୁମାର କହଁର ବେତନଟୀ ଅବକାରୀ ଅଧିକାରୀଙ୍କୁ ଅବଗତ କରାଇଥିଲେ । ବେତନଟୀ ଅବକାରୀ ଅଧିକାରୀ ପ୍ରଦୀପ ବେହେରା ଖୁଣ୍ଟା ଅଧିକାରୀ କୃଷ୍ଣଚନ୍ଦ୍ର ସେଠୀ, ଉଦଳା ଏଏସଆଇ ଏସ ରବୀନ୍ଦ୍ର ରେଡିଙ୍କ ସମେତ ବିଭାଗୀୟ କର୍ମଚାରୀ ମାନଙ୍କ ସହିତ ବଡ଼ସାହି ଥାନା ଅଧୀନ ଚହଲାପଦା ନିକଟସ୍ଥ ଜଙ୍ଗଲରୁ ରନ୍ଧା ଚାଲିଥିବା ଦେଶିମଦ ସମେତ ୩୨୦ଲିଟର ଦେଶି ମଦ ଓ ମଦ ତିଆରି ନିମନ୍ତେ ପ୍ରସ୍ତୁତ ଥିବା ୩୨ଶହ କେଜି ପୋଚ ଜବତ କରିବା ସହ ନଷ୍ଟ କରିଥିଲେ । ସେହିପରି ବଡ଼ସାହି ଥାନା ଅଧୀନ କମଳାଶୋଳ ରେ ଚଢ଼ାଉ କରି ୪୨ଶହ କେଜି ପୋଚ ଓ ୪୭୦ଲିଟର ରନ୍ଧା ମଦ ଜବତ କରି ନଷ୍ଟ କରିଥିବା ଜଣାଯାଇଛି । ଏତଦ ବ୍ୟତିତ ଚୋରା ମଦ ପ୍ରସ୍ତୁତ ହେଉଥିବା ସରଞ୍ଜାମକୁ ମଧ୍ୟ ନଷ୍ଟ କରିଥିବା ଜଣାଯାଇଛି ।

### ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ୨୭ରୁ ବିଧାନସଭା ...

ସଂପ୍ରତି ରାଜ୍ୟରେ ବେଧଡ଼କ ବାଲି, ଲଘୁ ଖଣିଜପଦାର୍ଥ ଚୋରାଚାଲାଣ ହେଉଛି । ବାଲିଘାଟ ନିଲାମ ହେଉନି । ସରକାର ନିଲାମ ବନ୍ଦ କରି ଇ-ଲଟେରି କରିବାକୁ ନିଷ୍ପତ୍ତି ନେଇଛନ୍ତି। ତଥାପି ବିଜେଡି ଓ କଂଗ୍ରେସ ଏହି ପ୍ରସଙ୍ଗରେ ସରକାରଙ୍କୁ ଘେରୁଛନ୍ତି। ଏପରିକି ଶାସକ ଦଳର ବିଧାୟକ ଓ ସିଏମ୍‌ଓକୁ ମଧ୍ୟ ବିବାଦକୁ ଟାଣିଲେଣି। ଏଣୁ ବିଧାନସଭାରେ ଏ ପ୍ରସଙ୍ଗକୁ ନେଇ ଅବଶ୍ୟ ଚର୍ଚ୍ଚା କରିବେ, ଅଚଳାବସ୍ଥା ସୃଷ୍ଟି ହୋଇପାରେ । ସେହିଭଳି ଆଇନଶୃଙ୍ଖଳା ପରିସ୍ଥିତି ଗୃହରେ ଏକ ବଡ଼ ପ୍ରସଙ୍ଗ ହୋଇପାରେ । ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡ ମାମଲା, ଚୌଦ୍ୱାର ଜେଲ୍‌ରୁ ଅପରାଧୀ ଫେରାର ହେବା ଭଳି ପ୍ରସଙ୍ଗ ଉଠିବ। ପୁଲିସ ଏସ୍‌ଆଇ ନିଯୁକ୍ତି କେଲେଙ୍କାରୀ ପ୍ରସଙ୍ଗ ସହିତ ବିଜେପି ସରକାର ଅମଳରେ ବାରମ୍ବାର ନିଯୁକ୍ତି ପରୀକ୍ଷା ବାତିଲ ପ୍ରସଙ୍ଗ ନେଇ ବିରୋଧୀ ସରକାରଙ୍କୁ ଆକ୍ରାମାକ୍ରା କରିପାରନ୍ତି । ଏପଟେ ବିଜେପି ବି ଦମ୍ ଦେଖାଇବାକୁ ପ୍ରସ୍ତୁତ। ନୂଆପଡ଼ା ଉପନିର୍ବାଚନରେ ବିପୁଳ ବିଜୟ ପରେ ଶାସକ ଦଳ ବିଧାୟକମାନେ ପୂରା ଜୋସ୍‌ରେ ଅଛନ୍ତି। ବିରୋଧୀଙ୍କୁ ମୁହଁତୋଡ଼ ଜବାବ ଦେବାର କୌଣସି ସୁଯୋଗ ସେମାନେ ହାତଛଡ଼ା କରିବେନି। ବିଜେଡି ଓ କଂଗ୍ରେସ ସରକାର ସମୟରେ ବାଲିଘାଟକୁ ନେଇ କ'ଣ ଅନିୟମିତତା ହୋଇଛି, ତାହାକୁ ସେମାନେ ବାହାର କରି ପାଲଟା ଆକ୍ରମଣ କରିବାକୁ ସଜବାଜ ହେଉଛନ୍ତି । ସେହିଭଳି ବିଧାନସଭା ସମୟରେ ସିବିଆଇ ତନାଘନା ଓ ପୀତବାସ ମୃତ୍ୟୁ ଘଟଣାରେ ବିଜେଡି ନେତାଙ୍କ ସଂପୃକ୍ତି ପ୍ରସଙ୍ଗ ଉଠାଇ ବିରୋଧୀଙ୍କୁ ଜବାବ ଦେବାକୁ ପ୍ରସ୍ତୁତି ଚଳାଇଛନ୍ତି ।

## ରାମ ମନ୍ଦିରର ଶିଖରରେ...

ଏହି ଧର୍ମଧ୍ୱଜ କେବଳ ଏକ ପତାକା ନୁହେଁ; ଏହା ଭାରତୀୟ ସଭ୍ୟତାର ପୁନର୍ଜାଗରଣର ପତାକା। ଏହାର ଗେରୁଆ ରଙ୍ଗ, ଅକ୍ଷର ଓମ୍, ଯାହା ସୂର୍ଯ୍ୟବଂଶ ରାଜବଂଶର ମହିମାକୁ ସ୍ମରଣ କରେ, ଏବଂ ବୃକ୍ଷ, ରାମ ରାଜ୍ୟ ଗୌରବର ପ୍ରତୀକ। ଏହି ପତାକା ଏକ ସଂକଳ୍ପ, ଏହି ପତାକା ଏକ ସଫଳତା। ଏହି ପତାକା ସଂଘର୍ଷ ମାଧ୍ୟମରେ ସୃଷ୍ଟିର ଗାଥା। ଏହି ପତାକା ସନ୍ଥମାନଙ୍କ ଆଧାତ୍ମିକ ଅଭ୍ୟାସ ଏବଂ ସମାଜର ଅଂଶଗ୍ରହଣର ଅର୍ଥପୂର୍ଣ୍ଣ ପରିଣାମ। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, 'ଆସନ୍ତୁ ଆମେ ଏପରି ଏକ ସମାଜ ସୃଷ୍ଟି କରିବା ଯେଉଁଠାରେ ଦାରିଦ୍ର୍ୟ ନ ଥିବ, କେହି ଦୁଃଖୀ କିମ୍ବା ଅସହାୟ ନ ଥିବେ। ଯେଉଁମାନେ କୌଣସି କାରଣରୁ ମନ୍ଦିରକୁ ଆସି ଦୂରରୁ ମନ୍ଦିର ପତାକାକୁ ପ୍ରଣାମ କରିପାରୁ ନଥିବେ, ସେମାନେ ମଧ୍ୟ ସମାନ ପୁଣ୍ୟ ପାଆନ୍ତି। ଏହି ପତାକା ଦୂରରୁ ରାମ ଲଲ୍ଲାଙ୍କ ଜନ୍ମସ୍ଥାନର ଏକ ଝଲକ ପ୍ରଦାନ କରିବ। ଏହା ଆଗାମୀ ଯୁଗ ପାଇଁ ସମସ୍ତ ମାନବଜାତିକୁ ଶ୍ରୀ ରାମଙ୍କ ଆଦେଶ ଏବଂ ପ୍ରେରଣା ପ୍ରଦାନ କରିବ। ଏହି ଅନନ୍ୟ ଅବସରରେ ମୁଁ ବିଶ୍ୱର ଲକ୍ଷ ଲକ୍ଷ ରାମ ଭକ୍ତଙ୍କୁ ମୋର ଶୁଭକାମନା ଜଣାଉଛି।' ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, 'ରାମ ମନ୍ଦିର ନିର୍ମାଣରେ ଯୋଗଦାନ ଦେଇଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଧନ୍ୟବାଦ। ପ୍ରତ୍ୟେକ ଶ୍ରମିକ ଏବଂ ସ୍ଥପତିଙ୍କୁ ଅଭିନନ୍ଦନ। ଯେତେବେଳେ ଶ୍ରୀରାମ ଅଯୋଧ୍ୟାରୁ ବନବାସରେ ଯାଇଥିଲେ, ସେ ରାଜକୁମାର ରାମ ଥିଲେ; ଯେତେବେଳେ ସେ ଫେରିଥିଲେ, ସେ ମର୍ଯ୍ୟାଦା ପୁରୁଷୋତ୍ତମ ଭାବରେ ଫେରି ଆସିଥିଲେ।

## ମାଓବାଦୀଙ୍କୁ ଘାରିଲାଣି ...

ମାଡ଼ଭି ହିଡ଼ ମା ନିପାତ ହେବାପରେ ଏହି ଜୋନ୍‌ରେ ମାଓଗଡ଼ ଭୁଶୁଡ଼ିବାରେ ଲାଗିଛି । ଆତ୍ମସମର୍ପଣ କରିଥିବା ମାଓବାଦୀମାନେ କହିଛନ୍ତି ଯେ ସରକାରଙ୍କ ଲୋକାଭିମୁଖୀ ଯୋଜନା ଓ ନୀତିରେ ଉତ୍ସାହିତ ହୋଇ ଆତ୍ମସମର୍ପଣ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଆତ୍ମସମର୍ପଣ କରିଥିବା ମାଓବାଦୀମାନଙ୍କ ମଧ୍ୟରେ ୪ ପିଏଲ୍ ଜିଏ ସଦସ୍ୟ ମାଡଭି ସନ୍ନା, ତାଙ୍କ ପତ୍ନୀ ସୋଡି ହିଡ୍‌ମେ, ସୂର୍ଯ୍ୟମ ଓରଫ ରାଭା ସୋମା ଓ ତାଙ୍କ ପତ୍ନୀ ମାନ୍ନୀ ଓରଫ ମାଡ଼ଭି ଭିମେ ରହିଛନ୍ତି । ଏମାନଙ୍କ ମୁଣ୍ଡ ଉପରେ ୮ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ରାଶି ରହିଥିଲା । ଦୁଇଜଣ ଏରିଆ କମିଟି ସଦସ୍ୟଙ୍କ ମୁଣ୍ଡ ଉପରେ ଥିଲା ୫ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର । ଅନ୍ୟ ଜଣଙ୍କ ଉପରେ ୩ ଲକ୍ଷ, ଜଣଙ୍କ ଉପରେ ୨ ଲକ୍ଷ ଓ ଆଉ ଜଣଙ୍କ ମୁଣ୍ଡ ଉପରେ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ଥିଲା । ଏମାନେ ଅନେକ ମାଓ କାର୍ଯ୍ୟକଳାପରେ ଲିପ୍ତ ଥିଲେ । ଆତ୍ମସମର୍ପଣ ପରେ ସେମାନଙ୍କୁ ତୁରନ୍ତ ୫୦ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । ରାଜ୍ୟ ସରକାରଙ୍କ ଅଇଥାନ ନୀତି ଅନୁଯାୟୀ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ସରକାରଙ୍କ ପକ୍ଷରୁ ସବୁ ସହାୟତା ପ୍ରଦାନ କରାଯିବ ।

## ବିଜେଡିର ପଦ ଛାଡ଼ିଲେ...

ଦସ୍ତଖତରେ ନିଲମ୍ବନ ଆଦେଶ ହୋଇଥିଲା, ତାଙ୍କୁ ବି ଛାଡ଼ି ନଥିଲେ ଦେବାଶିଷ ସାମନ୍ତରାୟ। ଦେବାଶିଷ ସାମନ୍ତରାୟଙ୍କୁ ନିଲମ୍ବନ କଲେ କାଳେ ଦଳ ଭିତରେ ବିଭାଜନ ପ୍ରକ୍ରିୟା ଆରମ୍ଭ ହୋଇଯିବ, ବିଶେଷ କରି କଟକ ଓ ଜଗତସିଂପୁରରେ ବିଜେଡି ଭାଗ ଭାଗ ହୋଇଯିବ, ଦଳର ନୀତି ନିର୍ଦ୍ଧାରଣକାରୀ ଗୋଷ୍ଠୀ ଏଭଳି ଆଶଙ୍କା କରୁଥିବା କୁହାଯାଉଥିଲା। ସବୁଠାରୁ ବଡ଼ କଥା ହେଲା ଯେ ସେ ରାଜ୍ୟସଭା ସଦସ୍ୟ ଅଛନ୍ତି। ତାଙ୍କୁ ନିଲମ୍ବନ କରାଗଲେ ସେ କାଳେ ବିଜେପିକୁ ଚାଲିଯିବେ ସେଭଳି ଆଶଙ୍କାରେ ବି ଶଙ୍କାୟିତ ଶୀର୍ଷ ନେତୃତ୍ୱ। ଏଣୁ ଦେବାଶିଷ ସାମନ୍ତରାୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାର ସମ୍ଭାବନା କ୍ଷୀଣ। ଯଦିବା ସେଭଳି କିଛି ଘଟେ, ସେଥିରେ କିଛି ଆଶ୍ଚର୍ଯ୍ୟ ହେବାର ନାହିଁ। ବିଜେଡିରେ ଚର୍ଚ୍ଚା ହେଉଛି ଯେ ଶ୍ରୀମୟୀ ମିଶ୍ରଙ୍କୁ ସମର୍ଥନ କରି ବୟାନବାଜି କରିଥିବା ଓ ନବୀନ ପଟ୍ଟନାୟକ ବି ହାରିଛନ୍ତି ବୋଲି କହି ବିଜେଡିକୁ ଦୋହଲେଇ ଦେଇଥିବା ବରିଷ୍ଠ ନେତା ତଥା ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟଙ୍କୁ ନିଲମ୍ବନ କରିବ ତ ଦଳ ? ବିଜେଡି ନେତୃତ୍ୱର ଏହି ଦୁଃସାହସ ଦେଖାଇପାରିବେ କି ବୋଲି ପ୍ରଶ୍ନ ଉଠିଲାଣି। ଶ୍ରୀମୟୀ ମିଶ୍ର ତ କାହାରି ନାଆଁ ସିଧାସଳଖ ନେଇନଥିଲେ। ସେ କେବଳ ପରୋକ୍ଷ ଭାବେ ନିଜର ମନକଥା କହିଥିଲେ। ତାହା ଦଳର ନେତୃତ୍ୱଙ୍କୁ ଏତେ ବାଧିଲା ଯେ ଶ୍ରୀମୟୀଙ୍କୁ ଦଳରୁ ନିଲମ୍ବନ କରିଲେ। ହେଲେ ବିଜେଡିର ବରିଷ୍ଠ ନେତା ତଥା ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ତ ଗଣମାଧ୍ୟମକୁ ବାଇଟ୍ ଦେଇ ଯାହା କହିଛନ୍ତି, ତାହା ସମସ୍ତଙ୍କୁ ଜଣା।

## ବାଲିମାଫିଆଙ୍କ...

ବେତନଟୀ ପୁଲିସକୁ ହସ୍ତାନ୍ତର କରିଥିଲେ । ତେବେ ଏଥିରେ ପ୍ରତିଶୋଧ ପରାୟଣ ହୋଇ ପାଖାପାଖି ୧୫ଜଣ ବାଲିମାଫିଆ ସଂଗଠିତ ହେବାସହିତ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୬ଟା ସମୟରେ ତୁଳସୀଚଉରା ଢ଼ାବା ନିକଟରେ ତହସିଲଦାର ଏବଂ ଅନ୍ୟାନ୍ୟ କର୍ମଚାରୀ ମାନଙ୍କୁ ଅଟକାଇ ସଂଘବଦ୍ଧ ଆକ୍ରମଣ କରିବା ସହିତ ଦୁର୍ବ୍ୟବହାର କରିଥିଲେ । ବାଲିମାଫିଆଙ୍କ ଆକ୍ରମଣରେ ତହସିଲଦାରଙ୍କ ଗାଡିଚାଳକ ନିହାର ରଞ୍ଜନ ବିଶ୍ୱାଳଙ୍କର ମୁଣ୍ଡ ଫାଟି ଗୁରୁତର ଆହତ ହୋଇଥିବା ବେଳେ ତହସିଲଦାର ଚନ୍ଦ୍ରଜିତ ବେହେରା ମଧ୍ୟ ଆହତ ହୋଇଛନ୍ତି । ଏହି ସମୟରେ ତହସିଲଦାରଙ୍କ ସହିତ ଉପସ୍ଥିତ ଥିବା ରେଭିନ୍ୟୁ ସୁପରଭାଇଜର ହେମକାନ୍ତ ମହାନ୍ତ, ଯୁଗୁପୁରା ରାଜସ୍ୱ ନିରୀକ୍ଷକ ସଞ୍ଜୀବ ମହାନ୍ତ, ସତ୍ୟବ୍ରତ ନାୟକ ପ୍ରମୁଖଙ୍କୁ ମାଡିବସି ଦୁର୍ବ୍ୟବହାର କରିଥିଲେ । ଖବରପାଇ ବେତନଟୀ ପୁଲିସ ଟିମ ସଙ୍ଗେ ସଙ୍ଗେ ପହଞ୍ଚି ତହସିଲଦାର ଏବଂ ଆହତ ଚାଳକଙ୍କ ସମେତ ସମସ୍ତ କର୍ମଚାରୀ ମାନଙ୍କୁ ଉଦ୍ଧାର କରି ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଏନେଇ ବେତନଟୀ ତହସିଲଦାର ଚନ୍ଦ୍ରଜିତ ବେହେରା ବେତନଟୀ ଥାନାରେ ଏତଲା ଦାଏର କରିଥିବା ବେଳେ ବେତନଟୀ ପୋଲିସ ୪୧୭/୨୦୨୫ ନଂ ରେ ଏତଲା ଦାୟର କରିଛି । ବେତନଟୀ ଏସଡ଼ିପିଓ ମିନତୀ ବିଶ୍ୱାଳଙ୍କ ନେତୃତ୍ୱରେ ଆଇଆଇସି ସସ୍ମିତା ମହାନ୍ତଙ୍କ ସମେତ ଏକାଧିକ ଟିମ ବାଲି ମାଫିଆଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବର୍ତ୍ତନା ଗ୍ରାମର ପ୍ରଶାନ୍ତ ଗାଆଁଣ ଏବଂ ସୁଶାନ୍ତ ଗାଆଁଣ ଦୁଇଜଣଙ୍କୁ ଅଟକ ରଖିବା ସହ ଗୋଟିଏ ବାଇକ୍ ଜବତ କରିଛନ୍ତି । ଅନ୍ୟ ଅପରାଧୀ ମାନଙ୍କୁ ଧରିବା ପାଇଁ ବେତନଟୀ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଆରମ୍ଭ କରାଯାଇଛି ।

## ବନବିଭାଗ ପକ୍ଷରୁ ଚଢାଉ: ଜାଳକାଠ ବୋଝେଇ ପିକଅପ ଭ୍ୟାନ ଜବତ



ବେତନଟୀ,୨୫/୧୧(ନି.ପ୍ର): ବେତନଟୀ ବନବିଭାଗ ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନରେ ବଡସାହି ଥାନା ଦୁର୍ଗାପୁର ପଞ୍ଚାୟତ ଅଧୀନ ଗୋବରାଶୋଳ ଠାରେ ଚଢାଉକରି ଅଳ୍ପକିଛି ଜାଳକାଠ ବୋଝେଇ ହୋଇଥିବା ପିକଅପଭ୍ୟାନକୁ ଜବତ କରିଛି ବନବିଭାଗ । ବେତନଟୀ ବନପାଳ ଲକ୍ଷ୍ମୀ ମହାପାତ୍ର ମଙ୍ଗଳବାର ସକାଳେ ପେଟ୍ରୋଲିଂ କରୁଥିବା ସମୟରେ ଅଳ୍ପ କିଛି ଜାଳକାଠ ବୋଝେଇକରି ଯାଉଥବା ଓଆର- ୧୧ଜି-୪୪୫୫ ନମ୍ବର ବିଶିଷ୍ଟ ପିକଅପଭ୍ୟାନକୁ ଜବତକରି ଥାନାକୁ ଆଣିଥିଲେ । ଚାଳକ ଜଣକ ଘଟଣା ସ୍ଥଳରେ ଗାଡିଛାଡି ପଳାଇ ଯାଇଥିବା ବେଳେ ବନବିଭାଗ ଜବତ ପିକଅପଭ୍ୟାନକୁ ବେତନଟୀ ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଛି । ଜାଳେଣି କାଠ ବୋଝେଇ ପିକଅପଭ୍ୟାନ ଜବତ ଘଟଣାରେ ବନବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଥିବା ନେଇ ବେତନଟୀ ରେଞ୍ଜ ଦାୟୀତ୍ୱରେ ରହିଥିବା ଡେପୁଟି ରେଞ୍ଜର ଧ୍ରୁବେନ୍ଦ୍ରନାଥ ନାୟକ ସୂଚନା ଦେଇଛନ୍ତି ।

# ରାସ୍ତାରେ ଛିଡା ହୋଇଥିବା ଟ୍ରକକୁ ପଛପଟୁ ଧକ୍କା ଦେଲା ଆଉ ଏକ ଟ୍ରକ

ବେତନଟୀ,୨୫/୧୧(ନି.ପ୍ର) : ୧୮ନଂ ଜାତୀୟରାଜପଥ ବେତନଟୀ ଉପକଣ୍ଠ ପୁରୁଣାପାଣି ଠାରେ ରାସ୍ତାରେ ଛିଡା ହୋଇଥିବା କେମିକାଲ ବୋଝେଇ ଟ୍ରକକୁ ପଛପଟୁ ଦ୍ରୁତଗତିରେ ଆସୁଥିବା ଏକ ଆଳୁବୋଝେଇ ଟ୍ରକ ଧକ୍କା ଦେବାରୁ କେମିକାଲ ବୋଝେଇ ଟ୍ରକ ରାସ୍ତା ତଳକୁ ଖସି ଓଲଟି ପଡ଼ିଥିବା ବେଳେ ଆଳୁବୋଝେଇ ଟ୍ରକ ମଧ ଚୁରମାର ହୋଇଯାଇଥିବା ବେଳେ ମଙ୍ଗଳବାର ସକାଳ ୯ଟା ସମୟରେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କଲା ବେତନଟୀ ପୁଲିସ । ସୂଚନା ମୁତାବକ ମହାରାଷ୍ଟ୍ର ନନ୍ଦଗାଓଁ ଅଞ୍ଚଳର ସାଜିଦ ଶେଖ ନାମକ ଟ୍ରକଚାଳକ ଏମଏଚ - ୧୮ବିଜି -୮୦୭୪ ନମ୍ବର ବିଶିଷ୍ଟ ଟ୍ରକଯୋଗେ ଝାଡ଼ଖଣ୍ଡର ମୁରୀ ଇଲାକାରୁ କେମିକାଲ ବୋଝେଇକରି ଗୁଜୁରାଟ ଯାଉଥିବା ବେଳେ କୌଣସି କାରଣରୁ ପୁରୁଣାପାଣି ଠାରେ ୧୮ନଂ ଜାତୀୟରାଜପଥ ପାର୍ଶ୍ୱରେ ଟ୍ରକ ଅଟକାଇ ଥିଲେ । ସେହି ସମୟରେ ବାଲେଶ୍ୱର ଜିଲ୍ଲା ସୋର ଉପକଣ୍ଠ ଛତ୍ରପୁର ଅଡଙ୍ଗବଜାର ଅଞ୍ଚଳର ସାରାଜୁଦ୍ଦିନ ଖାନଙ୍କ ପୁଅ ଅବଦୁଲ ସାକୁର ଖାନଙ୍କ ଓଡି - ୩୪ଏମ - ୭୨୧୭ ନମ୍ବର ବିଶିଷ୍ଟ ଟ୍ରକରେ ଆଳୁ ବୋଝେଇ କରି ଭଦ୍ରକ ଅଞ୍ଚଳର ଶେଖ ମୁରସିଦ ନାମକ ଚାଳକ ପଶ୍ଚିମବଙ୍ଗରୁ ସୋର ଅଭିମୁଖେ ଆସୁଥିବା ସମୟରେ କେମିକାଲ ବୋଝେଇ ଟ୍ରକ ପଛରେ ଧକ୍କା ଦେଇଥିଲା । ଦୁର୍ଘଟଣା ଏତେ ଶକ୍ତିଶାଳୀ ଥିଲା ଯେ ଆଳୁ ବୋଝେଇ ଟ୍ରକର ସମ୍ମୁଖଭାଗ ଭାଙ୍ଗି ଚୁରମାର ହୋଇଯାଇଥିବା ବେଳେ କେମିକାଲ ବୋଝେଇ ଟ୍ରକ ରାସ୍ତା ତଳକୁ ଖସିପଡି ଓଲଟି ପଡ଼ିଥିଲା । ଦୁର୍ଘଟଣାରେ ଆହତ ଚାଳକ ଏବଂ ଖଲାସୀଙ୍କୁ ଉଦ୍ଧାରକରି ସ୍ଥାନୀୟଲୋକେ ବେତନଟୀ ଡାକ୍ତରଖାନା ନେଇଥିବା ବେଳେ ଖବରପାଇ ବେତନଟୀ ପୁଲିସ ଏବଂ ଜାତୀୟ ରାଜପଥ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି ।

# ଭଗବାନ ସତ୍ୟସାଇ ବାବାଙ୍କର ଏକଶହତମ ଜୟନ୍ତୀ ପାଳିତ

ଉଦଳା, ୨୫/୧୧ (ନି.ପ୍ର): ଉଦଳାସ୍ଥିତ ସାଇସାଧନା ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଚଳିତ ନଭେମ୍ବର ୨୩ ତାରିଖ ରବିବାର ଦିନ ଭଗବାନ ସତ୍ୟସାଇ ବାବାଙ୍କର ଏକ ଶହ ତମ ଜୟନ୍ତି ପାଳିତ ହୋଇ ଯାଇଛି । ଏହି ଅବସରରେ ଦିବସ ବ୍ୟାପି ମହାବିଦ୍ୟାଳୟ ପରିସରରେ ଭଜନ, କିର୍ତନ, ଶୋଭାଯାତ୍ରା, ବେଦପାଠ, ଘୃତ ଯଜ୍ଞ, ପ୍ରଦୀପ ପ୍ରଜ୍ୱଳନ ଓ ଆଲୋଚନା ଚକ୍ରର ପର୍ବ ଅନୁଷ୍ଠିତ ହୋଇଥିଲା । ଉକ୍ତ ସମସ୍ତ କାର୍ଯ୍ୟକ୍ରମ ମହାବିଦ୍ୟାଳୟର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବିନ୍ଧାଣିଙ୍କ ଅଧକ୍ଷତାରେ ପରିଚାଳିତ ହୋଇଥିଲା । ପ୍ରଭାତରେ ଭଜନ, କିର୍ତନ ସହ ଏକ ଶୋଭାଯାତ୍ରା ମହାବିଦ୍ୟାଳୟରୁ ବାହାରି ଉଦଳା ସହର ପରିକ୍ରମା କରିଥିଲା । ଏହାପରେ ମହାବିଦ୍ୟାଳୟ ପରିସରରେ ବେଦପାଠ ସହିତ ଘୃତ ଯଜ୍ଞର ପର୍ବ ଅନୁଷ୍ଠିତ ହୋଇଥିଲା । ଯଜ୍ଞର ପୁରୋଧା ଭାବରେ ସୁରେନ୍ଦ୍ରନାଥ ପରିଛା ଦାୟିତ୍ୱ ତୁଲାଇଥିବା ବେଳେ ମମତା ପରିଛା, ପ୍ରଭାତ କୁମାର ସାହୁ ଓ



ନନ୍ଦିନି ମହାନ୍ତି ଆହୁତି ପ୍ରଦାନ କରିଥିଲେ । ପରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମହାବିଦ୍ୟାଳୟର ଅଧକ୍ଷ ପ୍ରିୟବ୍ରତ ବେହେରା ମଂଚ ପରିଚାଳନା ଦାୟିତ୍ୱ ତୁଲାଇଥିବା ବେଳେ ଅଧାପକ ଚିନ୍ମୟ କୁମାର ଗିରି, ଜ୍ଞାନ ରଂଜନ ଦାଶ, ତାପସ କୁମାର ମହାନ୍ତି, ଅଧାପିକା ହିରଣ୍ୟମୟୀ ହେମ୍ବ୍ରମ, କବିତା ସାହୁ, ଦେବକି ବାରିକ, ପ୍ରିୟଙ୍କା ବିଶ୍ୱାଳ ଓ ଗିତିକା ବେହେରା ଅଂଶ ଗ୍ରହଣ କରି ସେବା ଦ୍ୱାରା ହିଁ କିପରି ସ୍ୱର୍ଗର ସୁଖ ଅନୁଭୁତ ହୋଇଥାଏ, ଯାହାକି ଭଗବାନ ସତ୍ୟସାଇ ବାବାଙ୍କ ଜୀବନଦର୍ଶନରେ ସ୍ପଷ୍ଟ ଦୃଶ୍ୟମାନ ହେଉଛି ବିସ୍ତୃତ ବର୍ଣ୍ଣନା କରିଥିଲେ । ସନ୍ଧ୍ୟାରେ ଶହେ ଗୋଟି ଦୀପ ପ୍ରଜ୍ୱଳନ କରାଯିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଏହିପରି ଦିବସ ବ୍ୟାପି ଚାଲିଥିବା ଜୟନ୍ତି ଉତ୍ସବର ଯବନିକା ପଡ଼ିଥିଲା । କାର୍ଯ୍ୟକ୍ରମକୁ ସଫଳ କରିବାରେ ସୁକାନ୍ତ କୁମାର ବିନ୍ଧାଣି ଓ ପ୍ରଭାସିନି ବିନ୍ଧାଣି ସହଯୋଗ କରିଥିଲେ ।

## ବଦ୍ରି ବିଶାଳର ଦ୍ୱାର ଶୀତକାଳ ପାଇଁ ଆଜି ହେବ ବନ୍ଦ

ନୂଆଦିଲ୍ଲୀ,୨୫/୧୧ : ବିଶ୍ୱ-ପ୍ରସିଦ୍ଧ ବଦ୍ରୀନାଥ ଧାମର କପାଟ ଆଜି ଶୁଭ ମୁହୂର୍ତ୍ତରେ ଅପରାହ୍ନ ୨ଟା ୫୬ ମିନିଟରେ ଶୀତକାଳ ପାଇଁ ବନ୍ଦ କରାଯିବ। ମାନ୍ୟତା ଅନୁସାରେ ଛଅ ମାସ ମନୁଷ୍ୟ ଓ ଛଅ ମାସ ଦେବତାମାନେ ଭଗବାନ ବଦ୍ରୀନାଥଙ୍କ ପୂଜା କରନ୍ତି।
ଆଜି ସମ୍ପୂର୍ଣ୍ଣ ବିଧି-ବିଧାନ ଓ ଅଖଣ୍ଡ ଦୀପକର ପ୍ରକାଶରେ ମା ଲକ୍ଷ୍ମୀ ଓ ଭଗବାନ ବଦ୍ରୀନାଥଙ୍କୁ ଘୃତ କମ୍ବଳ ଓଢ଼ାଇ କପାଟ ବନ୍ଦ କରାଯିବ। କପାଟ ବନ୍ଦ ହେବାକୁ ଥିବାରୁ ମନ୍ଦିରକୁ ଫୁଲରେ ସଜାଯାଇଛି। ସକାଳୁ ହିଁ ବହୁ ସଂଖ୍ୟାରେ ଭକ୍ତମାନେ ପହଁଚୁଛନ୍ତି। ଗଢ଼ୱାଲ ରାଇଫଲ୍‌ସର ବ୍ୟାଣ୍ଡ ସଙ୍ଗୀତ ସହିତ ସକାଳରୁ ହିଁ କପାଟ ବନ୍ଦ କରିବାର ପରମ୍ପରା ଆରମ୍ଭ ହୋଇଯାଇଛି। ବିଶେଷ ଶୃଙ୍ଗାର ସହିତ ଭଗବାନଙ୍କୁ ବିଭିନ୍ନ ପ୍ରକାରର ଭୋଗ ଅର୍ପଣ କରାଯାଉଛି। ଉଲ୍ଲେଖନୀୟ ଯେ, ଏହି ବର୍ଷ ୧୬ ଲକ୍ଷ ୬୦ ହଜାର ଭକ୍ତମାନେ ଭଗବାନ ବଦ୍ରୀ ବିଶାଳଙ୍କ ଦର୍ଶନ କରିଛନ୍ତି।

# ବାରିପଦା ତହସିଲ ଅଧିନସ୍ଥ ଆର.ଆଇ. -୧ ଏବଂ ଆରଆଇ -୨ର ନୂତନ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟିତ

ବାରିପଦା, ୨୫/୧୧ (ନି.ପ୍ର): ବାରିପଦା ସ୍ଥିତ ବାଘରା ରୋଡ଼ ନିକଟରେ ବାରିପଦା ରାଜସ୍ୱ ନିରୀକ୍ଷକ-୧ ଏବଂ ୨ର ନୂତନ ଭାବେ ନିର୍ମିତ ହୋଇଥିବା ଦୁଇଟି କାର୍ଯ୍ୟାଳୟ ଗୃହ ମାନ୍ୟବର ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ବିଭାଗ, ଡ଼. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ କରକମଳରେ ଉଦଘାଟିତ ହୋଇ ଯାଇଛି । ଉକ୍ତ ଉଦଘାଟନୀ କାର୍ଯ୍ୟକ୍ରମରେ ମାନ୍ୟବର ବିଧାୟକ ବାରିପଦା ଶ୍ରୀ ପ୍ରକାଶ ସୋରେନ ଯୋଗଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଶ୍ରୀ କାନ୍ଦ୍ରା ସୋରେନ, ବିଜେପି ଜିଲ୍ଲା ସଭାପତି ଶ୍ରୀ ନିହାର ମୋଦୀ, ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା, ବାରିପଦା ତହସିଲଦାର, ଶ୍ରୀ ସପନ କୁମାର ସାହୁ, ମନ୍ତ୍ରୀଙ୍କ ସଚିବ ଶ୍ରୀ ରାମ ଚନ୍ଦ୍ର ସୋରେନ,ଅତିରିକ୍ତ ତହସିଲଦାର ଶ୍ରୀ ଶ୍ରୀକାନ୍ତ ନାୟକ,




ଶ୍ରୀ ଭରତ ଚନ୍ଦ୍ର ପାତ୍ର, ରାଜସ୍ୱ ନିରୀକ୍ଷକଙ୍କ ସମେତ ବାରିପଦା ତହସିଲ ଓ ଆର ଆଇ ଅଫିସର ସମସ୍ତ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମାନ୍ୟବର ମନ୍ତ୍ରୀ କହିଥିଲେ ଯେ ବର୍ତମାନ ବିଭିନ୍ନ ପୁରାତନ କାର୍ଯ୍ୟାଳୟ ଗୃହ ଗୁଡିକୁ ନୂତନ ଭାବେ ନିର୍ମାଣ ସହିତ କାର୍ଯ୍ୟାଳୟର ଅନ୍ୟାନ୍ୟ ଆନୁଷଙ୍ଗିକ ଆବଶ୍ୟକତା ଗୁଡିକର ବ୍ୟବସ୍ଥା କରାଯାଉଛି । ଏହି ଦୁଇଟି କାର୍ଯ୍ୟାଳୟରେ ଉପର ମହଲାରେ ରାଜସ୍ୱ ନିରୀକ୍ଷକଙ୍କ ଆବାସିକ ବ୍ୟବସ୍ଥା ହୋଇଛି ଯାହା ଫଳରେ ଲୋକମାନଙ୍କ ପାଇଁ ଆର ଆଇଙ୍କ ଉପସ୍ଥିତିରେ ସୁବିଧା ହେବା ସହିତ ତ୍ୱରିତ ପ୍ରକ୍ରିୟାରେ ବିଭିନ୍ନ କାର୍ଯ୍ୟ ସମ୍ପନ୍ନ ହୋଇ ପାରିବ। ଆଜି ଠାରୁ ଏହି ନୂତନ ଗୃହରେ ଏହି ଦୁଇଟି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ କାର୍ଯ୍ୟ କରିବ। ଏହା ପୂର୍ବରୁ ନିର୍ମାଣ କାର୍ଯ୍ୟ ପାଇଁ ବାରିପଦା ତହସିଲ କାର୍ଯ୍ୟାଳୟରେ ଏହି ଦୁଇଟି ଅଫିସ ଅସ୍ଥାୟୀ ଭାବେ କାର୍ଯ୍ୟ କରି ଆସୁଥିଲା।

# ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ

ବସ୍ତା , ୨୫/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା, ବସ୍ତା ବ୍ଲକ ଅନ୍ତର୍ଗତ ନଟାକଟା ପଞ୍ଚାୟତ ସ୍ଥିତ ଅମର୍ଦାରୋଡ ସିଦ୍ଧେଶ୍ୱର ଉଚ୍ଚବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ବୈଜ୍ଞାନିକ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି।ଛାତ୍ରଛାତ୍ରୀ ମାନେ ୧୫୦ ପ୍ରୋଜେକ୍ଟ ଉପସ୍ଥାପନା କରିଥିଲେ। ଏହି ଅବସରରେ ବସ୍ତା ଗୋଷ୍ଠୀ ଶିକ୍ଷାଧିକାରୀ ଯଜ୍ଞେଶ୍ୱର ଜେନାଙ୍କ ଅଧକ୍ଷତା କରିବା ସହିତ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅନୁଷ୍ଠିତ ସଭା କାର୍ଯ୍ୟରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପଚନ୍ଦ୍ର ଷଡଙ୍ଗୀ,ମୁଖ୍ୟବକ୍ତା ଭାବେ ବୈଜ୍ଞାନିକ ଡି. ଆର.ଡି.ଓ ଡ:ପ୍ରଭାକର ମଲ୍ଲିକ, ବିଶିଷ୍ଟ ଅତିଥି ଭାବେ ବସ୍ତା ବିଧାୟକ ସୁବାସିନି ଜେନା, ସମ୍ମାନିତ ଅତିଥି ଭାବେ ଜିଲ୍ଲା




ବିଜେପି ସଭାପତି ପ୍ରଦୀପ କୁମାର ପଣ୍ଡା,ବାଲେଶ୍ୱର ଜିଲ୍ଲା ଶିକ୍ଷାଧିକାରୀ ବସନ୍ତ କୁମାର ନାୟକ,ବସ୍ତା ପଞ୍ଚାୟତ ସମିତି ଉପାଧକ୍ଷ ଦିଲ୍ଲୀପ କୁମାର ଦାସମହାପାତ୍ର, ବାଲେ ଶ୍ୱର ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ହରେନ୍ଦ୍ର ମହାନ୍ତ, ପ୍ରକୃତୀବନ୍ଧୁ ତଥା ପରିବେଶବିତ ସୁମନ୍ତ କୁମାର ଜେନା, ନଟାକଟା ପଞ୍ଚାୟତ ସରପଞ୍ଚ ବନ୍ଦନା ସେଠୀପ୍ରଧାନ ଶିକ୍ଷକ ରାଜେଶ କୁମାର ସେଠୀ, ପରିଚାଳନା କମିଟି ସଭାପତି ଶୁଭ୍ରାଂଶୁ ଶେଖର ପଣ୍ଡା, ବ୍ଲକ ବିଜ୍ଞାନ ସଂଯୋଜକ ସନ୍ତୋଷ କୁମାର ସାହୁ,ସି ଆର ସି ସି ଗଣେଶ ଚନ୍ଦ୍ର ଜେନା,ବିଚାରକ ଭାବେ ଶିକ୍ଷକ ସୌଭାଗ୍ୟ ଦେ,ସଞ୍ଜୀବ କୁମାର ପରିଡ଼ା,ସଞ୍ଜୀବ କୁମାର ଜେନା ପ୍ରମୁଖ ଯୋଗଦେଇ ଆଧୁନିକ ବିଜ୍ଞାନର ଆବଶ୍ୟକତା ଉପରେ ଆଲୋକପାତ କରିବା ସହ କୁନି ବୈଜ୍ଞାନିକ ମାନଙ୍କୁ ଉତ୍ସାହିତ କରିଥିଲେ।ପ୍ରଦର୍ଶନୀରେ ଅଂଶ ଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ବାଲ ବୈଜ୍ଞାନିକଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ମଞ୍ଚ ଆହ୍ୱାନ ଶିକ୍ଷକ ଶିବଶଙ୍କର ଜେନା କରିଥିବା ବେଳେ ଶିକ୍ଷକ ପରମାନନ୍ଦ ନାୟକ, ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଆସନ୍ତା ୭ଦିନ ପର୍ଯ୍ୟନ୍ତ ରାଜ୍ୟକୁ ନାହିଁ ବର୍ଷା ଭୟ

ଭୁବନେଶ୍ୱର, ୨୫/୧୧ (ନି.ପ୍ର): ଆସନ୍ତା ୭ଦିନ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଭୟ ନାହିଁ ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି ଏହି ସୂଚନା ଦେଇଛନ୍ତି। ଦକ୍ଷିଣ ଆଣ୍ଡାମାନ ସାଗରରେ ସ୍ପଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ର ଅବପାତରେ ପରିଣତ ହୋଇଛି। ଆଗାମୀ ୨୪ ଘଂଟାରେ ଏହା ଗଭୀର ଅବପାତରେ ପରିଣତ ହେବ। ପଶ୍ଚିମ ଉତର ପଶ୍ଚିମ ଆଡକୁ ଗତିକରି ୨୪ଘଂଟାରେ ବାତ୍ୟାର ପରିଣତ ହେବ। ଓଡିଶା ଉପରେ ଏହାର ସିଧା ସଳଖ ପ୍ରଭାବ ରହିବ ନାହିଁ। ତାପମାତ୍ରାରେ ମଧ ଆଗାମୀ ୪୮ ଘଂଟା କୌଣସି ପରିବର୍ତନ ହେବନି।

# ସେବା ସମବାୟ ସମିତି ପାଲଟିଛି ଦୁର୍ନୀତିର ଗନ୍ତାଘର: ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କଲେ ଚାଷୀ

ଜଳେଶ୍ୱର, ୨୫/୧୧ (ନି.ପ୍ର): ଜଳେଶ୍ୱର ପୌରପାଳିକାର ଅଲାଲପୁର ଠାରେ ଥିବା ସେବା ସମବାୟ ସମିତିର ଆକାଉଣ୍ଟାଣ୍ଟ ନିଯୁକ୍ତିରେ ପ୍ରଚାର ପ୍ରସାର କରାଯାଇ ୫ ସହ ଟଙ୍କା ଲେଖାଏଁ ନେଇ ଫର୍ମ ବିକ୍ରୀ କରାଯାଇ ଥିଲା।କିନ୍ତୁ କୌଣସି ସାକ୍ଷାତକାର ନ କରି ମୋଟା ଅଙ୍କର ଟଙ୍କା ନେଇ ନିଯୁକ୍ତି ଦିଆଯାଇଛି।ଚାଷୀଙ୍କ ଠାରୁ ରବି ଏବଂ ଖରିଫ ଧାନ କ୍ରୟ ସମୟରେ ପକ୍ଷପାତିତା କରି କାହାଠାରୁ ଶହେ ପ୍ରତିଶତ, କାହାଠୁ ଦଶ ପ୍ରତିଶତ, କାହାଠାରୁ ଚାଳିଶ ପ୍ରତିଶତ ଧାନ କ୍ରୟ କରୁଛନ୍ତି।ସମିତିର ସଭ୍ୟ ମାନେ କୌଣସି ଦୁର୍ନୀତି ସମନ୍ଧରେ ଜାଣିବା ପାଇଁ ସୂଚନା ଆଇନ୍ ଅଧିକାର ବଳ ରେ ସୂଚନା ମାଗିଲେ ତଥ୍ୟ ପ୍ରଦାନ ନ କରିବା, ସମବାୟ ସମିତିର ସମ୍ପାଦକ ସ୍ଥାନୀୟ ଲୋକ ହୋଇ ଥିବାରୁ ପ୍ରଭାବ ଶାଳୀ ଲୋକଙ୍କ କଥାରେ ପଡ଼ି ଦୁର୍ନୀତିକୁ ପ୍ରଶ୍ରୟ ଦେବା ନେଇ ଜିଲ୍ଲାଙ୍କ ଯୁଗ୍ମ ଜନଶୁଣାଣିରେ ଏକ ଲିଖିତ ଅଭିଯୋଗ କରିଛନ୍ତି ଚାଷୀ ଲକ୍ଷ୍ମୀକାନ୍ତ ଦାସ,ଜିବନ ପରିଡା,ଗଣେଶ ଚନ୍ଦ୍ର ଭୂୟାଁ,ଶିଶିର କୁମାର ହୁଇ,ଦୀପ୍ତିମାନ ଆଚାର୍ଯ୍ୟ ପ୍ରମୁଖ।ତେବେ ଏ ସମ୍ପର୍କରେ ସେବା ସମବାୟ ସମିତି ର ସଂପାଦକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଏହା ସମ୍ପୂର୍ଣ୍ଣ ମିଥ୍ୟା ତଥା କଳ୍ପ କଳ୍ପିତ ଅଭିଯୋଗ।

ନବମ ଶ୍ରାଦ୍ଧବାର୍ଷିକୀ



ଏ ସନାତନ ମଲ୍ଲିକ
ନୁଦଡ଼ିହା, ମୟୂରଭଞ୍ଜ
ଆବିର୍ଭାବ : ୦୩.୦୩.୧୯୩୪
ତିରୋଧାନ : ୨୬.୧୧.୨୦୧୬
ଆପଣଙ୍କ ଅମର ଆତ୍ମା ପରମାତ୍ମାଙ୍କ ଚରଣାଶ୍ରିତ ହୋଇ ଚିରଶାନ୍ତି ଲାଭକରୁ। ଏତିକି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ଆତ୍ମୀୟସ୍ୱଜନ ଓ ପରିବାରବର୍ଗ

## ରାଜ୍ୟରେ ବାଘ ସଂଖ୍ୟା ୩୨କୁ ବୃଦ୍ଧି

ଭୁବନେଶ୍ୱର, ୨୫/୧୧ (ନି.ପ୍ର): ରାଜ୍ୟରେ ବାଘ ସଂଖ୍ୟା ବୃଦ୍ଧି ପାଇଛି। ଗତବର୍ଷ ୨୭ଟି ବାଘ ଥିବାବେଳେ ଚଳିତ ବର୍ଷ ବାଘ ସଂଖ୍ୟା ୩୨ରେ ପହଂଚିଛି। ସେଥିମଧ୍ୟରେ ୯ଟି ଛୋଟ ବାଘଛୁଆ ଥିବା ୨ମାସ ତଳେ ହୋଇଥିବା ସର୍ଭେରୁ ଜଣାପଡିଛି। ପ୍ରଧାନ ବନ୍ୟ ସଂରକ୍ଷକ ପ୍ରେମ କୁମାର ଝା ଏହି ସୂଚନା ଦେଇଛନ୍ତି।

# ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା

ଭଦ୍ରକ, ୨୫/୧୧ (ନି.ପ୍ର): ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ପରିସରରେ ବିଦ୍ୱତ୍ ପରିଷଦ ଦ୍ୱାରା ଆୟୋଜିତ ରାଷ୍ଟ୍ରୀୟ କାର୍ଯ୍ୟକ୍ରମରେ ବିଶ୍ୱ ସଂସ୍କୃତ ସଙ୍ଗଠନ, ପୋଲାଣ୍ଡର କେନ୍ଦ୍ରୀୟ ସଭାପତି ଓ ଲୋକଭାଷା ପ୍ରଚାର ସମିତିର ରାଷ୍ଟ୍ରୀୟ ଅଧକ୍ଷ ଡ଼ା ସଦାନନ୍ଦ ଦୀକ୍ଷିତ ସଂସ୍କୃତ ଶାରଦା ଉପାଧି ରେ ବିଭୂଷିତ ହୋଇଛନ୍ତି । ବିଦ୍ୱତ୍‌ପରିଷଦର ରଜତ ଜୟନ୍ତୀ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିହାରର ରାଜ୍ୟପାଳ ବିଦ୍ୱାନ ଶ୍ରୀ ଅରିଫ ମୋହମ୍ମଦ ଖାଁ ଯୋଗଦେଇ ବେଦାନ୍ତ ଦର୍ଶନ ଉପରେ ଦୀକ୍ଷାନ୍ତ ଭାଷଣ ଦେଇ ଭାରତୀୟ ଜ୍ଞାନ ପରମ୍ପରା ର ସୁରକ୍ଷା ପାଇଁ ବିଦ୍ୱାନ ସମାଜକୁ ପରାମର୍ଶ




ଦେଇଥିଲେ। ପରିଷଦର ଅଧକ୍ଷ ହିନ୍ଦୁ ବିଶ୍ୱବିଦ୍ୟାଳୟ ର ଡିନ ପ୍ର. ଜୟଶଙ୍କରଲାଲ ତ୍ରିପାଠୀ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ପ୍ରାନ୍ତରୁ ପାଞ୍ଚ ଶତାଧିକ ବିଦ୍ୱାନ ତଥା ନେପାଳ ର ପୂଜ୍ୟ ଶଙ୍କରାଚାର୍ଯ୍ୟ ସ୍ୱାମୀ ହେମାନନ୍ଦ ଗିରି ଓ ନିମ୍ବାର୍କ ଆଚାର୍ଯ୍ୟ ଶ୍ରୀ ପଦ୍ମନାଭ ଶରଣଦେବ ମହାରାଜ, ପୂର୍ବ କେନ୍ଦ୍ରୀୟ ଶିକ୍ଷା ମନ୍ତ୍ରୀ ଡ଼ା. ମହେନ୍ଦ୍ର ନାଥ ପାଣ୍ଡେୟ ଯୋଗ ଦେଇ ଭାରତୀୟ ସଂସ୍କୃତ ସଂସ୍କୃତି ଓ ସନାତନ ଧର୍ମର ସୁରକ୍ଷା ଓ ପ୍ରସାର ନିମିତ୍ତ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିଥିଲେ। ମହାସଚିବ ଡ଼ କାମେଶ୍ୱର ଉପାଧ୍ୟାୟ ସଭା ସଂଚାଳନ କରିଥିଲେ ଏବଂ ପ୍ର. ରାମପୂଜନ ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ ।

# ସରକାରୀ ଯୋଜନାରେ ପକ୍ଷପାତିତା ଓ ଅନିୟମିତତା: ବିଡିଓଙ୍କୁ ଭେଟି ନିରପେକ୍ଷତା ଦାବି କଲେ ବିଜେଡି ଜିଲ୍ଲା ସଭାପତି

ଖଇରା, ୨୫/୧୧ (ନି.ପ୍ର): ପକ୍ଷପାତିତା ଚାଲିଥିବା ଅଭିଯୋଗ ଆଣି ଓଡିଶାର ପୂର୍ବତନ ମନ୍ତ୍ରୀ ତଥା ସିମୁଳିଆ ର ପ୍ରାକ୍ତନ ବିଧାୟକ ତଥା ବିଜେଡି ଜିଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ୨୦ରୁ ଊର୍ଦ୍ଧ ସରପଞ୍ଚ ସମିତି ସଭ୍ୟ,ସମିତି ସଭ୍ୟା ପ୍ରତିନିଧି ଓ ଜିଲା ପରିଷଦ ସଭ୍ୟା ପ୍ରତିନିଧିଙ୍କ ସହ ମଙ୍ଗଳବାର ଖଇରା ବିଡିଓଙ୍କୁ ଭେଟି ଲିଖିତ ଭାବେ ଏହାର ପ୍ରତିବାଦ କରିଛନ୍ତି। ବିଡିଓ ନାରାୟଣ ସାହୁ ଓ ସହକାରୀ ଯନ୍ତ୍ରୀ ଉତ୍ତମ ସାହୁ ଯଥା ସମ୍ଭବ ଏହା ଉପରେ ଦୃଷ୍ଟି ଦେବେ ବୋଲି ଆଲୋଚନା ଅବସରରେ ପ୍ରକାଶ କରିଥିଲେ । ଅଧିକାଂଶ ଲୋକପ୍ରତିନିଧି ବିକଶିତ ଗାଁ ବିକଶିତ ଓଡିଶାରେ ନିର୍ଦ୍ଦିଷ୍ଟ ପଞ୍ଚାୟତର ଲୋକପ୍ରତିନିଧି ମାନେ ଦେଇଥିବା



ପ୍ରକଳ୍ପ ତାଲିକାକୁ ବାଦ ଦିଆଯିବା, ଡଗରପଡା ,ସୁଣ୍ଡିରୋ ଭଳି ପଞ୍ଚାୟତ ଗୁଡିକରେ ବହୁ ବିଧବା ବ୍ୟକ୍ତିଙ୍କୁ ଭତ୍ତାରୁ ବଞ୍ଚିତ ରଖାଯିବା, ଗ୍ରାଣ୍ଟ-ଇନ-ଏଡ ରେ ସରପଞ୍ଚ ସମିତି ସଭ୍ୟ ମାନେ ଦେଇଥିବା ପ୍ରକଳ୍ପ ତାଲିକା କୁ ଅଣଦେଖା କରି ଯନ୍ତ୍ରୀ ମାନେ ଜଣେ ଶାସକ ଦଳ ନେତାଙ୍କ ପାଖରୁ ଲେଖା ଆଣିବାକୁ ବାଧ୍ୟ କରିବା, ଛୁଟିଦିନରେ ସଂଧ୍ୟା ପରେ ଓ ଯନ୍ତ୍ରୀ ଙ୍କ ଅନୁପସ୍ଥିତିରେ ବ୍ଲକ ପରିସରରେ ମିଶନ ଶକ୍ତି କାଫେ ଗୃହର ନିର୍ମାଣ କାର୍ଯ୍ୟ କରାଯିବା,ଟେଣ୍ଡର କିମ୍ବା ପଲ୍ଲିସଭା କରାନଯାଇ ନିର୍ଦ୍ଦିଷ୍ଟ ରାଜନୈତିକ ବ୍ୟକ୍ତି ଦ୍ୱାରା କାର୍ଯ୍ୟ ସମ୍ପାଦିତ ହେବା,ଶ୍ୟାମସୁନ୍ଦପର ପଞ୍ଚାୟତ ପାର୍ବତୀପୁର ଗ୍ରାମ ରାସ୍ତାରେ ନବ ନିର୍ମିତ କଂକ୍ରିଟରେ ଫାଟ ସୃଷ୍ଟି ହେବା,ଗଡପୋଖରୀ ପଞ୍ଚାୟତରେ ରାଜସ୍ୱ ନିରିକ୍ଷକଙ୍କ ଦ୍ୱାରା ଚିହ୍ନଟ ସ୍ଥାନରେ ସରକାରୀ ଗୃହ କରାନଯାଇ ଅନ୍ୟତ୍ର କରାଯିବା ଏବଂ ଅଧାପନ୍ତରିଆ ପ୍ରଧାନମନ୍ତ୍ରୀ ଆବାସ ବାବଦରେ ପୂରାଅର୍ଥ ହଡପ କରାଯିବା ଭଳି ଅଭିଯୋଗ ବିଡିଓଙ୍କ ଆଗରେ ଉତଥାପନ କରିଥିଲେ । ସରପଞ୍ଚ ,ସମିତିସଭ୍ୟ/ସଭ୍ୟା,ସେମାନଙ୍କ ପ୍ରତିନିଧି ଓ ପ୍ରାକ୍ତନ ଲୋକ ପ୍ରତିନିଧିଙ୍କ ମଧ୍ୟରେ ଜୟନ୍ତୀ ପତି, ଦମୟନ୍ତି ସିଂ,ରାଜେନ୍ଦ୍ର ଦାସ, ସଂଯୁକ୍ତା ମହାପାତ୍ର, ନଳିନୀକାନ୍ତ ସାହୁ, ସୁଦର୍ଶନ ସେଠୀ,ରତ୍ନାକର ଦଳେଇ,ଲକ୍ଷ୍ମୀଧର ପଣ୍ଡା,ରବିନ୍ଦ୍ର ବେହେରା,ପ୍ରଫୁଲ୍ଲ ମହାନ୍ତି,ରବିନ୍ଦ୍ର ନାୟକ,ରବିନ୍ଦ୍ର ମହାନ୍ତି,ବିଶ୍ୱଭୁଷଣ ପ୍ରଧାନ,ଶଶାଙ୍କ ମହାପାତ୍ର,ନରେନ୍ଦ୍ର ମହାପାତ୍ର,ରତ୍ନକାର ଦାସ,ବିଜୟ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

# ନାବାଳକର ଝୁଲନ୍ତା ମୃତଦେହ ଉଦ୍ଧାର

ବୈଶିଙ୍ଗା , ୨୫/୧୧ (ନି.ପ୍ର): ବୈଶିଙ୍ଗା ଥାନା ପୁରୁଣିଆ ପଂଚାୟତ ଅଧୀନ ଟିକାୟତପୁର ଗ୍ରାମର ଜୈନେକ ନାବାଳକର ସନ୍ଦେହ ଜନକ ଅବସ୍ଥାରେ ମୃତଦେହ ଉଦ୍ଧାର ହୋଇଛି। ମୃତକ ନାବାଳକଙ୍କ ନାମ ଅବିନାଶ ସିଂ (୧୬) ବୋଲି ବୈଶିଙ୍ଗା ପୁଲିସ ପ୍ରାଥମିକ ତଦନ୍ତ ରୁ ଜାଣିବାକୁ ପାଇଛି। ସୂଚନା ମୁତାବକ ଅବିନାଶ ସିଂଙ୍କ ପିତା ମାତୃ ସିଂ ଙ୍କ ଘର ବେତନଟୀ ଥାନା ଅଧୀନ ଦାନ୍ତିଆମୁହାଁ ଅଞ୍ଚଳର ହୋଇଥିବା ବେଳେ ତାଙ୍କର ବହୁ ବର୍ଷ ପୂର୍ବେ ମୃତ୍ୟୁ ଘଟିଥିଲା।ପରେ ମାତୃ ଙ୍କ ପତ୍ନୀ ତାଙ୍କର ପୁଅ ଅବିନାଶ ଏବଂ ଝିଅକୁ ଛୋଟ ବେଳୁ ତାଙ୍କ ଟିକାୟତପୁର ମାମୁଁ ଘରେ ଛାଡି ଭୁବନେଶ୍ୱର ପଳାଇଥିଲେ। ଉଭୟ ଭାଇ ଭଉଣୀ ମାମୁଁ ଘରେ ବହୁ କଷ୍ଟରେ ବଡ଼ ହୋଇଛନ୍ତି। ତେବେ ମଙ୍ଗଳବାର ସକାଳୁ ପାଖ ପଡୋଶୀ ଅବିନାଶଙ୍କ ଝୁଲନ୍ତା ମୃତଦେହ ଦେଖି ବୈଶିଙ୍ଗା ଥାନାକୁ ସୂଚନା ଦେଇଥିଲେ। ଖବର ପାଇ ବୈଶିଙ୍ଗା ଥାନାର ଇନ୍ସପେକ୍ଟର ପ୍ରଦୀପ ଦୁବେ ଘଟଣାସ୍ଥଳରେ ପହଂଚି ମୃତଦେହ ଜବଦ କରି ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ତେବେ ବୈଶିଙ୍ଗା ପୁଲିସ ପକ୍ଷରୁ ଘଟଣାର ଅଧିକ ତଦନ୍ତ ଜାରିରହିଥିବା ବେଳେ ଶବ ବ୍ୟେବଛେଦ ରିପୋର୍ଟ ଆସିଲେ ଘଟଣାର ପ୍ରକୃତ କାରଣ ଜଣାପଡିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

# ଜଳଖିଆ ଦୋକାନୀଙ୍କ ବାଇକ ଚୋରି

ଖଇରା, ୨୫/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ଗୋଳିହା ପଞ୍ଚାୟତ ଅଧୀନ ପତିରାଜପୁର ଛକ ନିକଟରେ ଜଳଖିଆ ଦୋକାନ କରି ଗୁଜୁରାଣ ମେଣ୍ଟାଉଥିବା ଜୟଗୁରୁ ମିଷ୍ଟାନ ଭଣ୍ଡାରର ମାଲିକ ମଧୁଶୁଦନ ଖଟୁଆଙ୍କର ଏକ ବାଇକ(ଓଡି୦୧ଏଏ୨୬୪୪) ଚୋରୀ ହୋଇ ଯାଇଥିବା ନେଇ ଶ୍ରୀ ଖଟୁଆ ଖଇରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ ଶ୍ରୀ ଖଟୁଆ ୨୩ ତାରିଖ ମଧ୍ୟାହ୍ନରେ ଦୋକାନ ବନ୍ଦକରି ଖଇବାକୁ ବାହାରୁଥିବା ବେଳେ ଦୋକାନ ଆଗରେ ତାଙ୍କ ବାଇକଟି ନଥିବା ଦେଖିବାକୁ ପାଇଥିଲେ । ପରେ ଆଖପାଖ ସ୍ଥାନରେ ବହୁ ଖୋଜାଖୋଜି ପରେ ମଧ୍ୟ ବାଇକର କୌଣସି ସନ୍ଧାନ ନପାଇବା ପରେ ସୋମବାର ଦିନ ଖଇରା ଥାନାର ଦ୍ୱାରସ୍ଥ ହୋଇଛନ୍ତି ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida